

ଅଳକା ଲାମ୍ବା ଦୋଷୀ ସାବ୍ୟସ୍ତ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com


RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 64 ଭାଗ ୩୪ | ସଂଖ୍ୟା ୬୪ | Tuesday 26 May 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୨୬ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ଦୁଇ ବର୍ଷ ପୂର୍ତ୍ତି ଉତ୍ସବକୁ ଆମନ୍ତ୍ରଣ

- ରାଜ୍ୟକୁ କେନ୍ଦ୍ରର ସହଯୋଗ ପାଇଁ ଜଣାଇଲେ କୃତଜ୍ଞତା
- ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ରହିଛି ସ୍ୱତନ୍ତ୍ର ଆକର୍ଷଣ



ନୂଆଦିଲ୍ଲୀ, ୨୫।୫: ତିନି ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି। ଆସନ୍ତା ଜୁନ ୧୨ ତାରିଖରେ ରାଜ୍ୟରେ ବିଜେପି ସରକାରକୁ ଦୁଇ ବର୍ଷ ପୂର୍ତ୍ତି ହେଉଛି। ଏହି ଦୁଇ ବର୍ଷ ପୂର୍ତ୍ତି ଉତ୍ସବରେ ସ୍ୱତନ୍ତ୍ର ଭାବେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହିତ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶାର ଭିତ୍ତିଭୂମିର ବିକାଶ, ପୁଞ୍ଜିନିବେଶ ସୁଯୋଗର ➩ପୃଷ୍ଠା-୬

## ପିଏନ୍‌ଜି, ଏଲ୍‌ପିଜି ଗ୍ରାହକଙ୍କୁ ଆଶ୍ୱସ୍ତି

- ୩୦ ଦିନ ମଧ୍ୟରେ ଏଲ୍‌ପିଜି ସଂଯୋଗ ବନ୍ଦ ଆବେଦନ
- ଏଲ୍‌ପିଜି ଓ ପିଏନ୍‌ଜି ଯୋଗାଣ ବଣ୍ଟନ ନିୟମରେ ସଂଶୋଧନ
- ଗ୍ରାହକମାନଙ୍କୁ ମିଳିବ ଟ୍ରାନ୍ସଫର ଭାଉଚର
- ସ୍ଥାନାନ୍ତରିତ ଚାକିରିଆ ହେବେ ଉପକୃତ



ନୂଆଦିଲ୍ଲୀ, ୨୫।୫: ମଧ୍ୟପ୍ରାଚ୍ୟ ଉତ୍ତେଜନା, ହର୍ମୁଜ ଅବରୋଧ ଯୋଗୁ ଦେଶରେ ତୈଳଦର ଲଗାମହୀନ ହୋଇଥିବା ମୁଦ୍ରାସ୍ଫୀତି ହେତୁ ମୁଦ୍ରାମୂଲ୍ୟ ଦିନକୁଦିନ ଭୁଶୁଡ଼ିବାରେ ଲାଗିଛି। ମୁଦ୍ରାସ୍ଫୀତିର ଏଭଳି ସଂକଟଜନକ ସ୍ଥିତିରେ ପାଇପ୍ ମାଧ୍ୟମରେ ପ୍ରାକୃତିକ ଗ୍ୟାସ (ପିଏନଜି) ସଂଯୋଗ କରିଥିବା ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲପିଜି) ଗ୍ରାହକଙ୍କ ପାଇଁ ସରକାର ଏକ ଆଶ୍ୱସ୍ତିକର ନିଷ୍ପତ୍ତି ନେଇଛନ୍ତି। ସରକାର ଏଲପିଜି ଯୋଗାଣ ଏବଂ ବଣ୍ଟନ ସହିତ ଜଡିତ ନିୟମରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ନୂତନ ନିୟମ ଅନୁଯାୟୀ, ଗ୍ରାହକମାନେ ଏବେ ପିଏନଜି ସଂଯୋଗ କିଣିବା ପରେ ସେମାନଙ୍କର ଏଲପିଜି ସଂଯୋଗ ବାତିଲ କରିପାରିବେ ଏବଂ ଭବିଷ୍ୟତରେ ଏହାକୁ ଆଉଥରେ ଆରମ୍ଭ କରିପାରିବେ। ଏହି ନିୟମ ଅନୁଯାୟୀ ଯେଉଁ ଗ୍ରାହକମାନେ ସେମାନଙ୍କ ଘରେ ପିଏନଜି ସଂଯୋଗ ସ୍ଥାପନ କରିଛନ୍ତି, ସେମାନେ ଏବେ ୩୦ ଦିନ ମଧ୍ୟରେ ସେମାନଙ୍କର ଏଲପିଜି ସଂଯୋଗ ବନ୍ଦ କରିବା ପାଇଁ ଆବେଦନ କରିପାରିବେ। ପୂର୍ବରୁ ଏହି ପ୍ରକ୍ରିୟା ବହୁତ ଜଟିଳ ଓ ସମସ୍ୟାପୂର୍ଣ୍ଣ ଥିଲା।

ସୋମବାର ସରକାର ଏଲପିଜି ଯୋଗାଣ ଏବଂ ବଣ୍ଟନ ନିୟମ ସଂଶୋଧନ ଅର୍ଡର-୨୦୨୬ ଜାରି ➩ପୃଷ୍ଠା-୬

## ଅହଙ୍କାର ବନାମ ସୁବିଧାବାଦୀ


## ବଦଳିଛି ପିଚ୍, ଖେଳାଳି ସମାନ

### ଆତ୍ମବଡ଼ିମାର ଫଳ ପାଇଥିଲେ ବିଜେଡି କାର୍ଯ୍ୟକର୍ତ୍ତା

### ସମାନ ଫର୍ମୁଲାକୁ ଆପଣାଇଛି ବିଜେପି

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) : ରାଜ୍ୟର ଦଳ ବଦଳକାରୀ ନେତାମାନେ ଏବେ ସମାନ ପିଚ୍‌ରେ ସେମାନଙ୍କର ରାଜନୈତିକ ବଲ୍ ଗଡାଇବାରେ ଲାଗିଛନ୍ତି। ବିଜେଡି ସରକାର ସମୟରେ ଦଳ ବଦଳକରି ସରକାରଙ୍କ ପଟକୁ ଆସି ପଦ ପଦବୀ ହାତେଇ ନେଉଥିବାବେଳେ ଏବେ ବିଜେପି ସରକାର ସମୟରେ ବି ସମାନ ଖେଳ ଚାଲିଛି । ନେତାମାନେ ନିଜ ନିଜ ସୁବିଧାରେ ଦଳ ବଦଳ କରି କ୍ଷମତା ହାତେଇବାରେ ଲାଗିଛନ୍ତି।

ଓଡିଶାର ରାଜ୍ୟସଭା ପିଚ୍‌ରେ ଏବେ କିଛିଦିନ ହେଲା ଖେଳ ଚାଲିଛି। ବିଜେଡିର ରାଜ୍ୟସଭା ସାଂସଦମାନେ ଦଳ ବଦଳ କରି ବିଜେପିରେ ସାମିଲ ହୋଇଯାଉଛନ୍ତି। ସୁଜିତ କୁମାର, ମମତା ମହନ୍ତଙ୍କ ପରେ ଏବେ ଦେବାଶିଷ ସାମନ୍ତରାୟଙ୍କ ପାଳି ପଡିଛି। ପୂର୍ବତନ ସାଂସଦ ଅମର ପଟ୍ଟନାୟକ ବି ସମାନ ରାସ୍ତାରେ ଯାଇଛନ୍ତି। ଏହି ନେତାମାନେ ବିଜେଡି ସରକାର ସମୟରେ ଦଳରେ ସାମିଲ ହୋଇ ସମସ୍ତ ପ୍ରକାର ସୁବିଧା ସୁଯୋଗ ନେବା ସହିତ ସଂସଦରେ ବି ପାଦ ରଖିଥିଲେ । ଏମାନଙ୍କ ମଧ୍ୟରୁ ଦେବାଶିଷ ସାମନ୍ତରାୟ ବିଜେଡି ସରକାରରେ ତିନି ଥର ବିଧାୟକ ବି ରହିଥିଲେ ।







ଏମାନଙ୍କ ବ୍ୟତିତ ବିଜେଡି ସରକାର ସମୟରେ କ୍ଷମତା ଉପଭୋଗ ସହିତ ପଦ ପଦବୀ ପାଇଥିବା କରିଥିବା ଶ୍ରୀମୟୀ ମିଶ୍ର, ଏଲିନା ଦାସ, ପ୍ରଶାନ୍ତ ଜଗଦେବ, ସିଦ୍ଧାନ୍ତ ମହାପାତ୍ର, ➩ପୃଷ୍ଠା-୬

## ବିଜେଡି ଓ ରାଜ୍ୟସଭାରୁ ଇସ୍ତଫା ଦେଲେ ଦେବାଶିଷ

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) : ବିଜେଡି ରାଜନୀତିରେ ପୁଣି ଏକ ଝଡ ସୃଷ୍ଟି ହୋଇଛି। ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଆଜି ଉଭୟ ଦଳ ଓ ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବିଧିବଦ୍ଧ ଇସ୍ତଫା ଦେଇଥିବାବେଳେ ଦିଲ୍ଲୀରେ ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ଭେଟି ତାଙ୍କର ଇସ୍ତଫା ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି କ୍ଷମତାରୁ ହଟିବା ପରେ ଦଳର ତୃତୀୟ ରାଜ୍ୟସଭା ସାଂସଦ ଭାବେ ଦେବାଶିଷ ବିଜେଡି ଛାଡ଼ିଛନ୍ତି। ଦେବାଶିଷ ଏକ ରାଷ୍ଟ୍ରୀୟ ଦଳରେ ମିଶିବେ ବୋଲି ଘୋଷଣା କରିସାରିଥିବା ବେଳେ ମଙ୍ଗଳବାର ଦିଲ୍ଲୀରେ ବିଜେପିର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ବିଦ୍ଧିବଧ ଭାବେ ଗୈରିକ ହେବ ବୋଲି ଜଣାପଡିଛି। ବର୍ତ୍ତମାନ ପରିସ୍ଥିତିକୁ ନେଇ ସେ ନିଜର କ୍ଷୋଭ ବ୍ୟକ୍ତ କରି କହିଛନ୍ତି ଯେ, ବିଗତ କିଛି ଦିନ ହେବ ଦଳ ମଧ୍ୟରେ ତାଙ୍କୁ ଯୋଜନାବଦ୍ଧ ଭାବେ ନ୍ୟୁନ କରାଯାଇଛି, ଅପମାନିତ ଓ କୋଣଠେସା ➩ପୃଷ୍ଠା-୬



- ଆଜି ଗୈରିକ ହେବେ ପୂର୍ବତନ ବିଧାୟକ
- ଲିଙ୍କରେ ଆଉ ୩ ସାଂସଦ ଥିବା ଚର୍ଚ୍ଚା

### ଗଙ୍ଗା ଦଶହରା ଅଘଟଣ

## ୭ ମୃତ, ଜଣେ ନିଖୋଜ




ବଦାୟୁଁ, ୨୫।୫:ଗଙ୍ଗା ଦଶହରାରେ ସ୍ନାନ କରିବା ବେଳେ ସୋମବାର ବଦାୟୁଁ ଓ ବରେଲୀରେ ୩୧ ଜଣ ଶ୍ରଦ୍ଧାଳୁ ନଦୀରେ ବୁଡି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୭ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ବାଳିକା ନିଖୋଜ ଅଛନ୍ତି। ଅନ୍ୟବାନଙ୍କୁ ବୁଡ଼ାଳିମାନେ ଉଦ୍ଧାର କରିଛନ୍ତି। ଗଙ୍ଗା ଦଶହରା ପାଇଁ ବଦାୟୁଁରେ ଡିଏମ ଅବିନାଶ ରାୟ ଓ ଏସଏସପି ଅଙ୍କିତା ଶର୍ମା ଗଙ୍ଗାଘାଟରେ ପହଞ୍ଚିବା ସହିତ ଲୋକମାନଙ୍କୁ ଗଭୀର ପାଣିକୁ ନ ଯିବା ପାଇଁ ବାରମ୍ବାର ନିବେଦନ କରିଥିଲେ। ତେବେ ଲୋକେ ପ୍ରଶାସନର ନିବେଦନକୁ ବେଖାତିର କରି ଗଭୀର ପାଣିକୁ ପଶି ବୁଡି ଯାଇଥିବା କୁହାଯାଉଛି।

### ପୁରୀରେ ହେବ ବ୍ରିକ୍ସ ବୈଷୟିକ ସମ୍ମିଳନୀ

## ଯୋଗଦେବେ ୧୦ ରାଷ୍ଟ୍ରର ପ୍ରତିନିଧି

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) : ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ଆୟୋଜିତ ହେବାକୁ ଥିବା ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ବୈଷୟିକ ସମ୍ମିଳନୀ ଆସନ୍ତା ଜୁନ ୩ରୁ ୫ ତାରିଖ ପର୍ଯ୍ୟନ୍ତ ପୁରୀର ତାଜ୍ ପୁରୀ ରିସୋର୍ଟଠାରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ବ୍ରିକ୍ସ ଦେଶଗୁଡ଼ିକର ପ୍ରତିନିଧି ଓ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ୟୁଏଇ ଏବଂ ଚାଇନା ଆଦି ଦେଶର ପ୍ରତିନିଧିଗଣ ଏହି ସମ୍ମିଳନୀରେ ଯୋଗଦେବେ ।




ବିପର୍ଯ୍ୟୟ ପରିଚାଳନାରେ ଅନ୍ତର୍ଜାତୀୟ ସହଯୋଗ ନେଇ ଆଲୋଚନା

ଓଡ଼ିଶାକୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ବୈଠକର ଆୟୋଜକ ଭାବେ ଚୟନ କରାଯାଇଥିବାର ପ୍ରଚ୍ଛଦରେ ରହିଛି ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ରାଜ୍ୟର ସକ୍ରିୟ, ସଫଳ ଏବଂ ସୁଦୃଢ଼ ପଦକ୍ଷେପ। ବିଶେଷକରି ବାତ୍ୟା ପରିଚାଳନା, ଗୋଷ୍ଠୀ-ଭିତ୍ତିକ ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ସଫଳ ଉଦ୍ଧାର ଓ ସ୍ଥାନାନ୍ତରଣ କୌଶଳ ନିମନ୍ତେ ଓଡିଶା ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ହୋଇଆସିଛି। ଏହା ରାଜ୍ୟର ବିପର୍ଯ୍ୟୟ ପରିଚାଳନାର ସଫଳତାକୁ ପ୍ରମାଣିତ କରୁଛି ।

### ରାଜ୍ୟମାନଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଚିଠି

## ଶୃଙ୍ଖଳିତ ନିଟ୍ ପରୀକ୍ଷା ପାଇଁ ଲୋଡ଼ିଲେ ସହଯୋଗ



ପରୀକ୍ଷାର୍ଥୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଅପିଲ୍

ନୂଆଦିଲ୍ଲୀ, ୨୫।୫: ସାରା ଦେଶରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ଜୁନ ୨୧ ତାରିଖରେ ହେବାକୁ ଥିବା ନିଟ ପ୍ରବେଶିକା ପରୀକ୍ଷାକୁ ସୃଙ୍ଖଳିତ, ବ୍ୟବସ୍ଥିତ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଲେଫଟେନାଣ୍ଟ ଗଭର୍ଣ୍ଣର ଓ ପ୍ରଶାସକମାନଙ୍କୁ ଚିଠି ଲେଖି ସହଯୋଗ ଲୋଡିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ନିର୍ଦ୍ଦିଷ୍ଟ ଭାବେ ରୌଦ୍ରତାପକୁ ନଜରରେ ରଖି ସବୁ ପରୀକ୍ଷା କେନ୍ଦ୍ରରେ ପରିକ୍ଷାର୍ଥୀଙ୍କ ପାଇଁ ଆବଶ୍ୟକ ସୁରକ୍ଷା ଓ ସର୍ବନିମ୍ନ ସୁବିଧା ସୁଯୋଗ ମହଜୁଦ କରିବାକୁ ଅପିଲ କରିଛନ୍ତି।

ସ । ର । ଦେଶରେ ଏବେ ହିଟ୍‌ୱେଭ ସ୍ଥିତି ଲାଗି ରହିଛି। ତେଣୁ ଯେଉଁ ସବୁ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ କିମ୍ବା ଅନ୍ୟ ଶିକ୍ଷାନୁଷ୍ଠାନ ଯେଉଁଠାରେ ନିଟ ପ୍ରବେଶିକା ପରୀକ୍ଷା ହେବ ସେଠାରେ ଛାତ୍ରଛାତ୍ରୀଙ୍କ ପାଇଁ ସୁସ୍ଥ ପାନୀୟ ଜଳ, ଫ୍ୟାନ, କୁଲର, ସଫା ଓ୍ୱାସରୁମ୍, ଛାଇ ଥିବା ଓ୍ୱେଟିଂ ଅଞ୍ଚଳ, ନିୟମିତ ବିଦ୍ୟୁତ ସେବା, ପୋର୍ଟେବୁଲ ଟଏଲେଟ ଭଳି ଅତ୍ୟାବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି।

ଛାତ୍ରଛାତ୍ରୀଙ୍କ ସ୍ୱାର୍ଥର ସୁରକ୍ଷା ସର୍ବାଧିକ ଗୁରୁତ୍ୱ ଥିବାରୁ ରାଜ୍ୟ ସରକାରମାନେ ଜୁନ ୨୧ ତାରିଖ ପରୀକ୍ଷା ଦିନ ଆଶାୟୀଙ୍କ ପାଇଁ ଆବଶ୍ୟକ ପରିବହନ ସେବା ଯୋଗାଇ ଦେବାକୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଅପିଲ କରିଛନ୍ତି। ଏଥିସହିତ ଏଥର ନିଟ ପ୍ରବେଶିକା ପରୀକ୍ଷା ସମ୍ପୂର୍ଣ୍ଣ ଭାବେ ଶୃଙ୍ଖଳିତ, ବ୍ୟବସ୍ଥିତ ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବାକୁ ରାଜ୍ୟମାନେ ଆବଶ୍ୟକ ସହଯୋଗ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ୧୧ ଦିନରେ ଚତୁର୍ଥଥର, ଆହୁରି ବଢ଼ିବ

- ପେଟ୍ରୋଲ ଲିଟର ପିଛା ୧୦୯. ୧୬ ଟଙ୍କା
- ସେଞ୍ଚୁରୀ ମାଇଲା ଡିଜେଲ ଦର




ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ):ଓଡ଼ିଶା ସହିତ ସମଗ୍ର ଦେଶରେ ପେଟ୍ରୋଲ ଓ ଡିଜେଲର ଅପ୍ରତ୍ୟାଶିତ ଦରବୃଦ୍ଧି ଜାରି ରହିଛି। ମଧ୍ୟପ୍ରାଚ୍ୟ ବିବାଦ ଯୋଗୁ ବିଶ୍ୱ ଇନ୍ଧନ ବଜାରରେ ବ୍ରେଣ୍ଟ କ୍ରୁଡ୍ ପେଟ୍ରୋଲିଅମର ଦରବୃଦ୍ଧିକୁ ଏହାର କାରଣ ଭାବରେ ଦର୍ଶାଯାଉଛି। ଇନ୍ଧନର ଏହି ଦରବୃଦ୍ଧି କ୍ରମରେ ସୋମବାର ପେଟ୍ରୋଲ ଦର ଲିଟର ପିଛା ୨ଟଙ୍କା ୬୧ ପଇସା ଓ ଡିଜେଲ ଦର ୨ ଟଙ୍କା ୭୧ ପଇସା ବୃଦ୍ଧି ପାଇଛି। ଦୁଇ ସପ୍ତାହ (ପ୍ରାୟ ୧୦ ଦିନ) ମଧ୍ୟରେ ଏହା ହେଉଛି ପେଟ୍ରୋଲ ଓ ଡିଜେଲ ➩ପୃଷ୍ଠା-୬

## ଚର୍ଚ୍ଚାରେ ପ୍ରଦୀପଙ୍କ ଅଚାନକ ଇସ୍ତଫା



ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) : ସଂପ୍ରତି ତତଲା କଡ଼େଇରେ ଓଡ଼ିଶା, ଭୀଷଣ ଗରମ ଓ ଗୁଳୁଗୁଳିରେ ସନ୍ତୁଳି ହେଉଛନ୍ତି ରାଜ୍ୟବାସୀ। ସେପଟେ ଘନ ଘନ ବିଜୁଳିକାଟ ଜନଜୀବନଙ୍କୁ ଅସ୍ତବ୍ୟସ୍ତ କରି ଦେଇଛି। ଏହା ମଧ୍ୟରେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ର ଅଧ୍ୟକ୍ଷ ପଦରୁ ସ୍ୱେଚ୍ଛାକୃତ ଭାବେ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଆଜି ନିଜ ପଦରୁ ଇସ୍ତଫା ଦେଇଥିବା ସୂଚନା ମିଳିଛି। ତାଙ୍କ ଇସ୍ତଫାପତ୍ରକୁ ମଧ୍ୟ ଆଜି ରାଜ୍ୟପାଳ ଗ୍ରହଣ ➩ପୃଷ୍ଠା-୬



## ଆହୁରି ୩ ଦିନ ନିସ୍ତାର ନାହିଁ

- ୩ ଦିନ ପାଇଁ ୩ ଜିଲାକୁ ରେଡ୍‌ୱାର୍ଣ୍ଣିଂ
- ୨୪ ଘଣ୍ଟାରେ ୨୬ ଜିଲାକୁ ଗରମ, ଗୁଳୁଗୁଳି ଚେତାବନୀ
- ବୌଦ୍ଧ ସବୁଠାରୁ ତତଲା ଜିଲ୍ଲା
- ତଳମୁହାଁ ହେଲା ଝାରସୁଗୁଡ଼ାର ପାରଦ



ଭୁବନେଶ୍ୱର ୨୫।୫ (ସଂଚାର ବ୍ୟୁରୋ): ଉତ୍ତର ପଶ୍ଚିମା ଶୁଷ୍କ ପବନ ବୋହିବା ଯୋଗୁ ଏବେ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ୩ ଦିନ ଯାଏ ତାତିରୁ ତ୍ରାହି ମିଳିବ ନାହିଁ। ପୂରା ଓଡ଼ିଶା ଜଳିବ, ଲୋକମାନଙ୍କୁ ଶିଝାଇବ। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ୨୬ ଜିଲାରେ ପ୍ରଚଣ୍ଡ ଖରା, ଗରମ ସହ ଉପକୂଳରେ ଗୁଳୁଗୁଳିର ଚେତାବନୀ ରହିଛି। ଆଜି ଦିନର ଶେଷ ସୁଦ୍ଧା ବୌଦ୍ଧରେ ସର୍ବାଧିକ ୪୫.୯ ଡିଗ୍ରୀ ସେଲସିଅସ୍ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ସମେତ ସମ୍ବଲପୁର ଓ ବଲାଙ୍ଗିର ପ୍ରମୁଖ ୩ଟି ଜିଲାକୁ ଆସନ୍ତା ୩ ଦିନ ପାଇଁ ପାଣିପାଗ ବିଭାଗ ରେଡ୍‌ୱାର୍ଣ୍ଣିଂ ଜାରି କରିଛି। କ୍ରମାଗତ ସର୍ବାଧିକ ତାପମାତ୍ରା ସହ ତତଲା ଜିଲାରେ ପରିଣତ ହୋଇଥିବା ଝାରସୁଗୁଡ଼ାରେ ଆଜି ପାରଦ ତଳମୁହାଁ ହୋଇଛି। ଝାରସୁଗୁଡ଼ାରେ ୪୪.୪ ଡିଗ୍ରୀ ସେଲସିଅସ ରେକର୍ଡ଼ କରାଯାଇଥିବା ବେଳେ ଟିଟଲାଗଡ଼ ୪୫.୫ ଡିଗ୍ରୀ ତାପମାତ୍ରା ସହ ବୌଦ୍ଧ ପଛରେ ରହିଛି। ଭବାନୀପାଟଣା, ନୂଆପଡ଼ା, ସମ୍ବଲପୁର ଓ ବଲାଙ୍ଗିରରେ ତାପମାତ୍ରା ଯଥାକ୍ରମେ ୪୪.୫, ୪୪.୫, ୪୪.୨ ଓ ୪୪.୨ ଡିଗ୍ରୀ ସେଲସିଅସ ରେକର୍ଡ କରାଯାଇଛି। ତେବେ ଝାରସୁଗୁଡ଼ା, ନୂଆପଡ଼ା, କଳାହାଣ୍ଡି, ବରଗଡ଼ ଓ ସୋନପୁରକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

ଆସନ୍ତା ୪ ଦିନ ଉପକୂଳରେ ଗୁଳୁଗୁଳି ସହ ପଶ୍ଚିମ ଓଡ଼ିଶାରେ ତାତି ବଢ଼ିବ ବୋଲି ପାଣିପାଗ ବିଭାଗ କହିଛି। ସେହିଭଳି ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଦିନର ତାପମାତ୍ରା ୨ରୁ ୪ ଡିଗ୍ରୀ ବଢିବା ନେଇ ପୂର୍ବାନୁମାନ କରାଯାଇଛି। ୩୦ରୁ କାଳବୈଶାଖୀ ଯୋଗୁ ପାଗ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ସମ୍ବଲପୁର ଓ ବଲାଙ୍ଗିରକୁ ଉଷ୍ମ ରାତ୍ରି ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ପଶ୍ଚିମ ଓ ଉପକୂଳ ଜିଲ୍ଲାର ୧୮ ଜିଲ୍ଲାକୁ ଉଷ୍ମ ଓ ଆଦ୍ର ସ୍ଥିତି ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ମଙ୍ଗଳବାର ସମ୍ବଲପୁର, ବଲାଙ୍ଗିର ଓ ବୌଦ୍ଧକୁ ରେଡ୍ ଓ୍ୱାର୍ଣ୍ଣିଂ ସହ ଝାରସୁଗୁଡା, ସୋନପୁର, କଳାହାଣ୍ଡି ଓ ନୂଆପଡାର ୪ ଜିଲ୍ଲାକୁ ଅରେଞ୍ଜ ଓ କନ୍ଧମାଳ ଓ ବରଗଡ଼ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ବିଧାନସଭାରେ ପାରଳା ମହାରାଜାଙ୍କ ଶ୍ରାଦ୍ଧଦିବସ



ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ)ଃ ଉତ୍କଳର ସୁଯୋଗ୍ୟ ସନ୍ତାନ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଏକାଧାରରେ ଆଦର୍ଶ ସୁଶାସକ, ପ୍ରଜାବତ୍ସଳ ଓ ଦୂରଦ୍ରଷ୍ଟା ରାଜା, ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ଏବଂ ସାହିତ୍ୟାନୁରାଗୀ। ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ। ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଓଡ଼ିଶାରେ ଅନେକ ଜନହିତକର ଏବଂ ଉନ୍ନୟନମୂଳକ କାର୍ଯ୍ୟ କରିଯାଇଛନ୍ତି। ୧୯୧୪ ମସିହା ଡିସେମ୍ବର ମାସରେ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ର ଅଧିବେଶନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଉତ୍କଳର ଏକତ୍ରୀକରଣ ତଥା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦାବି କରି ଯେଉଁ ଓଜଃସ୍ୱିନୀ ବକ୍ତବ୍ୟ ଦେଇଥିଲେ ତାହା ଅନ୍ୟମାନଙ୍କୁ ଉଦ୍‌ବୁଦ୍ଧ ତଥା ଅନୁପ୍ରେରିତ କରିବା ସହିତ ସ୍ୱତନ୍ତ୍ର ପ୍ରଦେଶ ଗଠନର ମୂଳଦୂଆ ରଖିଥିଲା। ୧୯୭୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା ।

ଆଜି ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବୁଦ୍ଧିଜୀବ ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ମଡେଲ ଭିଲେଜ ମିଶନ ଓ ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନାର ଶୁଭାରମ୍ଭ

- ଆତ୍ମନିର୍ଭର ଓ ସ୍ୱୟଂଶାସିତ ହେବ ଓଡ଼ିଶାର ଗାଁ
- ଗ୍ରାମୀଣ ଭିତ୍ତିଭୂମୀର ହେବ ବିକାଶ



ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) : ବିକଶିତ ଓଡ଼ିଶା ଭିଜନ ୨୦୩୬-୪୭ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ସହ ଯୋଗାଯୋଗ କରି 'ମଡେଲ ଭିଲେଜ ମିଶନ' ଓ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ଶୁଭାରମ୍ଭ କରିଛନ୍ତି ।

ଓଡ଼ିଶାର ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଏବଂ ସାର୍ବଜନୀନ ସ୍ଥାନ ସହିତ ପରିପୂର୍ଣ୍ଣ କରିବା ପାଇଁ ଆଦର୍ଶ ଗ୍ରାମ ମିଶନକୁ ଏକ ପ୍ରମୁଖ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି। ଏହା କେବଳ ସହରାଞ୍ଚଳ ସ୍ତରର ସୁବିଧା ପ୍ରଦାନ କରି ରାଜ୍ୟର ଗ୍ରାମାଞ୍ଚଳଗୁଡ଼ିକୁ ସଶକ୍ତ କରିବ ନାହିଁ, ବରଂ ସେଗୁଡ଼ିକୁ ଆତ୍ମନିର୍ଭରଶୀଳ ଓ ସ୍ୱୟଂଶାସିତ ସମୃଦ୍ଧିର କେନ୍ଦ୍ରରେ ପରିଣତ କରିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୬୭୩୩ଟି ଗ୍ରାମ ପଞ୍ଚାୟତର ସମସ୍ତ ସଦର ଗ୍ରାମକୁ ୨୦୨୯ ସୁଦ୍ଧା ସମସ୍ତ ଆବଶ୍ୟକ ଭିତ୍ତିଭୂମି ଓ ସୁବିଧା ଦିଆଯିବ। ଏହି ଲକ୍ଷ୍ୟ ପୂରଣର ପ୍ରଥମ ପଦକ୍ଷେପ ଭାବେ ଗ୍ରାମ ସ୍ତରରେ ଭିତ୍ତିଭୂମି ଓ ସୁବିଧାର ଅଭାବ ଚିହ୍ନଟ କରିବା ପାଇଁ ଏକ ବେସଲାଇନ ସର୍ଭେ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ଶକ୍ତି ବିଭାଗ ଇତ୍ୟାଦି ସମସ୍ତ ଅଂଶୀଦାର ବିଭାଗ ସହ ପରାମର୍ଶ କରି ସର୍ଭେ ପାଇଁ ଏକ ନିର୍ଦ୍ଧାରିତ ଫର୍ମାଟ ପ୍ରସ୍ତୁତ କରାଯାଇଛି। ଆଜି ବିଭାଗୀୟ ମନ୍ତ୍ରୀ ଏହି ସର୍ଭେ ଫର୍ମାଟକୁ ଉନ୍ମୋଚନ କରିଛନ୍ତି।

ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସଚିବ ଗିରିଶ ଏସ୍.ଏନ୍‌ଙ୍କ ଅଧ୍ୟକ୍ଷତାରେ ସମସ୍ତ ଅଂଶୀଦାର ବିଭାଗର ପ୍ରତିନିଧିମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି। ସେହିପରି ଜିଲ୍ଲାସ୍ତରରେ ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ସଦସ୍ୟ ଭାବେ ନେଇ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯିବାର ବ୍ୟବସ୍ଥା ରହିଛି।

ଏହି ଅବସରରେ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ମଧ୍ୟ ଶୁଭାରମ୍ଭ ହୋଇଥିଲା। ରାଜ୍ୟର ସାମାଜିକ, ସାଂସ୍କୃତିକ, ସାହିତ୍ୟିକ ଏବଂ ରାଜନୈତିକ ଇତିହାସରେ ଅସାଧାରଣ ଅବଦାନ ରଖିଥିବା ମହାପୁରୁଷମାନଙ୍କ ଜନ୍ମିତ ଗ୍ରାମ ପଞ୍ଚାୟତଗୁଡ଼ିକୁ ସାମଗ୍ରିକ ଭାବେ ବିକଶିତ କରି ସେଗୁଡ଼ିକୁ ଆଦର୍ଶ ଗ୍ରାମ ପଞ୍ଚାୟତରେ ପରିଣତ କରିବା ଏହି ଯୋଜନାର ଉଦ୍ଦେଶ୍ୟ। ଏହି ଯୋଜନା ୨୦୨୬-୨୭ ରୁ ୨୦୨୮-୨୯ ପର୍ଯ୍ୟନ୍ତ ତିନି ବର୍ଷ ଅବଧି ପାଇଁ କାର୍ଯ୍ୟକାରୀ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨ଟି ଜିଲ୍ଲାର ୧୬ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହ ଜଡ଼ିତ ୧୫ଟି ଗ୍ରାମ ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହେବ।



## ସିଂଘମ୍ ମୁଡ୍‌ରେ ବ୍ରହ୍ମପୁର ପୁଲିସ୍

# ୫ ଘଣ୍ଟା ନ ପୂରୁଣୁ ଜଗାକୁ ଏନ୍‌କାଉଣ୍ଟର

ବ୍ରହ୍ମପୁର, ୨୫।୫ (ସଂଚାର ବ୍ୟୁରୋ) : ଅପରାଧୀ ବର୍ବରୋଚିତ ହତ୍ୟାକାଣ୍ଡ ଘଟାଇବା ଆଉ ପୁଲିସର ଅପରାଧୀଙ୍କୁ ଏନକାଉଣ୍ଟର କରିବା - ବ୍ରହ୍ମପୁର ପାଇଁ ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ପୋଲିସ୍ ଏନକାଉଣ୍ଟର କରୁଛି ସତ; ମାତ୍ର ଏହାର କୌଣସି ପ୍ରଭାବ ଅପରାଧୀଙ୍କ ଉପରେ ପଡୁନାହିଁ। ବ୍ରହ୍ମପୁର ଗିରିରୋଡ୍ ବର୍ବରତା କାହାରି ମନରୁ ଲିଭି ନଥିବା ବେଳେ ରବିବାର ରାତିରେ ଅପରାଧୀମାନେ ପୁଣି ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟାଇବା ଏହାର ପ୍ରମାଣ ବହନ କରୁଛି। ବଡ଼ବଜାର ଥାନା ଅମ୍ବିକା ନଗର ରାସ୍ତାକଡ଼ରେ ଦୁଇଜଣ ଯୁବକ ଜଣେ ବ୍ୟକ୍ତିଙ୍କୁ ସମସ୍ତଙ୍କ ସାମ୍ନାରେ ଧାରୁଆ ଅସ୍ତ୍ରରେ ହାଣିଛନ୍ତି। ଲୋକମାନେ ଦେଖଣାହାରୀ ସାଜିଛନ୍ତି। ସେମାନଙ୍କୁ ଅଟକାଇବାକୁ କେହି ବି ସାହସ କରିପାରି ନାହାନ୍ତି। ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ଦୁଇଭାଇ ଜଗା ଓ ବଳିଆ ସାହୁ। ସେମାନେ ଅମ୍ବିକା ନଗର ରାସ୍ତାକଡ଼ରେ ଜେଲ୍ ଫେରନ୍ତା ମଙ୍ଗଳ ବେହେରାଙ୍କୁ ଏମିତି ହାଣି ଦରମରା କରିଛନ୍ତି। ସୂଚନାଯୋଗ୍ୟ ଯେ, ମଙ୍ଗଳ ଓ ବଳିଆଙ୍କ ଗୋଷ୍ଠୀ ଭିତରେ ବିଗତ କିଛିଦିନ ଧରି ଶତ୍ରୁତା ଲାଗି ରହିଥିଲା। ଉଭୟ ଜୁଆ ଆଡ୍ଡା ଚଳାନ୍ତି। ଅତୀତରେ ପରସ୍ପର ଉପରେ ବିଭିନ୍ନ କାରଣରୁ ଆକ୍ରମଣ ବି କରିଛନ୍ତି। କିଛିଦିନ ତଳେ ବଳିଆର ଘର ଉପରେ ବୋମା ମାଡ଼ କରି ମଙ୍ଗଳ ଜେଲ୍ ଯାଇଥିଲା। ସେ ଜେଲରୁ ଫେରିବା ପରେ ଦୁଇ ଭାଇ ଜଗା ଓ ବଳିଆ ତାଙ୍କ ଉପରେ ବଦଳା ନେଇଛନ୍ତି। ଏହି ଘଟଣାର ୫ ଘଣ୍ଟା ନ ପୂରୁଣୁ ଅଭିଯୁକ୍ତ ଜଗାକୁ ପୁଲିସ୍ ଏନ୍‌କାଉଣ୍ଟର କରିଛି।

# ପଠାଣୀ ସାମନ୍ତ ପ୍ଲାନେଟାରିୟମରେ ଅଚଳାବସ୍ଥା

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) : କୋମାରେ ଭୁବନେଶ୍ୱର ପଠାଣୀ ସାମନ୍ତ ପ୍ଲାନେଟାରିୟମ। ଦିନେ କି ଦୁଇ ଦିନ ନୁହେଁ, ଦୀର୍ଘ ଏକ ମାସ ହେବ ଏଠାରେ ସମସ୍ତ ସୋ' ବନ୍ଦ ରହିଛି। ଗ୍ରୀଷ୍ମଛୁଟି ଚାଲିଥିବାରୁ ଦୂରଦୂରାନ୍ତରୁ ଶହ ଶହ ଛାତ୍ରଛାତ୍ରୀ ଓ ପର୍ଯ୍ୟଟକ ଆସି ନିରାଶ ହୋଇ ଫେରୁଛନ୍ତି।



ଯାନ୍ତ୍ରିକ ତ୍ରୁଟି ଦର୍ଶାଇ କର୍ତ୍ତୃପକ୍ଷ ନୋଟିସ ମାରି ଚୁପ୍ ବସିଛନ୍ତି। ଗତ ଏପ୍ରିଲ ୧୭ ତାରିଖରୁ ଏଠାରେ କୌଣସି ବି ସୋ' ଚାଲୁନାହିଁ। ପୂର୍ବରୁ ଲିକ୍ୱିଡ ପ୍ରୋଜେକ୍ଟରରେ ଦୁର୍ବଳ ଭିଜୁଆଲ ଆସୁଥିବା ବେଳେ, ଏବେ ଏମି-ପ୍ଲାଷ୍ଟ ସମ୍ପୂର୍ଣ୍ଣ ଖରାପ ହୋଇପଡ଼ିଛି। ଫଳରେ ଦୈନିକ ପ୍ରାୟ ହଜାରେରୁ ଅଧିକ ପର୍ଯ୍ୟଟକ ନିରାଶ ହୋଇ ଫେରୁଛନ୍ତି। ଖରାଛୁଟି ଚାଲିଥିବାରୁ, ପିଲାମାନେ ମହାକାଶର ରହସ୍ୟ ତଥା ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ହେଉଥିବା ବିଭିନ୍ନ ସୋ' ଦେଖିବାକୁ ଆଗ୍ରହର ସହ ଆସୁଛନ୍ତି, ହେଲେ ଏଠାରେ ଏକ ଛୋଟ ନୋଟିସ ବୋର୍ଡରେ ପ୍ଲାନେଟାରିୟମ ବନ୍ଦ ବୋଲି ଲେଖାଯାଇଛି ଯାହାକୁ ନେଇ କ୍ଷୁବ୍ଧ ହେଉଛନ୍ତି ଦୂର ଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ। ବିଜ୍ଞାନ ଓ ବୈଷୟିକ ବିଭାଗର ଅଧିକାରୀମାନେ ସବୁ ଜାଣି ସୁଦ୍ଧା ଆଖି ବୁଜି ଦେଇଛନ୍ତି।

## ହିଟୱେଭ ପାଇଁ ସିଇଓଙ୍କ ମାର୍ଗଦର୍ଶିକା

# ବଦଳିଲା ଏସଆଇଆର ସମୟସୂଚୀ

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) : ରାଜ୍ୟର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ବିଏଲ୍‌ଓ ସୁପରଭାଇଜରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମେ ୩୦ରୁ ଆରମ୍ଭ ହେବାକୁ ଥିବା ଏସଆଇଆର କାର୍ଯ୍ୟକ୍ରମରେ ଭୋଟର ତାଲିକାକୁ ଅଧିକ ତ୍ରୁଟିଶୂନ୍ୟ ଓ ବ୍ୟାପକ କରିବା ଲକ୍ଷ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟତଃ କ୍ଷେତ୍ର ସ୍ତରୀୟ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ସରକାରୀ ନିୟମାବଳୀର ସଠିକ ଅନୁପାଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏସଆଇଆର କାର୍ଯ୍ୟର କିପରି ସଫଳ ରୂପାୟନ କରାଯିବ, ସେ ନେଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା। ଏସଆଇଆର ସମୟରେ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ କିପରି ଅଧିକ ସହଜ, ସ୍ୱଚ୍ଛ ଓ ଶୃଙ୍ଖଳିତ କରାଯାଇପାରିବ, ସେଥିପାଇଁ ବିଏଲ୍‌ଓମାନଙ୍କୁ ମାର୍ଗଦର୍ଶନ ଦିଆଯାଇଛି।



ସେପଟେ ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ନିଯୁକ୍ତ ବୁଥ୍ ସ୍ତରୀୟ ଅଧିକାରୀଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ସକାଳ ୬ ରୁ ଦିନ ୧୧ ଏବଂ ଅପରାହ୍ନ ୪ ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଫିଲଡ଼ ୱାର୍କ ଏବଂ ଦିନ ୧୨ ରୁ ଅପରାହ୍ନ ୩ଟା ଯାଏ ଫିଲଡ଼ ୱାର୍କ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅଂଶୁଘାତରୁ ରକ୍ଷା ପାଇବା ପାଇଁ କର୍ତ୍ତବ୍ୟ ସମୟରେ ପ୍ରତ୍ୟେକ ଅଧିକାରୀ ନିଜ ସାଙ୍ଗରେ ପାଣି ବୋତଲ, ଓଆରଏସ କିମ୍ବା ଇଲେକ୍ଟ୍ରୋଲାଇଟ୍ ପ୍ୟାକେଟ୍, ଟୋପି କିମ୍ବା ଛତା, ଜରୁରୀକାଳୀନ ଯୋଗାଯୋଗ ପାଇଁ ସକ୍ରିୟ ମୋବାଇଲ୍ ଫୋନ୍ ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ସବୁ ଜିଲ୍ଲାପାଳ, ଜିଲ୍ଲା ନିର୍ବାଚନ ଅଧିକାରୀ, ବିଏମସି କମିଶନର ଏବଂ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନଙ୍କୁ ଅଂଶୁଘାତ ସତର୍କତା ଅନୁପାଳନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

# ନିଜ ସ୍ୱାର୍ଥ ପାଇଁ ଇସ୍ତଫା ଦେଇଛନ୍ତି ଦେବାଶିଷ

## ଦଳ ଅପେକ୍ଷା ବ୍ୟବସାୟିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଜେପି ମୁହାଁ

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ)ଃ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ବିଜୁ ଜନତା ଦଳରୁ ସମସ୍ତ ସୁବିଧା ସୁଯୋଗ ହାସଲ କରିଲା ପରେ ଆଜି ଦଳରୁ ଇସ୍ତଫା ଦେଇ ନିଜ ସ୍ୱାର୍ଥପରତାର ପରିଚୟ ଦେଇଛନ୍ତି। ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଯେଉଁ ଦଳ ତାଙ୍କୁ ଦଳ ଓ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଥିଲା, ସାମାନ୍ୟ ବ୍ୟକ୍ତିଗତ ଓ ବ୍ୟବସାୟିକ ସ୍ୱାର୍ଥ ହାସଲ ପାଇଁ ସେହି ଦଳରୁ ଇସ୍ତଫା ଦେଇ ବିଜେପି ମୁହାଁ ହୋଇଛନ୍ତି ଦେବାଶିଷ।

ଦଳର ସଭାପତି ନବୀନ ପଟ୍ଟନାୟକ, ଦେବାଶିଷଙ୍କୁ ଦଳୀୟ ସଂଗଠନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଦାୟିତ୍ୱ ସହ ରାଜ୍ୟସଭା ସାଂସଦ ଭାବେ ପଠାଇଥିଲେ। ପାଞ୍ଚ ପାଞ୍ଚ ଥର ଟିକେଟ ଦେଇ ୩ ଥର ବିଧାୟକ ହୋଇଥିଲେ ଏବଂ ଓଟିଡିସିର ଅଧ୍ୟକ୍ଷ ମଧ୍ୟ ହୋଇଥିଲେ। କଟକ ଜିଲ୍ଲାର ସଭାପତି କରିଥିଲେ। ଦଳରୁ ସେ ଆଉ କ'ଣ ଅଧିକ ଆଶା କରୁଥିଲେ, ତାହା ପ୍ରକାଶ କଲେ ଭଲ ହୁଅନ୍ତା। କ୍ଷମତାରେ ଥିଲା ବେଳେ ସମସ୍ତ ଫାଇଦା ହାସଲ କରି ବିରୋଧୀ ଦଳ ଥିଲା ବେଳେ ଦଳର ହାତ ଛାଡି ଦେବାଶିଷ



କାହିଁକି ବିଜେପି ମୁହାଁ ହୋଉଛନ୍ତି, ତାହା କଟକବାସୀ ବିଚାର କରିବେ। ବ୍ୟବସାୟିକ ଓ ବ୍ୟକ୍ତିଗତ ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ସେ ଦଳରୁ ଇସ୍ତଫା ଦେବା ଦ୍ୱାରା ଦଳର ସଂଗଠନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ବିଜୁ ଜନତା ଦଳର ଲକ୍ଷ ଲକ୍ଷ କର୍ମୀ ତୃଣମୂଳ ସ୍ତରରେ ନବୀନ ବାବୁଙ୍କ ନେତୃତ୍ୱରେ କାମ କରୁଛନ୍ତି । ସମସ୍ତେ ଜାଣିଛନ୍ତି ଦଳ ଏତେ ସବୁ ଦେବା ସତ୍ତ୍ୱେ ଗତ ଦୁଇ ବର୍ଷ ଧରି ସେ ଦଳୀୟ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିଲେ।



# ଗୃହ ବିଭାଗର ଓଏସ୍‌ଡି ହେଲେ ଦୟାଳ

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) : ୧୯୯୮ ବ୍ୟାଚର ବରିଷ୍ଠ ଆଇପିଏସ ଅଫିସର ତଥା ଅତିରିକ୍ତ ଡିଜି କମ୍ୟୁନିକେସନ ଦୟାଲ ଗଙ୍ଗୱାରଙ୍କର ବଦଳି ହୋଇଛି। ତାଙ୍କୁ ଗୃହ ବିଭାଗରେ ଓଏସଡି ଭାବେ ନିଯୁକ୍ତ କରିଛନ୍ତି ରାଜ୍ୟ ସରକାର। ସେହିଭଳି ଗତ ୨୩ ତାରିଖରେ ହୋଇଥିବା ଆଇପିଏସ ବଦଳି ସମ୍ପର୍କିତ ବିଜ୍ଞପ୍ତିରେ ସମାନ୍ୟ ସଂଶୋଧନ କରାଯାଇଛି। ୨୩ ତାରିଖର ବିଜ୍ଞପ୍ତି ଅନୁଯାୟୀ ୨୦୧୩ ବ୍ୟାଚର ଆଇପିଏସ ତଥା କ୍ରାଇମବ୍ରାଞ୍ଚ ଏସପି ପରମାର ସ୍ମିତ ପର୍ଶୋତ୍ତମଦାସଙ୍କୁ ନୟାଗଡ ଏସପି ଭାବେ ବଦଳି କରାଯାଇଥିଲା। ଆଜି ଏହାକୁ ସଂଶୋଧନ କରାଯାଇ ତାଙ୍କୁ ଖୋର୍ଦ୍ଧା ଏସପି ଭାବେ ଅବସ୍ଥାପିତ କରାଯାଇଛି। ସେହିଭଳି ୨୩ ତାରିଖ ବିଜ୍ଞପ୍ତିରେ ୨୦୧୯ ବ୍ୟାଚ ଆଇପିଏସ ତଥା ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ଖୋର୍ଦ୍ଧା ଏସପି ଭାବେ ବଦଳି କରାଯାଇଥିଲା। ଆଜି ଏଥିରେ ସଂଶୋଧନ କରାଯାଇ ତାଙ୍କୁ ନୟାଗଡ ଏସପି ଭାବେ ଅବସ୍ଥାପିତ କରାଯାଇଛି।

# ଦୁର୍ବଳ ସରକାର, ଦୁର୍ବଳ ପୁଲିସଃ କଂଗ୍ରେସ

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ)ଃ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ହତ୍ୟା, ଅପହରଣ, ଗଣଦୁଷ୍କର୍ମ, ଭିଡହିଂସା ରୋକିବାରେ ସରକାର ବିଫଳ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଏଭଳି ଅଭିଯୋଗ କରିଛନ୍ତି। ପୂର୍ବ ବିଜେଡ଼ି ସରକାରର ଏକଛତ୍ରବାଦୀ ଶାସନକୁ ବିରୋଧ କରି ସାଧାରଣ ଜନତାଙ୍କୁ ସୁଶାସାନ ଦେବୁ କହି ଶାସନକୁ ଆସିଥିବା ବିଜେପି ସରକାର ବର୍ତ୍ତମାନ ସାରା ଓଡ଼ିଶାରେ ଏକ ଭୟର ବାତାବରଣ ସୃଷ୍ଟି କରିଛନ୍ତି। ଅପରାଧୀମାନେ ଆଇନ କାନୁନକୁ ଭୟ କରୁନାହାନ୍ତି। ଏପରିକି ଜନଗହଳିପୂର୍ଣ୍ଣ ସ୍ଥାନରେ ହତ୍ୟା କରିବାକୁ ମଧ୍ୟ ପଛାଉନାହାନ୍ତି। କଣାସ, ବାଲିଅନ୍ତା ପରେ ବ୍ରହ୍ମପୁରରେ ଦୁଇ ଦୁଇ ଥର ଭିଡ ହିଂସା ଓ ହତ୍ୟା ଉଦ୍ୟମ ପୁଲିସର ଅପାରଗତାକୁ ଦର୍ଶାଉଛି ବୋଲି ସେ ଅଭିଯୋଗ କରିଛନ୍ତି।




ବ୍ରହ୍ମପୁରର ଜନଗହଳିପୂର୍ଣ୍ଣ ବଡ଼ ବଜାର ପୁଲିସ ଷ୍ଟେସନ ପାଖରେ ମଙ୍ଗଳା ବେହେରା ନାମକ ଏକ ଯୁବକକୁ ଦୁଇଜଣ ଯୁବକ ଜଗା ସାହୁ ଓ ଅନ୍ୟ ଜଣେ ଖଣ୍ଡା ଦ୍ୱାରା ସର୍ବସମ୍ମୁଖରେ ହାଣିବାର ଦୃଶ୍ୟ ସାରା ଓଡ଼ିଶାବାସୀଙ୍କ ଛାତି ଥରାଇ ଦେଇଛି। ଅପରାଧିଙ୍କ ଆଇନ କାନୁନ ପ୍ରତି ଭୟ ନାହିଁ। ପୁଲିସର ବେପରୁଆ ମନୋଭାବ ଅପରାଧିଙ୍କୁ ପ୍ରଶ୍ରୟ ଯୋଗାଉଛି। ଗୋଟିଏପଟେ ମୁଖ୍ୟମନ୍ତ୍ରୀ ଛୁଟି ଦିନରେ ମଧ୍ୟ ପୁଲିସ ଅଫିସରଙ୍କ ସାଥିରେ ବସି କାମ କରୁଛି ବୋଲି ପ୍ରଚାର ପ୍ରସାର କରୁଛନ୍ତି, ଅନ୍ୟପଟେ ଅପରାଧୀ ଭୟମୁକ୍ତ ହୋଇ ବାରମ୍ବାର ଅପରାଧ କରିଚାଲିଛନ୍ତି। ଭୁବନେଶ୍ୱରରେ ଜଣେ ମହିଳା ଟ୍ରାଫିକ କନେଷ୍ଟବଳଙ୍କୁ ଅନ୍ୟଜଣେ ପୁଲିସ କର୍ମଚାରୀଙ୍କ ଦ୍ୱାରା ହତ୍ୟା, ବାଲିଅନ୍ତାରେ ଜଣେ ପୁଲିସ କର୍ମଚାରୀଙ୍କ ଭିଡ ହିଂସା ଦ୍ୱାରା ହତ୍ୟା ଏବଂ ଅନୁଗୁଳରେ ଜଣେ ମହିଳା ପୁଲିସ ଅଫିସର ଉପରିସ୍ଥ ଅଫିସରଙ୍କ ଦ୍ୱାରା ନିର୍ଯାତିତ ଏହା ପ୍ରମାଣିତ କରୁଛି ଯେ ପୁଲିସ ନିଜେ ନିଜର ସୁରକ୍ଷା ଦେବାକୁ ଅକ୍ଷମ। ରାଜ୍ୟରେ ନିହାତି ଏକ ଦୁର୍ବଳ ଶାସନ ଚାଲିଛି। ସରକାରଙ୍କ ବିରୋଧରେ ଲୋକଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅପରାଧ ହିଂସା ଓ ଅପାରଗତାରେ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିବ ବୋଲି ଜଣାପଡ଼ିଲାଣି। ଯଦି ଜନତାଙ୍କୁ ସୁରକ୍ଷା, ନ୍ୟାୟ ଓ ଅଧିକାର ଦେବାପାଇଁ ମୁଖ୍ୟମନ୍ତ୍ରୀ ସକ୍ଷମ ନାହାନ୍ତି ତେବେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ଛଅ ଜଣ ରେଳ କର୍ମଚାରୀ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) : ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବାରେ ଅସାଧାରଣ ସତର୍କତା ଏବଂ ସମର୍ପଣ ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଛଅ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ସେମାନେ ହେଲେ, ଟ୍ରାକ୍ ମେଣ୍ଟେନର୍ ବୁର୍ଲେ ସୂର୍ଯ୍ୟନାରାୟଣ, ଅଶୋକ କୁମାର ମହାନ୍ତି, ଟି. ସନମୁଖ ରାଓ, ଲୋକୋ ପାଇଲଟ ରାମ କୁମାର, ଜେଇ ଶେଖ ଆୟାସୁଦ୍ଦିନ ଓ ବରିଷ୍ଠ ଗୁଡ୍ସ ଟ୍ରେନ ମ୍ୟାନେଜର ୱାଇ. ଆପ୍ପା ରାଓ। ସେମାନଙ୍କର ସତର୍କତା, ଉପସ୍ଥିତ ବୁଦ୍ଧି ଏବଂ ତୁରନ୍ତ ପଦକ୍ଷେପ ରୋଲିଂ ଷ୍ଟକ୍ ଏବଂ ଟ୍ରାକ୍ ଭିତ୍ତିଭୂମିରେ ଥିବା ଜଟିଳ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିଥିଲା, ଯାହା ସମ୍ଭାବ୍ୟ ଦୁର୍ଘଟଣାକୁ ରୋକିବା ସହ ସୁରକ୍ଷା ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମହାପ୍ରବନ୍ଧକ ସେମାନଙ୍କର ନିଷ୍ଠା, ସତର୍କତା ଏବଂ କର୍ତ୍ତବ୍ୟ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଟ୍ରାକ୍ ମେଣ୍ଟେନର୍, ଟ୍ରେନ୍ ମ୍ୟାନେଜର୍, ଲୋକୋ ପାଇଲଟ୍ ଏବଂ ଅନ୍ୟାନ୍ୟ ଅପରେସନାଲ୍ କର୍ମଚାରୀଙ୍କ ଭଳି ଫ୍ରଣ୍ଟଲାଇନ୍ ଷ୍ଟାଫ୍ ରେଳ କାର୍ଯ୍ୟର ସୁରକ୍ଷା ଏବଂ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ପୂର୍ବତଟ ରେଳପଥ ସୁରକ୍ଷା ଏବଂ କାର୍ଯ୍ୟ ଦକ୍ଷତାର ଉତ୍କର୍ଷତା ଏବଂ ଜନସାଧାରଣଙ୍କ ସେବାରେ ରେଳ କର୍ମଚାରୀଙ୍କ ଉତ୍ସର୍ଗିକୃତ ପ୍ରୟାସକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ବୋଲି ସେ କହିଥିଲେ।

# ଗଛ ପଡ଼ି ଝିଅର ମୃତ୍ୟୁ, ମା' ଆହତ

କରଞ୍ଜିଆ ,୨୫।୫ (ସଂଚାର ବ୍ୟୁରୋ) : ମୟୂରଭଂଜ ଠାକୁରମୁଣ୍ଡା ଖଡ଼ବନ୍ଧ ମଜୁରାପୋଷିରେ ଗଛ ପଡି ମାଆ ଆହାତ ଓ ଝିଅର ମୃତ୍ୟୁ। ମୃତକ ହେଲେ ମଜୁରାପୋଷିର ଦୁର୍ଯୋଧନ ପାତ୍ରଙ୍କ ଝିଅ ସ୍ୱିଟି । ଦୁର୍ଯୋଧନଙ୍କ ପତ୍ନୀ ପୂଜାରାଣୀଙ୍କ ହାତ ଭାଙ୍ଗିଯାଇଥିବା ବେଳେ, ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଆଜି ଅପରାହ୍ନରେ କାଳବୈଶାଖୀରେ ଦୁର୍ଯୋଧନଙ୍କ ଘରର ଆଜବେଷ୍ଟସ ଉଡାଇ ନେଇଥିଲା । ପରିବାର ଲୋକ ଏକ ପାଖ ଘରକୁ ଦୌଡ଼ି ଯାଉଥିବା ବେଳେ, ଏକ ବଡ଼ ଡାଳ ପୂଜାରାଣୀ ଓ ସ୍ୱିଟିଙ୍କ ଉପରେ ପଡିଯାଇଥିଲା। ଉଭୟଙ୍କ ପରିବାର ଲୋକ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ, ଡାକ୍ତର ଝିଅ ସ୍ୱିଟିଙ୍କୁ ମୃତ ଘୋଷଣା କରିଥିଲେ । ଝଡ଼ର ପ୍ରଭାବରେ ବହୁ ଘରର ଛାତ ଉଡିଯାଛି ।

# ଓଡ଼ିଶାର ଯୁବପିଢ଼ିଙ୍କୁ ସଶକ୍ତ କରୁଛି ବେଦାନ୍ତ

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) : ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଏକ ଛୋଟ ଗାଁରେ, ବଡ଼ ସ୍ୱପ୍ନ ଥିବା ଜଣେ ଉଜ୍ଜ୍ୱଳ ଯୁବକ ଅଭିରାମ ସାହୁଆ ଥରେ ବିଭିନ୍ନ ଛୋଟ ଛୋଟ କାମ କରି ଦିନ କାଟୁଥିଲେ ଯାହା ତାଙ୍କୁ ଏକ ଛୋଟ ରୋଜଗାର କରିବାରେ ସାହାଯ୍ୟ କରିଥିଲା କିନ୍ତୁ ତାଙ୍କ ଜିବନ ଧାରଣ ପାଇଁ ଯଥେଷ୍ଟ ନଥିଲା। ସୀମିତ ସାମାଜିକ ସମର୍ଥନ ଏବଂ ଅଳ୍ପ ଉଦ୍ୟୋଗୀ ସୁଯୋଗ ସହିତ, ଏକ ସ୍ଥିର ଜୀବିକା ପାଇବା କଷ୍ଟକର ଥିଲା। ଆଜି, ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ ସାହାଯ୍ୟରେ, ସେ ଆତିଥ୍ୟ କ୍ଷେତ୍ରରେ ଏକ ଚାକିରି ପାଇଛନ୍ତି, ଯାହା ତାଙ୍କୁ ନିୟମିତ ଆୟ ଅର୍ଜନ କରିବାରେ ଏବଂ ଏକ ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ସାହାଯ୍ୟ କରୁଛି।



କଳାହାଣ୍ଡି ଜିଲ୍ଲା ପରି ଦୂରବର୍ତ୍ତୀ ଏବଂ ଆର୍ଥିକ ଦୃଷ୍ଟିରୁ ଅନୁନ୍ନତ ଅଂଚଳରେ, ଅନେକ ଯୁବକ ଜୀବନଜୀବିକା, ଅନିୟମିତ ଆୟ ଏବଂ ଆନୁଷ୍ଠାନିକ ନିଯୁକ୍ତି ସୁଯୋଗର ସୀମିତ ସଂସ୍ପର୍ଶ ସହିତ ସଂଘର୍ଷ କରିଚାଲିଛନ୍ତି। ଭୌଗୋଳିକ ବିଚ୍ଛିନ୍ନତା, ଆର୍ଥିକ କଷ୍ଟ ଏବଂ ଶିଳ୍ପମୁଖୀ ତାଲିମର ଅଭାବ ପ୍ରାୟତଃ ଗ୍ରାମୀଣ ଯୁବକମାନଙ୍କୁ ଦେଶର ଅଭିବୃଦ୍ଧି ଯାତ୍ରାରେ ଅର୍ଥପୂର୍ଣ୍ଣ ଭାବରେ ଅଂଶଗ୍ରହଣ କରିବାରୁ ବାଧା ଦିଏ। ଏପରି ଅଂଚଳରେ, ଦକ୍ଷତା ବିକାଶ ଯୁବପିଢ଼ିଙ୍କୁ ମୁଖ୍ୟଧାରାରେ ସାମିଲ କରିବା ଏବଂ ଦେଶର ଅର୍ଥନୀତିରେ ସେମାନଙ୍କର ଅବଦାନକୁ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ହୋଇଯାଏ। ଏହି ବ୍ୟବଧାନକୁ ଚିହ୍ନି, ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ ଏବଂ ଭବାନୀପାଟଣାରେ ଏହାର ବେଦାନ୍ତ ଦକ୍ଷତା ବିକାଶ କେନ୍ଦ୍ର ମାଧ୍ୟମରେ ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରୁଛି। ନାବାର୍ଡ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସଡିଏ) ସହ ସହଭାଗୀତାରେ ପ୍ରତିଷ୍ଠିତ, ଏହି କେନ୍ଦ୍ରଗୁଡ଼ିକ ଏକ ଅଧିକ ଅନ୍ତର୍ଭୁକ୍ତ ଦକ୍ଷତା ଇକୋସିଷ୍ଟମରେ ଯୋଗଦାନ ଦେଉଛନ୍ତି, ଯେଉଁଠାରେ ତାଲିମ ଶିଳ୍ପ ଚାହିଦା ଏବଂ ଦୀର୍ଘକାଳୀନ ନିଯୁକ୍ତି ସହିତ ଘନିଷ୍ଠ ଭାବରେ ସମନ୍ୱିତ। ଏହି କାର୍ଯ୍ୟକ୍ରମଗୁଡ଼ିକ ଯୁବକ ଯୁବତୀମାନଙ୍କୁ ବ୍ୟବହାରିକ, ବଜାର-ପ୍ରାସଙ୍ଗିକ କ୍ଷମତା ସହିତ ସଜ୍ଜିତ କରିବା ସହିତ ଯୋଗାଯୋଗ ଦକ୍ଷତା, ଡିଜିଟାଲ୍ ସାକ୍ଷରତା, କର୍ମକ୍ଷେତ୍ର ଶିଷ୍ଟାଚାର ଏବଂ ବୃତିଗତ ଆତ୍ମବିଶ୍ୱାସକୁ ପୋଷଣ କରିବା ପାଇଁ ଡିଜାଇନ୍ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ୧,୧୮୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ସେମଧ୍ୟରୁ ୮୫୩ ଜଣ ପ୍ରାର୍ଥୀ ଆତିଥ୍ୟ ଭଳି କ୍ଷେତ୍ରରେ ସ୍ଥାନ ପାଇଛନ୍ତି। ୬୦ ଜଣ ଛାତ୍ରଛାତ୍ରୀ ବର୍ତ୍ତମାନ ଇଣ୍ଟର୍ଣ୍ଣସିପ୍ କରୁଛନ୍ତି, ପୂର୍ଣ୍ଣକାଳୀନ ନିଯୁକ୍ତିରେ ପରିବର୍ତ୍ତନ ହେବା ପୂର୍ବରୁ ଶିଳ୍ପ ସହିତ ହାତ ମିଳାଇ ଶିଳ୍ପ ଅଭିଜ୍ଞତା ହାସଲ କରୁଛନ୍ତି। ଦୃଢ଼ ଶିଳ୍ପ ସଂଯୋଗ ମାଧ୍ୟମରେ, ପ୍ରଶିକ୍ଷାର୍ଥୀମାନେ ସାରା ଭାରତରେ ଅଗ୍ରଣୀ ହୋଟେଲ ଏବଂ ଆତିଥ୍ୟ ଶୃଙ୍ଖଳା ସହିତ ସୁଯୋଗ ପାଇଛନ୍ତି। ତଥାପି, ବେଦାନ୍ତ ଆଲୁମିନିୟମର ପଦକ୍ଷେପର ପ୍ରକୃତ ପ୍ରଭାବ ବ୍ୟକ୍ତିଗତ ସ୍ଥିରତା ଏବଂ ପରିବର୍ତ୍ତନର ଅନେକ କାହାଣୀ ମାଧ୍ୟମରେ ଭଲ ଭାବରେ ବୁଝାଯାଏ।

# ଉଚ୍ଚ ସ୍ତରୀୟ କମିଟି ସଦସ୍ୟଙ୍କୁ ଭେଟିଲେ ମହାନଦୀ ବଞ୍ଚାଓ ଟିମ୍

## ଟ୍ରିବ୍ୟୁନାଲ ନିକଟରେ ଦାଖଲ ତଥ୍ୟର ସମୀକ୍ଷା କରିବା ପାଇଁ ଦାବି

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ)ଃ ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚ ସ୍ତରୀୟ କମିଟିର ଅଧକ୍ଷ ତଥା ଅନ୍ୟାନ୍ୟ ସଦସ୍ୟମାନଙ୍କୁ ଆଜି ମହାନଦୀ ବଞ୍ଚାଅ ଅଭିଯାନ ପକ୍ଷରୁ ସ୍ମାରକପାତ୍ର ଦିଆଯାଇଛି। ଗତ ମେ ମାସ ୨ ତାରିଖରେ ଟ୍ରିବୁନାଲ ନିକଟରେ ମହାନଦୀରେ ଉପଲବ୍ଧ ଜଳରାଶି ସମ୍ପର୍କିତ ଯେଉଁ ତଥ୍ୟ ପ୍ରଦାନ କରାଯାଇଛି ତାକୁ କମିଟି ସମୀକ୍ଷା କରିବାକୁ ଏଥିରେ ଦାବି କରାଯାଇଛି।



ଆଜି ମହାନଦୀ ବଞ୍ଚାଓ ଆନ୍ଦୋଳନର ପ୍ରତିନିଧି ଦଳ ଉଚ୍ଚ ସ୍ତରୀୟ କମିଟିର ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ବାସଭବନରେ ତାଙ୍କୁ ଭେଟି ଦାବିପତ୍ର ଦେବା ସହିତ ଟ୍ରିବୁନାଲ ନିକଟରେ ଦାଖଲ ହୋଇଥିବା ତଥ୍ୟର ଅନୁଧ୍ୟାନ କରିବା ସହିତ ସେହି ଡାଟାକୁ ଗ୍ରହଣ ନକରିବା ପାଇଁ ନିବେଦନ କରିଥିଲେ। ପରେ କମିଟିର ଅନ୍ୟ ସଦସ୍ୟ ଯଥା ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ସ୍ୱାଇଁ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ରଙ୍କ ବାସଭବନକୁ ଯାଇ ସେମାନଙ୍କ ଅନୁପସ୍ଥିତିରେ ଦାବିପତ୍ରକୁ ସେମାନଙ୍କ ଦପ୍ତରରେ ପ୍ରଦାନ କରିଥିଲେ । ବିଧାୟିକା ସୋଫିଆ ଫିର୍ଦୋଷଙ୍କୁ ଇମେଲ ଯୋଗେ ଏହି ଦାବିପତ୍ର ପଠାଯାଇଛି ।

ଟ୍ରିବୁନାଲ ନିକଟରେ ଦାଖଲ ହୋଇଥିବା ତଥ୍ୟକୁ ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଚାଲେଞ୍ଜ କରାଯାଇଛି ଏବଂ ଏହି ତଥ୍ୟ ଓଡ଼ିଶା ପାଇଁ ଆତ୍ମଘାତି ସାବ୍ୟସ୍ତ ହେବ ବୋଲି ଚେତାବନୀ ଦିଆଯାଇଛି । ମହାନଦୀରେ ବାର୍ଷିକ ହାରାହାରି ଜଳ ରାଶିର ତଥ୍ୟ ଅଢୁଆଳରେ ଅଣମୌସୁମୀ ସମୟରେ ଓଡ଼ିଶାର ଦୁର୍ଦ୍ଦଶା ଓ ଜଳ ସଙ୍କଟର ବାସ୍ତବ ସ୍ଥିତି ଲୁଚିଯାଇଛି । ହୀରାକୁଦକୁ ଯଥେଷ୍ଟ ପାଣି ଅଣମୌସୁମୀ ସମୟରେ ଆସୁନାହିଁ ବୋଲି ନିଜେ ମୁଖ୍ୟମନ୍ତ୍ରୀ ବିଧାନ ସଭାରେ ମଧ୍ୟ ସ୍ୱୀକାର କରିଛନ୍ତି । ସେପରି ସ୍ଥଳେ ମେ ୨ ତାରିଖରେ ଟ୍ରିବୁନାଲରେ ଦାଖଲ ହୋଇଥିବା ତଥ୍ୟ ପ୍ରତିପାଦିତ କରାଏ ଯେ ଓଡ଼ିଶା ପଟରେ ମହାନଦୀରେ ପ୍ରଚୁର ପାଣି ରହିଛି ଏବଂ ଛତିଶଗଡ଼ ସହିତ ବିବାଦର କୌଣସି କାରଣ ନାହିଁ । ଏହା ବାସ୍ତବରେ ଛତିଶଗଡ଼ ପାଖରେ ସମର୍ପଣ ବୋଲି ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪

ମଙ୍ଗଳବାର ୨୬ ମେ ୨୦୨୬, ଭୁବନେଶ୍ୱର

Tuesday 26 May 2026, Bhubaneswar

# ୨୦୩୦ ପର୍ଯ୍ୟନ୍ତ ଭାରତୀୟ ଅର୍ଥନୀତି

ଭାରତୀୟ ଅର୍ଥନୀତି ଆଜି ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବରେ ପରିଚିତ। ୨୦୨୫-୨୬ ମସିହାରେ ଏହାର ଜିଡିପି ପ୍ରାୟ ୪ ଟ୍ରିଲିୟନ ଡଲାର ଛୁଇଁଛି। ପ୍ରମୁଖ ଆର୍ଥିକ ସଂସ୍ଥାଗୁଡ଼ିକର ପ୍ରକଳ୍ପନା ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତ ଜର୍ମାନୀ ଓ ଜାପାନକୁ ପଛରେ ଛାଡ଼ି ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ସମ୍ଭାବନା ରହିଛି, ଯେଉଁଥିରେ ଜିଡିପି ୭ ଟ୍ରିଲିୟନ ଡଲାର ପାର କରିପାରେ। ଏହା କେବଳ ଏକ ସଂଖ୍ୟା ନୁହେଁ, ବରଂ ଲୋକଙ୍କ ଜୀବନମାନରେ ପରିବର୍ତ୍ତନ ଆଣିବାର ଏକ ବିରାଟ ସୁଯୋଗ। କିନ୍ତୁ ଏହି ଲକ୍ଷ୍ୟ ହାସଲ ପାଇଁ ଦୃଢ଼ ନୀତି, ଉଦ୍ୟୋଗ ଓ ସମାଜିକ ସ୍ଥିରତା ଆବଶ୍ୟକ।



ଗତ ଦଶକରେ ଭାରତର ଅର୍ଥନୈତିକ ପ୍ରଗତି ପ୍ରଶଂସନୀୟ ଥିଲା। ଡିଜିଟାଲ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ଆତ୍ମନିର୍ଭର ଭାରତ ଏବଂ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ବିକାଶ ଯୋଗୁଁ ଅର୍ଥନୀତି ମଜବୁତ୍ ହୋଇଛି। ସେବା କ୍ଷେତ୍ର (ବିଶେଷକରି ଆଇଟି ଓ ଫାଇନାନ୍ସ) ଜିଡିପିର ପାଖାପାଖି ୫୫-୬୦% ଯୋଗାଉଛି। ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଉତ୍ପାଦକ। ଇଲେକ୍ଟ୍ରନିକ୍ସ, ଫାର୍ମା ଏବଂ ଅଟୋମୋବାଇଲ୍ କ୍ଷେତ୍ରରେ ଉତ୍ପାଦନ ଯୋଗୀ ବୃଦ୍ଧି ହେଉଛି। ପ୍ରକଳ୍ପନା ଅନୁଯାୟୀ ୨୦୩୦ ସୁଦ୍ଧା ପ୍ରତି ବର୍ଷ ୬.୫-୭% ପ୍ରକୃତ ବୃଦ୍ଧି ହେବ, ଯାହା ଦ୍ୱାରା ଭାରତ ଉପର ମଧ୍ୟମ ଆୟର ଦେଶ ହେବାର ସମ୍ଭାବନା ରହିଛି। ଯୁବକ ଜନସଂଖ୍ୟା (ଡେମୋଗ୍ରାଫିକ୍ ଡିଭିଡେଣ୍ଡ୍) ହେଉଛି ଭାରତର ବଡ଼ ଶକ୍ତି। ୨୦୩୦ ସୁଦ୍ଧା କୋଟିଏରୁ ଅଧିକ ଲୋକଙ୍କ କର୍ମଶକ୍ତି ସହ ଡିଜିଟାଲ ଅର୍ଥନୀତି, ଏଆଇ, ସେମିକଣ୍ଡକ୍ଟର୍ ଓ ଗ୍ରୀନ୍ ଟେକ୍ନୋଲୋଜି କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ। ସରକାରୀ ଯୋଜନା ଯେପରି ପିଏଲ୍ଆଇ ସ୍କିମ୍, ଜିଏସ୍‌ଟି ସୁଧାର ଏବଂ ଭିତ୍ତିଭୂମୀ ପୁନଃନିର୍ମାଣ (ରୋଡ୍, ରେଳ, ବନ୍ଦର) ଅର୍ଥନୀତିକୁ ଗତି ଦେଉଛି। ମ୍ୟାକିନ୍ସେ ରିପୋର୍ଟ ଅନୁଯାୟୀ, ୧୮ଟି ମୁଖ୍ୟ କ୍ଷେତ୍ରରୁ ୨ ଟ୍ରିଲିୟନ ଡଲାର ରାଜସ୍ୱ ଆସିପାରେ।

ତଥାପି ଏହି ଯାତ୍ରାରେ ଅନେକ ଚ୍ୟାଲେଞ୍ଜ ରହିଛି। ବେକାରୀ ସମସ୍ୟା ଏବଂ ଦକ୍ଷତା ଅଭାବ ହେଉଛି ବଡ଼ ସମସ୍ୟା। କୃଷି କ୍ଷେତ୍ର ଏବେ ବି ଜିଡିପିରେ ମାତ୍ର ୧୫-୧୭% ଯୋଗାଉଛି କିନ୍ତୁ ୪୦% ଲୋକ ଏଥିରେ ନିର୍ଭର କରନ୍ତି। ଜଳବାୟୁ ପରିବର୍ତ୍ତନ, ଅସମାନତା ଏବଂ ଆଞ୍ଚଳିକ ଅସମାନ୍ତା ଅର୍ଥନୈତିକ ପ୍ରଗତିକୁ ବାଧା ଦେଉଛି। ବୈଶ୍ୱିକ ଅନିଶ୍ଚୟତା (ଯୁଦ୍ଧ, ମୂଲ୍ୟବୃଦ୍ଧି, ବାଣିଜ୍ୟ ଯୁଦ୍ଧ) ମଧ୍ୟ ପ୍ରଭାବ ପକାଇପାରେ। ଉତ୍ପାଦନ କ୍ଷେତ୍ରକୁ ୨୫% ଜିଡିପି କରିବା ଲକ୍ଷ୍ୟ ଏବେ ବି ଦୂର ଅଛି।

୨୦୩୦ ପାଇଁ ସଫଳତାର ଚାବି ହେଉଛି ଶିକ୍ଷା ଓ ଦକ୍ଷତା ବିକାଶ, ସମାବେଶୀ ବୃଦ୍ଧି ଏବଂ ପରିବେଶ ସମ୍ବେଦନଶୀଳ ବିକାଶ। ସରକାର, ଉଦ୍ୟୋଗ ଓ ନାଗରିକଙ୍କ ମଧ୍ୟରେ ସହଯୋଗ ଆବଶ୍ୟକ। ଯଦି ଆମେ ପ୍ରତିଭା, ଉଦ୍ୟୋଗୀତା ଏବଂ ନୀତିଗତ ସ୍ଥିରତାକୁ ସଠିକ୍ ଭାବେ ବ୍ୟବହାର କରିପାରିବୁ, ତେବେ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସତ୍ୟ ହୋଇପାରିବ।

ଭାରତର ଯାତ୍ରା କେବଳ ଅର୍ଥନୈତିକ ନୁହେଁ, ଏହା ଏକ ଜାତୀୟ ସଂକଳ୍ପ। ୨୦୩୦ ହେଉଛି ସେହି ମାଇଲ୍ ଷ୍ଟୋନ୍ ଯେଉଁଥିରେ ଆମେ ନିଜର ସମ୍ଭାବନାର ପୂର୍ଣ୍ଣ ଉପଭୋଗ କରିପାରିବୁ କି ନାହିଁ ତାହା ଆଜିର କର୍ମ ଉପରେ ନିର୍ଭର କରିବ। ଆଶା ଓ ଦାୟିତ୍ୱର ସହିତ ଆଗକୁ ବଢ଼ିବା ଆବଶ୍ୟକ।

# ଅଂଶୁଘାତ ଓ ଜଳ ସଙ୍କଟ



ଡ଼ଃ.ଅରୁନ୍ଧତୀ ଦେବୀ

ରାଜ୍ୟରେ ଭୀଷଣ ଗ୍ରୀଷ୍ମ ଲହରି ଜାରି ରହିଛି, ଘରେ ଫ୍ୟାନ ମଧ୍ୟ କାମ ଦେଉନି, ଦେହ ମୁଣ୍ଡ ଚାରିଆଡୁ ଅନବରତ ଝାଳ ସମସ୍ତଙ୍କ ଭିତରେ ଅସହ୍ୟ କଷ୍ଟକର ଯନ୍ତ୍ରଣା ଦେଉଛି। ଏକପ୍ରକାର ଅଂଶୁଘାତକୁ ଘର ଭିତରେ ସାମ୍ନା କରିବାକୁ ପଡୁଥିବା ସମ୍ପର୍କରେ ଖବର ପ୍ରକାଶ ପାଇଥିବା ସମୟରେ ରାଜ୍ୟରେ ଜଳ ସଂକଟ ସମ୍ପର୍କରେ ଉଲ୍ଲେଖ କରୁଛୁ। ବର୍ତ୍ତମାନ ସମୟରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଜଳ ସଙ୍କଟ ସମସ୍ୟା ଲାଗି ରହିଛି। କେଉଁଠି ମହିଳା ମାନଙ୍କୁ ଘରୁ ପାଞ୍ଚ ଛଅ କିଲୋମିଟର ଦୂର ଯିବାକୁ ପଡୁଛି। ଜଳକ୍ଲିଷ୍ଟ ଅଞ୍ଚଳକୁ ରେଳରେ ପାଣି ବୁହା ହେଉଛି। ଟ୍ୟାଙ୍କରରେ ପାଳି ପାଳି କରି ପାଣି ଯୋଗାଣ ହେଉଛି। କିନ୍ତୁ ଏ ନିଦାଘ ଗ୍ରୀଷ୍ମରେ ଜଳାଭାବ ମେଣ୍ଟାଇବା ଲାଗି ଏସବୁ ସରକାରୀ ପଦକ୍ଷେପ ଆଦୌ ପର୍ଯ୍ୟାପ୍ତ ନୁହେଁ। ତେବେ ଆହୁରି ଅଧିକ ଚିନ୍ତାର ବିଷୟ ହେଲା, ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଆଗାମୀ ବର୍ଷ ମାନଙ୍କରେ ସ୍ଥିତି ଆହୁରି ଶୋଚନୀୟ ହେବା ଆଶଙ୍କା ରହିଛି। ଏପରିକି, ଚାହିଦା ତୁଳନାରେ ଜଳ ନିଅଣ୍ଟ ଏତେ ଉତ୍କଟ ହେବ ଯେ ଭାରତକୁ ପାଣି ଆମଦାନି କରିବାକୁ ପଡ଼ିପାରେ। ଜଳାଭାବ ନେଇ ବିଶେଷଜ୍ଞଙ୍କ ଏ ଆକଳନ ପ୍ରକୃତରେ ଏକ ଚେତାବନୀ। ଭବିଷ୍ୟତ ଜଳସଙ୍କଟ ନେଇ ବିଶେଷଜ୍ଞଙ୍କ ଏ ପ୍ରକାର ଚେତାବନୀକୁ ଅନେକ ଅତିରଞ୍ଜନ ମନେ କରିପାରନ୍ତି। କିନ୍ତୁ ଯେଭଳି ଦ୍ରୁତ ହାରରେ ଭୂତଳ ଜଳ ହ୍ରାସ ପାଇ ଚାଲିଛି, ସେ ଦୃଷ୍ଟିରୁ ଚେତାବନୀ ସମ୍ପୂର୍ଣ୍ଣ ବାସ୍ତବବାଦୀ। ଗତ କିଛି ଦଶକ ଧରି ଦେଶର ଚାପଗ୍ରସ୍ତ ଭୂତଳ ଜଳଭଣ୍ଡାର ଯେଭଳି ଶୁଖି ଚାଲିଛି, ତାହା ଯଦି ବଳବତ୍ତର ରହେ, ତେବେ ୨୦୫୦ ସୁଦ୍ଧା ଭାରତ ପାଇଁ ପାଣି ଆମଦାନି କରିବା ସ୍ଥିତି ଉପୁଜିଲେ କେହି ବିସ୍ମିତ ହେବେନାହିଁ। ଗୋଟିଏ ପକ୍ଷରେ ଜନସଂଖ୍ୟା ବୃଦ୍ଧି ସହ ଅବିଚାରିତ ତଥା ଅନିୟନ୍ତ୍ରିତ ଭାବେ ଭୂତଳ ଜଳ ବ୍ୟବହାର ବଢ଼ି ଚାଲିଛି, ଅନ୍ୟପକ୍ଷରେ ଭୂତଳ ଜଳ ଭଣ୍ଡାର ଲଗାତାର ହ୍ରାସ ପାଇ ଚାଲିଛି, ଯାହା ସଙ୍କଟକୁ ଆମନ୍ତ୍ରଣ କରୁଛି।

ବିଶ୍ୱରେ ସବୁଠାରୁ ଅଧିକ ଭୂତଳ ଜଳର ବ୍ୟବହାର ଭାରତରେ ହୁଏ। ଆମ ଦେଶରେ ପାନୀୟ ଜଳ ଆବଶ୍ୟକତାର ୮୫ ପ୍ରତିଶତ ଭୂତଳ ଜଳ ମେଣ୍ଟାଏ। କୃଷି ପାଇଁ ଆବଶ୍ୟକ ୬୦ ପ୍ରତିଶତ ପାଣିର ଉତ୍ସ ଭୂତଳ ଜଳ। ଦେଶର ବାର୍ଷିକ ଜଳ ଆବଶ୍ୟକତା ୧, ୧୨୩ ବିଲିୟନ ଘନ ମିଟର ଥିବାବେଳେ ଏଥିରୁ ୪୩୨ ବିଲିୟନ ଘନମିଟର ଭୂତଳ ଜଳ ଭଣ୍ଡାର ମେଣ୍ଟାଇଥାଏ। ଅବଶିଷ୍ଟ ଭୂପୃଷ୍ଠ ଓ ଜଳଉତ୍ସରୁ ଆସେ। ଏଥିରୁ ଭୂତଳ ଜଳ ଉପରେ ଚାପ କେତେ ଅଧିକ ଏବଂ ଏହା କେତେ ମୂଲ୍ୟବାନ ତାହା ସହଜରେ ଅନୁମାନ କରାଯାଇପାରେ। ତେବେ ଦୁର୍ଭାଗ୍ୟର ବିଷୟ ହେଲା, ଏହି ଗୁରୁତ୍ୱପୂର୍ଣ୍ଣ ତଥା ଅମୂଲ୍ୟ ଜଳଭଣ୍ଡାର ଲଗାତାର ଭାବେ ହ୍ରାସ ପାଇ ଚାଲିଛି। କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ଼ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୧୯୫୧ରେ ଦେଶରେ ଦୈନିକ ମୁଣ୍ଡପିଛା ଉପଲବ୍ଧ ଭୂତଳ ଜଳର ପରିମାଣ ଥିଲା ୧୪, ୧୮୦ ଲିଟର। ୨୦୦୧ ବେଳକୁ ଉପଲବ୍ଧ ଦୈନିକ ମୁଣ୍ଡପିଛା ଭୂତଳ ଜଳର ପରିମାଣ ୫, ୧୨୦ ଲିଟରକୁ କମି ଆସିଛି। ଏହି ଧାରା ଜାରି ରହିଲେ ୨୦୨୭ ବେଳକୁ ଉପଲବ୍ଧ ଦୈନିକ ମୁଣ୍ଡପିଛା ଜଳର ପରିମାଣ ୩, ୬୭୦ ଲିଟରକୁ ଏବଂ ୨୦୫୦ ବେଳକୁ ୩୧୨୦ ଲିଟରକୁ ହ୍ରାସ ପାଇବା ଫଳରେ ଚାହିଦା ଓ ଯୋଗାଣ ମଧ୍ୟରେ ରହିଥିବା ପାର୍ଥକ୍ୟ ଆହୁରି ବୃଦ୍ଧି ପାଇ ଗୁରୁତର ସଂକଟ ସୃଷ୍ଟି ହେବାର ଆଶଙ୍କାକୁ ଅସ୍ୱୀକାର କରାଯାଇନପାରେ। ବର୍ତ୍ତମାନ ଦୈନିକ ମୁଣ୍ଡ ପିଛା ଉପଲବ୍ଧ ଭୂତଳ ଜଳର ପରିମାଣ ପ୍ରାୟ ୫ ହଜାର ଲିଟର ଥିବାବେଳେ ଅନେକ ସଂଖ୍ୟକ ନଳକୂପରୁ ପାଣି ବାହାରୁ ନାହିଁ। ଯଦି ଦୈନିକ ମୁଣ୍ଡ ପିଛା ଉପଲବ୍ଧ ଭୂତଳ ଜଳର ପରିମାଣ ୩ ହଜାର ଲିଟରକୁ କମିଯାଏ, ତେବେ ଅବସ୍ଥା କେତେ ଗମ୍ଭୀର ହେବ ତାର ଆକଳନ ଆଦୌ କଠିନ ନୁହେଁ।

ଭୂତଳ ଜଳଭଣ୍ଡାର ହ୍ରାସର ଏକ ମୁଖ୍ୟ କାରଣ ହେଲା ଭୂତଳ ଜଳର ଅବିଚାରିତ ମାତ୍ରାତିରିକ୍ତ ବ୍ୟବହାର, ଯାହାକୁ ଅପବ୍ୟବହାର ବୋଲି ମଧ୍ୟ କୁହାଯାଇପାରେ। କୃଷିରେ ଭୂତଳ ଜଳର ବ୍ୟବହାର ନିଶ୍ଚିତ ଭାବେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଛି। କିନ୍ତୁ ଏ କ୍ଷେତ୍ରରେ କୌଣସି ନିୟନ୍ତ୍ରଣ ନ ରହିବାରୁ ବିପୁଳ ଜଳ ଅପଚୟ ମଧ୍ୟ ହେଉଛି। କୃଷି ପାଇଁ ରିହାତି କିମ୍ବା ମାଗଣାରେ ବିଦ୍ୟୁତ ଯୋଗାଣ ଭୂତଳ ଜଳର ଏ ପ୍ରକାର ଅପବ୍ୟବହାରକୁ ଉତ୍ସାହିତ କରିଛି। କେତେକ ରାଜ୍ୟରେ ଭୂତଳ ଜଳ ଉତ୍ତୋଳନ ନିୟନ୍ତ୍ରଣ ଓ ପରିଚାଳନା ପାଇଁ ନିୟମ ରହିଥିଲେ ସୁଦ୍ଧା ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ବିଡ଼ମ୍ବନାର ବିଷୟ ହେଲା, ଦେଶର ଯେଉଁସବୁ ଅଞ୍ଚଳରେ ଭୂତଳ ଜଳର ବ୍ୟବହାର ଯୋଗୁଁ ସବୁଜ ବିପ୍ଳବ ସଫଳ ହୋଇଥିଲା, ସେ ସବୁ ଅଞ୍ଚଳରେ କୃଷି ପାଇଁ ତ ଦୂରେ ଥାଉ ପାନୀୟ ଜଳ ଚାହିଦା ମେଣ୍ଟାଇବା ଲାଗି ମଧ୍ୟ ଭୂତଳ ଜଳ ପର୍ଯ୍ୟାପ୍ତ ନୁହେଁ। ସହରୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଫଳରେ ସହରାଞ୍ଚଳରେ ମଧ୍ୟ ଭୂତଳ ଜଳର ବ୍ୟବହାର ବହୁଗୁଣ ବଢ଼ିଛି। ଜଳ ଯୋଗାଣ କ୍ଷେତ୍ରରେ ପୌରସଂସ୍ଥା ଗୁଡ଼ିକର ବିଫଳତା ସହରାଞ୍ଚଳର ଭୂତଳ ଜଳ ଉପରେ ନିର୍ଭରଶୀଳତା ବଢ଼ାଇଛି। ଶିଳ୍ପ ସଂସ୍ଥାଗୁଡ଼ିକ ଦ୍ୱାରା ମଧ୍ୟ ଗଭୀର ନଳକୂପ ମାଧ୍ୟମରେ ଭୂତଳ ଜଳର ମାତ୍ରାତିରିକ୍ତ ଉତ୍ତୋଳନ ଭୂତଳ ଜଳ ଉପରେ ଅତିରିକ୍ତ ଚାପ ପକାଉଛି। ଭୂତଳ ଜଳ ପ୍ରସଙ୍ଗରେ ଆଉ ଏକ ସମସ୍ୟା ହେଲା ଦେଶର ଅନେକ ସ୍ଥାନରେ ଭୂତଳ ଜଳର ସ୍ତର ତଳକୁ ତଳକୁ ଖସୁଛି। ବିଭିନ୍ନ କାରଣ ଭିତରେ ଜଙ୍ଗଲ ଧ୍ୱଂସ, ଗଛକାଟ ଏଥିପାଇଁ ଦାୟୀ। ତେଣୁ ସାମ୍ପ୍ରତିକ ଜଳ କଷ୍ଟ ଏବଂ ଭୂତଳ ଜଳ ହ୍ରାସ ନେଇ ବିଶେଷଜ୍ଞମାନଙ୍କ ଚେତାବନୀକୁ କେବଳ ସରକାର ନୁହେଁ, ଜନସାଧାରଣ ମଧ୍ୟ ଗୁରୁତ୍ୱର ସହ ବିଚାର କରି ଆଗାମୀ ଦିନରେ ସଙ୍କଟର ମୁକାବିଲା କରିବା ସକାଶେ ଯୋଜନାବଦ୍ଧ ପ୍ରୟାସ କରିବା ଉଚିତ। ଉଭୟ ଭୂତଳ ଜଳ ଓ ବର୍ଷା ଜଳ ସଂରକ୍ଷଣ ପାଇଁ ନୀତି ନିର୍ଦ୍ଧାରଣ ହୋଇ ଯାଜନା ପ୍ରସ୍ତୁତ ହେବା ଉଚିତ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍‌ଃ୯୯୩୭୧୭୨୮୧୦**

# ଭାରତୀୟ ନବଜାଗରଣର ଜନକ ରାଜା ରାମମୋହନ



ଅସିତ ମହାନ୍ତି



ରାଜା ରାମ ମୋହନ ରାୟ ୨୨ ମଇ ୧୭୭୨ ମସିହା ମେ ମାସରେ ବଙ୍ଗଳା ପ୍ରେସିଡେନ୍ସିର ହୁଗଲି ଜିଲ୍ଲାର ରାଧାନଗରରେ ଏକ ରଢ଼ିବାଦୀ ବଙ୍ଗାଳୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ କୋରାନର ଆରବି ଅନୁବାଦ, ପ୍ଲାଟୋ ଏବଂ ଆରିଷ୍ଟୋଟଲଙ୍କ କୃତି ଏବଂ ସୁଫି ରହସ୍ୟମୟ କବିମାନଙ୍କ କୃତି ପଢ଼ିଥିଲେ। ପନ୍ଦର ବର୍ଷ ବୟସ ସୁଦ୍ଧା ରାଜା ରାମ ମୋହନ ରାୟ ବଙ୍ଗଳା, ପାରସି, ଆରବି ଏବଂ ସଂସ୍କୃତ ଶିଖିଥିଲେ। ସେ ହିନ୍ଦୀ ଏବଂ ଇଂରାଜୀ ମଧ୍ୟ ଜାଣିଥିଲେ। ସେ ବାରାଣସୀ ଯାଇ ବେଦ, ଉପନିଷଦ ଏବଂ ହିନ୍ଦୁ ଦର୍ଶନର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିଥିଲେ। ସେ ଖ୍ରୀଷ୍ଟିଆନ ଏବଂ ଇସଲାମ ମଧ୍ୟ ଅଧ୍ୟୟନ କରିଥିଲେ।ଷୋଳ ବର୍ଷ ବୟସରେ, ସେ ହିନ୍ଦୁ ମୂର୍ତ୍ତି ପୂଜାର ଏକ ଯୁକ୍ତିଯୁକ୍ତ ସମାଲୋଚନା ଲେଖିଥିଲେ। ୧୮୦୯ ରୁ ୧୮୧୪ ପର୍ଯ୍ୟନ୍ତ, ସେ ପୂର୍ବ ଭାରତ କମ୍ପାନୀର ରାଜସ୍ୱ ବିଭାଗରେ କାର୍ଯ୍ୟ କରିଥିଲେ ଏବଂ ଉଡଫୋର୍ଡ ଏବଂ ଡିଗବି ପାଇଁ ବ୍ୟକ୍ତିଗତ ଦିୱାନ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ।୧୮୧୪ ମସିହାରୁ, ସେ ଧାର୍ମିକ, ସାମାଜିକ ଏବଂ ରାଜନୈତିକ ସଂସ୍କାର ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ।'ଭାରତରେ ଆଧୁନିକ ଯୁଗର ଉଦ୍ଘାଟକ' ଶୀର୍ଷକ ତାଙ୍କ ଭାଷଣରେ ଟାଗୋର ରାମ ମୋହନ ରାୟଙ୍କୁ 'ଭାରତୀୟ ଇତିହାସର ଆକାଶରେ ଏକ ଉଜ୍ଜ୍ୱଳ ତାରା' ବୋଲି ଉଲ୍ଲେଖ କରିଥିଲେ। ସେ ମୋଗଲ ସମ୍ରାଟ ଆକବର ଶାହ ଦ୍ୱିତୀୟ (ବାହାଦୁର ଶାହଙ୍କ ପିତା)ଙ୍କ ରାଷ୍ଟ୍ରଦୂତ ଭାବରେ ଇଂଲଣ୍ଡ ଗସ୍ତ କରିଥିଲେ ଯେଉଁଠାରେ ତାଙ୍କର ଅସୁସ୍ଥତା ହେତୁ ମୃତ୍ୟୁ ହୋଇଥିଲା। ସେ ସେପ୍ଟେମ୍ବର ୧୮୩୩ରେ ଇଂଲଣ୍ଡର ବ୍ରିଷ୍ଟଲରେ ମୃତ୍ୟୁବରଣ କରିଥିଲେ।ଦିଲ୍ଲୀର ମୋଗଲ ସମ୍ରାଟ ଆକବର ଦ୍ୱିତୀୟ ତାଙ୍କୁ 'ରାଜା' ଉପାଧି ଦେଇଥିଲେ, ଯାହାଙ୍କ ଅଭିଯୋଗ ସେ ବ୍ରିଟିଶ ରାଜାଙ୍କ ନିକଟରେ ଉପସ୍ଥାପନ କରିଥିଲେ।

ରାଜା ରାମ ମୋହନ ରାୟ ଙ୍କୁ ଆଧୁନିକ ଭାରତର ପିତା ଏବଂ ଭାରତୀୟ ନବଜାଗରଣର ପ୍ରବର୍ତ୍ତକ ଭାବରେ ସମ୍ମାନିତ କରାଯାଏ। ସେ ୧୮୨୮ ମସିହାରେ ବ୍ରହ୍ମ ସମାଜ ପ୍ରତିଷ୍ଠା କରି ସତୀ ପ୍ରଥାକୁ ବିରୋଧ କରି ଏବଂ ଏକେଶ୍ୱରବାଦକୁ ପ୍ରୋତ୍ସାହିତ କରି ସାମାଜିକ ଏବଂ ଧାର୍ମିକ ସଂସ୍କାରର ନେତୃତ୍ୱ ନେଇଥିଲେ। ଜଣେ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତକ, ସେ ଭାରତୀୟ ସାଂସ୍କୃତିକ ମୂଲ୍ୟବୋଧକୁ ସଂରକ୍ଷଣ କରି ଶିକ୍ଷା, ମହିଳା ଅଧିକାର ଏବଂ ପାଶ୍ଚାତ୍ୟ ଯୁକ୍ତିବାଦ ଗ୍ରହଣ ପାଇଁ ସମର୍ଥନ କରିଥିଲେ। ତାଙ୍କ ପ୍ରୟାସ ଭାରତର ଆଧୁନିକ ବୌଦ୍ଧିକ ଏବଂ ସଂସ୍କାରବାଦୀ ଆନ୍ଦୋଳନର ମୂଳଦୁଆ ପକାଇଥିଲା।

ଭାରତରେ ନବଜାଗରଣ ଚେତନା ହଠାତ୍ ଆବିର୍ଭାବ ହୋଇନଥିଲା, ବରଂ ଏହା ଏକ ଦୀର୍ଘ ଐତିହାସିକ ପ୍ରକ୍ରିୟାର ଫଳାଫଳ ଥିଲା। ୧୮ ଏବଂ ୧୯ ଶତାବ୍ଦୀରେ, ଯେତେବେଳେ ୟୁରୋପୀୟ ଶକ୍ତିମାନେ ବାଣିଜ୍ୟ ଏବଂ ଶାସନ ମାଧ୍ୟମରେ ଭାରତରେ ପ୍ରବେଶ କଲେ, ପାଶ୍ଚାତ୍ୟ ଶିକ୍ଷା, ବିଜ୍ଞାନ ଏବଂ ଆଧୁନିକ ଚିନ୍ତାଧାରାର ପ୍ରଭାବ ଧୀରେ ଧୀରେ ଭାରତୀୟ ସମାଜରେ ବ୍ୟାପିଗଲା। ନବଜାଗରଣ ଚେତନା ପ୍ରଥମେ ବଙ୍ଗଳାରେ ପହଞ୍ଚିଲା, ଯାହାକୁ 'ବଙ୍ଗଳା ନବଜାଗରଣ' କୁହାଯାଏ। ଇଂରାଜୀ ଶିକ୍ଷା ଏବଂ ମୁଦ୍ରଣ ପ୍ରେସର ଆଗମନ ଚିନ୍ତାଧାରାର ପ୍ରସାରକୁ ତ୍ୱରାନ୍ୱିତ କରିଥିଲା। ରାଜା ରାମମୋହନ ରାୟଙ୍କୁ ଏହି ନବଜାଗରଣର ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରବର୍ତ୍ତକ ଭାବରେ ବିବେଚନା କରାଯାଏ। ସେ ପାଶ୍ଚାତ୍ୟ ବିଜ୍ଞାନ ଏବଂ ଯୁକ୍ତିଯୁକ୍ତତାକୁ ଭାରତୀୟ ଆଧ୍ୟାତ୍ମିକ ପରମ୍ପରା ସହିତ ମିଶ୍ରଣ କରିଥିଲେ। ତାଙ୍କ ପ୍ରୟାସ ସମାଜକୁ ଏହା ସ୍ୱୀକାର କରିବାକୁ ବାଧ୍ୟ କରିଥିଲା ଯେ ପ୍ରକୃତ ପ୍ରଗତି କେବଳ ଅନ୍ଧବିଶ୍ୱାସ ଏବଂ ଧର୍ମାନ୍ଧତାରୁ ମୁକ୍ତ ହୋଇ ସମ୍ଭବ। ରାମମୋହନ ରାୟ ସତୀ ପ୍ରଥା ବିରୁଦ୍ଧରେ ଲଢ଼ିଥିଲେ, ମହିଳା ଶିକ୍ଷାକୁ ସମର୍ଥନ କରିଥିଲେ ଏବଂ ଯୁକ୍ତି ଏବଂ ମାନବତା ମାଧ୍ୟମରେ ଧର୍ମକୁ ବୁଝିବାକୁ ଚେଷ୍ଟା କରିଥିଲେ। ତାଙ୍କ ପରେ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବିଧବା ପୁନଃବିବାହ ଏବଂ ମହିଳା ଶିକ୍ଷା ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସମାନ ଭାବରେ, ସ୍ୱାମୀ ବିବେକାନନ୍ଦ ଧର୍ମକୁ ମାନବତାର ସେବା ସହିତ ଯୋଡିଥିଲେ। ଏହିପରି, ଭାରତରେ ନବଜାଗରଣର ଚେତନା ପ୍ରଥମେ ବଙ୍ଗଳାରେ ଆରମ୍ଭ ହୋଇଥିଲା ଏବଂ ଧୀରେ ଧୀରେ ସାରା ଦେଶରେ ବ୍ୟାପିଥିଲା। କିନ୍ତୁ ରାଜା ରାମମୋହନ ରାୟ ଏହାର ମୂଳଦୁଆ ସ୍ଥାପନ କରିଥିବା ପ୍ରଥମ ମହାନ ନେତା ଥିଲେ। ସେ ଭାରତୀୟ ସମାଜକୁ ଦେଖାଇଥିଲେ ଯେ ଆଧୁନିକତା ଏବଂ ପରମ୍ପରାକୁ ସନ୍ତୁଳିତ କରି ଆମେ ଏକ ନୂତନ ଯୁଗ ଆଡକୁ ଅଗ୍ରସର ହୋଇପାରିବା।

ଆଜି, ଯେତେବେଳେ ସମାଜ ପୁଣି ସଂକୀର୍ଣ୍ଣତା ଏବଂ ଧର୍ମାନ୍ଧତା ଆଡକୁ ଢଳିବାରେ ଲାଗିଛି, ସେତେବେଳେ ଭାରତରେ ନବଜାଗରଣ ଆରମ୍ଭ ହୋଇଥିବା ସାହସ ଏବଂ ଜ୍ଞାନକୁ ମନେ ରଖିବା ଅତ୍ୟନ୍ତ ଜରୁରୀ। ରାମମୋହନ ରାୟଙ୍କ ସେହି ଚେତନା ଏବେ ବି ଆମକୁ ମାର୍ଗଦର୍ଶନ କରିପାରିବ। ଭାରତରେ ବର୍ତ୍ତମାନର ସାମାଜିକ ଦୃଶ୍ୟପଟକୁ ବିଚାର କଲେ, ଏହା ସ୍ପଷ୍ଟ ହୋଇଯାଏ ଯେ ସଂକୀର୍ଣ୍ଣତା, ଧର୍ମାନ୍ଧତା ଏବଂ ବିଭାଜନକାରୀ ଚିନ୍ତାଧାରା ଆମ ଚେତନାରେ ନବଜାଗରଣର ସ୍ଥାନ ନେଇଛି। ଜାତିବାଦ, ଭେଦଭାବ ଏବଂ ଧର୍ମ ଏବଂ ସାମ୍ପ୍ରଦାୟିକତା ନାମରେ ହିଂସା ସମାଜକୁ କବଳିତ କରିଛି। ଭିଡ ହିଂସା ଏବଂ ଦଙ୍ଗା ଆଉ ଅସାଧାରଣ ନୁହେଁ। ଏପରି ସମୟରେ, ରାଜା ରାମମୋହନ ରାୟଙ୍କ ବିଚାରଧାରାକୁ ମନେ ପକାଇବା କେବଳ ଏକ ଐତିହାସିକ ଶ୍ରଦ୍ଧାଞ୍ଜଳି ନୁହେଁ ବରଂ ସମସାମୟିକ ସମାଜକୁ ଦିଗଦର୍ଶନ ଦେବାର ଏକ ପ୍ରୟାସ। ତାଙ୍କ ଜନ୍ମଦିନରେ, ଆମକୁ ବୁଝିବାକୁ ପଡ଼ିବ ଯେ ତାଙ୍କ ଚେତନା ଆଜି ମଧ୍ୟ ଦୁଇଶହ ବର୍ଷ ପୂର୍ବେ ଯେପରି ପ୍ରାସଙ୍ଗିକ ଥିଲା। ରାମମୋହନ ରାୟ ଏକ ଯୁଗରେ ସ୍ୱର ଉଠାଇଥିଲେ ଯେତେବେଳେ ସମାଜ ରୀତିବାଦୀ ଧାରଣା ଏବଂ ଅନ୍ଧବିଶ୍ୱାସରେ ଫସି ରହିଥିଲା। ସେ ସତୀ ପ୍ରଥା ବିରୁଦ୍ଧରେ ଲଢ଼ିଥିଲେ ଏବଂ ମହିଳାଙ୍କ ଜୀବନକୁ ସୁରକ୍ଷା ଦେବା ପାଇଁ ଆଇନ ପ୍ରଣୟନ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ଆଜି, ଯେତେବେଳେ ମହିଳାଙ୍କ ପ୍ରତି ହିଂସା, ଭେଦଭାବ ଏବଂ ଅସମାନତା ଏବେ ବି ରହିଛି, ତାଙ୍କ ଚିନ୍ତାଧାରା ଆମକୁ କହେ ଯେ ସାମାଜିକ ମୁକ୍ତି କେବଳ ମହିଳାଙ୍କ ସ୍ୱାଧୀନତା ଏବଂ ସମ୍ମାନ ଦ୍ୱାରା ସମ୍ଭବ। ରାମମୋହନ ରାୟ ଧର୍ମକୁ ଧର୍ମାନ୍ଧତାରୁ ମୁକ୍ତ କରିବାକୁ ଚେଷ୍ଟା କରିଥିଲେ। ସେ ବେଦାନ୍ତ ଏବଂ ଉପନିଷଦର ବ୍ୟାଖ୍ୟା କରିବା ସମୟରେ ଯୁକ୍ତି ଉପରେ ଗୁରୁତ୍ୱ ଦେଇଥିଲେ। ତାଙ୍କ ପାଇଁ, ଧର୍ମର ସାର ମାନବତା ଥିଲା, ସଂକୀର୍ଣ୍ଣତା ନୁହେଁ। ଆଜି, ଯେତେବେଳେ ଧର୍ମ ନାମରେ ବିଭାଜନ ଏବଂ ହିଂସା ଘଟୁଛି, ତାଙ୍କ ବିଚାରଧାରା ଆମକୁ ମନେ ପକାଇ ଦିଏ ଯେ ଧର୍ମର ଉଦ୍ଦେଶ୍ୟ ମଣିଷକୁ ଏକତ୍ର କରିବା, ସେମାନଙ୍କୁ ବିଭାଜିତ କରିବା ନୁହେଁ।

ଜାତି ଏବଂ ଭେଦଭାବ ବିରୁଦ୍ଧରେ ସଚେତନ ହୋଇ, ସେ ଜାତି ବ୍ୟବସ୍ଥାର କଠୋରତାକୁ ଚ୍ୟାଲେଞ୍ଜ କରିଥିଲେ। ତାଙ୍କ ପାଇଁ, ଜଣେ ବ୍ୟକ୍ତିଙ୍କ ମୂଲ୍ୟ ତାଙ୍କ ଜାତି ଦ୍ୱାରା ନୁହେଁ, ବରଂ ତାଙ୍କ ନୈତିକତା ଏବଂ କାର୍ଯ୍ୟ ଦ୍ୱାରା ନିର୍ଣ୍ଣୟ କରାଯାଏ। ବର୍ତ୍ତମାନର ଭାରତରେ, ଯେତେବେଳେ ଜାତିଗତ ଭେଦଭାବ ଏବଂ ହିଂସା ଏବେ ବି ସମାଜକୁ ଖଣ୍ଡ ଖଣ୍ଡ କରୁଛି, ତାଙ୍କ ଚିନ୍ତାଧାରା ଆମକୁ କହେ ଯେ ସମାନତା ହେଉଛି ପ୍ରକୃତ ସ୍ୱାଧୀନତା। ରାମମୋହନ ରାୟଙ୍କ ଶିକ୍ଷା ଏବଂ ଆଧୁନିକତା ପ୍ରତି ଜିଦ୍ ଶିକ୍ଷାକୁ ସାମାଜିକ ସଂସ୍କାରର ସର୍ବୋତ୍ତମ ମାଧ୍ୟମ ବୋଲି ମନେ ପକାଇଥିଲା। ସେ ଇଂରାଜୀ ଶିକ୍ଷାକୁ ସମର୍ଥନ କରିଥିଲେ ଯାହା ଦ୍ୱାରା ଭାରତୀୟ ସମାଜ ଆଧୁନିକ ବିଜ୍ଞାନ ଏବଂ ଚିନ୍ତାଧାରା ସହିତ ଯୋଡ଼ି ହୋଇପାରିବ। ଆଜି ଯେତେବେଳେ ଶିକ୍ଷାର ଉଦ୍ଦେଶ୍ୟ କେବଳ ନିଯୁକ୍ତି ପର୍ଯ୍ୟନ୍ତ ସୀମିତ ହେଉଛି, ତାଙ୍କର ଦୃଷ୍ଟିକୋଣ ଆମକୁ ମନେ ପକାଇ ଦେଉଥିଲା ଯେ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଚେତନା ବିସ୍ତାର କରିବା ଏବଂ ବିବେକକୁ ବିକଶିତ କରିବା। ରାମମୋହନ ରାୟ ସର୍ବଦା ଆଲୋଚନା ଏବଂ ସହିଷ୍ଣୁତାକୁ ମୂଲ୍ୟ ଦେଇଥିଲେ। ସେ ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଇସଲାମିକ ଚିନ୍ତାଧାରାର ଅଧ୍ୟୟନ କରିଥିଲେ। ତାଙ୍କ ପାଇଁ, ସତ୍ୟ କୌଣସି ଗୋଟିଏ ଧର୍ମର ସ୍ୱତନ୍ତ୍ର ସଂରକ୍ଷଣ ନଥିଲା। ଆଜି, ଯେତେବେଳେ ସାମ୍ପ୍ରଦାୟିକତା ସମାଜକୁ ଖଣ୍ଡ ଖଣ୍ଡ କରୁଛି, ତାଙ୍କର ଦୃଷ୍ଟିକୋଣ ଆମକୁ କୁହେ ଯେ ଭାରତର ଶକ୍ତି ବିବିଧତାରେ ରହିଛି। ଭାରତ ଯେଉଁ ସମୟ ଦେଇ ଗତି କରୁଛି, ସେହି ସମୟରେ ରାମମୋହନ ରାୟଙ୍କ ବିଚାରଧାରା ଆମକୁ ଚେତାବନୀ ଦିଏ ଯେ ଯଦି ଆମେ ବିବେକ, ସମାନତା ଏବଂ ସହିଷ୍ଣୁତାକୁ ପରିତ୍ୟାଗ କରୁ, ତେବେ ସମାଜ ହିଂସା ଏବଂ ଅନ୍ଧକାରରେ ବୁଡ଼ିଯିବ। ତାଙ୍କ ଚିନ୍ତାଧାରା ଆମକୁ ଶିଖାଏ ଯେ ଆଧୁନିକତା କେବଳ ପ୍ରଯୁକ୍ତିବିଦ୍ୟାରୁ ନୁହେଁ, ବରଂ ମାନବିକ ମୂଲ୍ୟବୋଧରୁ ଆସେ। ପୁନର୍ଜାଗରଣର ଆହ୍ୱାନ- ରାମମୋହନ ରାୟଙ୍କ ଜୀବନ ଆମକୁ ଶିଖାଏ ଯେ ସାମାଜିକ ମୁକ୍ତି କେବଳ ଆଇନ କିମ୍ବା ଶକ୍ତି ମାଧ୍ୟମରେ ନୁହେଁ, ବରଂ ଚେତନାର ପରିବର୍ତ୍ତନ ମାଧ୍ୟମରେ ହାସଲ କରାଯାଏ। ଯେପର୍ଯ୍ୟନ୍ତ ଆମେ ନିଜ ଭିତରୁ ସଂକୀର୍ଣ୍ଣତା ଏବଂ ଧର୍ମାନ୍ଧତାକୁ ଦୂର କରିନାହୁଁ, ସେପର୍ଯ୍ୟନ୍ତ ପ୍ରକୃତ ନବଜାଗରଣ ଅସମ୍ଭବ।

**ସ୍ତମ୍ଭକାର ଏବଂ ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ**
**ସୁଜନପୁର, ଯାଜପୁର, ମୋବାଇଲ୍‌ଃ୯୪୩୭୨୮୦୨୮**

# ତୈଳ ସଙ୍କଟ ପାଇଁ ହର୍ମୁଜ୍ ପ୍ରଣାଳୀର ବିକଳ୍ପ କ'ଣ ?



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ବିଶ୍ୱ ଅର୍ଥନୀତିକୁ ଶକ୍ତି ଦେବାରେ ତୈଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯାନବାହାନ,କଳକାରଖାନା, ବିମାନ, ଜାହାଜ, ବିଦ୍ୟୁତ୍ ଉତ୍ପାଦନ ଏବଂ ଅନେକ ଶିଳ୍ପ ତେଲ ଉପରେ ନିର୍ଭର କରେ। ଯେହେତୁ ବିଶ୍ୱର ଅଧିକାଂଶ ଅଶୋଧିତ ତୈଳ ମଧ୍ୟପ୍ରାଚ୍ୟରୁ ଆସେ, ତେଣୁ ଏହା ଦେଇ ଯାଉଥିବା ସମୁଦ୍ର ପଥ ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପଥଗୁଡ଼ିକ ମଧ୍ୟରୁ ହର୍ମୁଜ୍ ପ୍ରଣାଳୀ ସବୁଠାରୁ ବଡ଼ ରଣନୈତିକ ଗୁରୁତ୍ୱ ବହନ କରେ। ହର୍ମୁଜ୍ ପ୍ରଣାଳୀ ଦେଇ ପ୍ରତିଦିନ ଲକ୍ଷ ଲକ୍ଷ ବ୍ୟାରେଲ ତୈଳ ବିଶ୍ୱ ବଜାରରେ ପହଞ୍ଚେ। ଯଦି ଏହି ପଥ ଯୁଦ୍ଧ, ଆତଙ୍କବାଦ, ରାଜନୈତିକ ସଂଘର୍ଷ କିମ୍ବା ସାମରିକ ଅବରୋଧ ଯୋଗୁଁ କେବେ ବନ୍ଦ ହୋଇଯାଏ, ତେବେ ଏକ ବଡ଼ ବିଶ୍ୱ ତୈଳ ସଙ୍କଟ ସୃଷ୍ଟି ହୋଇପାରେ। ଏହା ଦ୍ୱାରା ତୈଳ ମୂଲ୍ୟ ବୃଦ୍ଧି ପାଇବ, ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ଅର୍ଥନୀତି ଦୁର୍ବଳ ହେବ ଏବଂ ଅନେକ ଦେଶ ଶକ୍ତି ସଙ୍କଟ ଅନୁଭବ କରିବେ। ଆମେରିକା ଏବଂ ଇରାନ ମଧ୍ୟରେ ବର୍ତ୍ତମାନର ଯୁଦ୍ଧ ଏହି ବ୍ୟବସ୍ଥା ଉପରେ ସମଗ୍ର ବିଶ୍ୱ ପାଇଁ ଏକ ଶକ୍ତି ସଙ୍କଟ ସୃଷ୍ଟି କରିଛି। ଏହା ପ୍ରଶ୍ନ ଉଠାଏ ଯେ ହର୍ମୁଜ୍ ପ୍ରଣାଳୀର ବିକଳ୍ପ କ'ଣ ହୋଇପାରେ ? ବିଶ୍ୱ କିପରି ଏହାର ତୈଳ ଯୋଗାଣ ବଜାୟ ରଖିପାରିବ ? ହର୍ମୁଜ୍ ପ୍ରଣାଳୀ ହେଉଛି ପାରସ୍ୟ ଉପସାଗର ଏବଂ ଓମାନ ଉପସାଗର ମଧ୍ୟରେ ଏକ ସଂକୀର୍ଣ୍ଣ ସମୁଦ୍ର ପଥ। ଏହା ଉତ୍ତରରେ ଇରାନ ଏବଂ ଦକ୍ଷିଣରେ ଓମାନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ସୀମାବଦ୍ଧ। ଯଦିଓ ଏହା ମାତ୍ର ୩୩ କିଲୋମିଟର ଚଉଡା, ଏହା ବିଶ୍ୱ ତୈଳ ବାଣିଜ୍ୟ ପାଇଁ ଏକ ପ୍ରମୁଖ ପଥ। ସାଉଦି ଆରବ, ଇରାକ, କୁୱେତ, କତାର, ବାହାରିନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଭଳି ଦେଶରୁ ତେଲ ଏହି ପଥ ଦେଇ ଭାରତ, ଚୀନ୍, ଜାପାନ, ଦକ୍ଷିଣ କୋରିଆ ଏବଂ ୟୁରୋପରେ ପହଞ୍ଚିଥାଏ। ଏହି ପଥକୁ ବିଶ୍ୱର "ଶକ୍ତି ଜୀବନରେଖା" କୁହାଯାଏ। ହରମୁଜ୍ ପ୍ରଣାଳୀ ବିଶ୍ୱ ଶକ୍ତି କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ପ୍ରାୟ ୨୦% ତେଲ ଏହା ଦେଇ ଗତି କରେ। ତେଣୁ, ଏହି ପଥ ଉପରେ ସାମାନ୍ୟ ବିଭ୍ରାଟ ମଧ୍ୟ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରେ। ଭାରତ, ଚୀନ୍ ଏବଂ ଜାପାନ ଭଳି ଦେଶଗୁଡ଼ିକ ମଧ୍ୟପ୍ରାଚ୍ୟ ତୈଳ ଉପରେ ଅତ୍ୟନ୍ତ ନିର୍ଭରଶୀଳ। ତେଣୁ ଯଦି ହର୍ମୁଜ୍ ପ୍ରଣାଳୀ ଅବରୋଧ କରାଯାଏ, ତେବେ ଏହା ଏସିଆ ପାଇଁ ବିପଦକୁ ବୃଦ୍ଧି କରିବ। ଏହା ସାମରିକ ଏବଂ ରାଜନୈତିକ ଚାପର କେନ୍ଦ୍ର। ଇରାନ ବାରମ୍ବାର ଚେତାବନୀ ଦେଇଛି ଯେ ଆକ୍ରମଣ ହେଲେ ସେ ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିପାରେ। ବିଶ୍ୱରେ ତୈଳ ସଙ୍କଟ ସୃଷ୍ଟି ହେବାର କିଛି କାରଣ ଅଛି। ଯେପରିକି ଯୁଦ୍ଧ ଏବଂ ଯୁଦ୍ଧ। ଯଦି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ହୁଏ, ତେବେ ତେଲ ଯୋଗାଣ ବନ୍ଦ ହୋଇଯାଏ। ଏହା ସହିତ, ଆତଙ୍କବାଦୀ ଆକ୍ରମଣ, ତେଲ ଟ୍ୟାଙ୍କର କିମ୍ବା ପାଇପଲାଇନ ଉପରେ ଆକ୍ରମଣ ଯୋଗାଣ ବାଧା ସୃଷ୍ଟି କରିପାରେ। ଗୋଟିଏ ଦେଶ ଅନ୍ୟ ଦେଶ ଉପରେ ଚାପ ପକାଇବା ପାଇଁ ତେଲ ପଥ ଅବରୋଧ କରିପାରେ। କିଛି ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ତେଲ ସଙ୍କଟ ସୃଷ୍ଟି କରିପାରେ। ଯେପରିକି ସୁନାମି, ଘୂର୍ଣ୍ଣିଝଡ଼ କିମ୍ବା ଦୁର୍ଘଟଣା ମଧ୍ୟ ସାମୁଦ୍ରିକ ଯାତାୟାତକୁ ପ୍ରଭାବିତ କରେ।

ତେଣୁ ପ୍ରଶ୍ନ ଉଠେ ଯେ, ଆମେ କେବଳ ହର୍ମୁଜ୍ ପ୍ରଣାଳୀ ଉପରେ ନିର୍ଭର କରିବା ଉଚିତ, ନା ବିକଳ୍ପ ଅଛି ? ନିଶ୍ଚିତ ଭାବରେ କିଛି ଅଛି ଏବଂ ଏହା ବିଚାର କରାଯିବା ଆବଶ୍ୟକ। ଫଳସ୍ୱରୂପ, ଯଦି କୌଣସି କାରଣରୁ ହର୍ମୁଜ୍ ପ୍ରଣାଳୀ ସମସ୍ୟାର ସମ୍ମୁଖୀନ ହୁଏ, ତେବେ ଏକ ବିକଳ୍ପ ରହିବା ଆମକୁ ଏହାକୁ ଦୂର କରିବାରେ ସାହାଯ୍ୟ କରିପାରିବ। ତୈଳ ସଙ୍କଟର ସମାଧାନ ପାଇଁ, ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶ ବିକଳ୍ପ ଅନୁସନ୍ଧାନ କରୁଛନ୍ତି। ଏଥିମଧ୍ୟରୁ ସବୁଠାରୁ ପ୍ରମୁଖ ହେଉଛି ସାଉଦି ଆରବର ପୂର୍ବ ଏବଂ ପଶ୍ଚିମ ପାଇପଲାଇନ। ଏହି ପାଇପଲାଇନ ପାରସ୍ୟ ଉପସାଗରରୁ ଲାଲ ସାଗରକୁ ତେଲ ପରିବହନ କରେ। ଏହା ହର୍ମୁଜ୍ ପ୍ରଣାଳୀ ଉପରେ ନିର୍ଭରଶୀଳତା ହ୍ରାସ କରେ। ଏହାର ଅର୍ଥ ହେଉଛି ହର୍ମୁଜ୍ ପ୍ରଣାଳୀ ବନ୍ଦ ହେଲେ ମଧ୍ୟ ତେଲ ପଠାଯାଇପାରିବ। ଦ୍ୱିତୀୟତଃ, UAE ର ଆବୁଧାବି ପାଇପଲାଇନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହା ହର୍ମୁଜ୍ ପ୍ରଣାଳୀକୁ ବାଇପାସ୍ କରି ଆବୁଧାବିରୁ ଫୁଜୈରାହ ପର୍ଯ୍ୟନ୍ତ ଚାଲିଥାଏ। ଏହା ସଂଯୁକ୍ତ ଆରବ ଏମିରେଟ୍ସ ପାଇଁ ଏକ ବିକଳ୍ପ ପଥ ପ୍ରଦାନ କରେ, ଯାହା ଅନ୍ତର୍ଜାତୀୟ ବଜାରକୁ ସେମାନଙ୍କର ତୈଳ ଯୋଗାଣ ସୁନିଶ୍ଚିତ କରେ। ତୃତୀୟତଃ, ଲୋହିତ ସାଗର ଏବଂ ସ୍ୱେଜ୍ କେନାଲ। ସ୍ୱେଜ୍ କେନାଲ ଦେଇ ତୈଳ ୟୁରୋପରେ ପହଞ୍ଚେ। ଯଦିଓ ଏହା ଏକ ସମ୍ପୂର୍ଣ୍ଣ ବିକଳ୍ପ ପଥ ନୁହେଁ, ଏହା ହର୍ମୁଜ୍ ପ୍ରଣାଳୀ ଉପରେ ଚାପ କମ କରେ। ଏହାର ଲାଭ ହେଉଛି ଯେ ଏହା ଆନ୍ତର୍ଜାତୀୟ ବାଣିଜ୍ୟ ପାଇଁ ଏକ ପ୍ରମୁଖ ମାର୍ଗ ହେବ, ଯାହା ୟୁରୋପକୁ ଏକ ଛୋଟ ରାସ୍ତା ପ୍ରଦାନ କରିବ। ବିଶ୍ୱ ବର୍ତ୍ତମାନ ରୁଷ, କାଜାଖସ୍ତାନ ଏବଂ ମଧ୍ୟ ଏସିଆରୁ ତେଲ ଆମଦାନୀ କରେ। ଏହା ମଧ୍ୟପ୍ରାଚ୍ୟ ଉପରେ ନିର୍ଭରଶୀଳତା ହ୍ରାସ କରିବ। ସେଲ୍ ତେଲ ଉତ୍ପାଦନ ଆମେରିକାକୁ ବିଶ୍ୱର ସର୍ବବୃହତ ତୈଳ ଉତ୍ପାଦକ କରିଛି। ଏହା ବିଶ୍ୱ ତୈଳ ଯୋଗାଣ ବୃଦ୍ଧି କରିବ ଏବଂ ମଧ୍ୟପ୍ରାଚ୍ୟର ପ୍ରାଧାନ୍ୟ ହ୍ରାସ କରିବ। ଏହା ବ୍ୟତୀତ, ସୌରଶକ୍ତି, ପବନ ଶକ୍ତି, ଜଳବିଦ୍ୟୁତ୍ ଏବଂ ହାଇଡ୍ରୋଜେନ୍ ମଧ୍ୟ ଭବିଷ୍ୟତରେ ପ୍ରମୁଖ ବିକଳ୍ପ ହୋଇପାରନ୍ତି। ଯଦି ବୈଦ୍ୟୁତିକ ଯାନ ଏବଂ ଇଭିଗୁଡ଼ିକର ବ୍ୟବହାର ବୃଦ୍ଧି ପାଏ, ତେବେ ପେଟ୍ରୋଲ୍ ଏବଂ ଡିଜେଲର ଆବଶ୍ୟକତା ହ୍ରାସ ପାଇବ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ବର୍ତ୍ତମାନ ଆମର ଜନବହୁଳ ଦେଶ ଭାରତ ଉପରେ ଗୁରୁତର ପ୍ରଭାବ ପକାଇଛି। ଭାରତ ଏହାର ତେଲ ଆବଶ୍ୟକତାର ପ୍ରାୟ ୮୫% ଆମଦାନୀ କରେ। ତେଣୁ ହର୍ମୁଜ୍ ପ୍ରଣାଳୀରେ ସଙ୍କଟ ଭାରତ ଉପରେ ସର୍ବାଧିକ ପ୍ରଭାବ ଏବେ ପକାଇଛି। ଏହି ପ୍ରମୁଖ ପ୍ରଭାବଗୁଡ଼ିକ ମଧ୍ୟରେ ପେଟ୍ରୋଲ୍ ଏବଂ ଡିଜେଲ୍ ମୂଲ୍ୟ ବୃଦ୍ଧି, ସାମଗ୍ରୀ ମୂଲ୍ୟ ବୃଦ୍ଧି, ଡଲାର ତୁଳନାରେ ଟଙ୍କାର ଦୁର୍ବଳତା ଏବଂ ଶିଳ୍ପ ଏବଂ ପରିବହନ ଉପରେ ପ୍ରଭାବ ଅନ୍ତର୍ଭୁକ୍ତ। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯଦି ଏହି ଶକ୍ତି ସଙ୍କଟ କିଛି ସମୟ ପାଇଁ ଜାରି ରହେ, ତେବେ ଏହା ଭାରତର ପରିସ୍ଥିତିକୁ ଆହୁରି ଖରାପ କରିବ। ତଥାପି, ଭାରତ ଏହାକୁ ସମାଧାନ କରିବା ପାଇଁ ଏକ ରଣନୀତି ପ୍ରସ୍ତୁତ କରିଛି। ଉଦାହରଣ ସ୍ୱରୂପ, ଭାରତ ରୁଷଠାରୁ ଶସ୍ତା ତେଲ କିଣୁଛି। ଏହା ନବୀକରଣୀୟ ଶକ୍ତିରେ ନିବେଶ କରୁଛି। ପେଟ୍ରୋଲରେ ଇଥାନଲ୍ ମିଶାଇ ତେଲ ଆମଦାନୀ ହ୍ରାସ କରୁଛି। ଅନ୍ୟାନ୍ୟ ଜିନିଷ ସହିତ ସରକାର ବୈଦ୍ୟୁତିକ ଯାନବାହାନ କ୍ରୟ କରିବାରେ ସହାୟତା ଯୋଗାଇ ଦେଉଛନ୍ତି। ହରମୁଜ୍ ପ୍ରଣାଳୀ ହେଉଛି ଭାରତ ସମେତ ବିଶ୍ୱ ତୈଳ ବ୍ୟବସ୍ଥାର ହୃଦୟ। ଯଦି ଏହା ବନ୍ଦ ହୁଏ, ତେବେ ବିଶ୍ୱ ଅର୍ଥନୀତି ଗୁରୁତର ସମସ୍ୟାରେ ପଡ଼ିପାରେ। ତେଣୁ, ବିଶ୍ୱକୁ ଏବେ ବିକଳ୍ପ ମାର୍ଗ ଉପରେ ଧ୍ୟାନ ଦେବାକୁ ପଡିବ, ଯେପରି ପାଇପଲାଇନ୍ ବିକଳ୍ପ , ନବୀକରଣୀୟ ଶକ୍ତି, ବୈଦ୍ୟୁତିକ ଯାନବାହାନ ଏବଂ ରଣନୈତିକ ତୈଳ ଭଣ୍ଡାର ଆଦି । ଏହା ଭାରତ ପାଇଁ ଏକ ସତର୍କୀକରଣ ସଙ୍କେତ। ଯଦି ଭାରତ ଏକ ଆତ୍ମନିର୍ଭରଶୀଳ ଶକ୍ତି ବ୍ୟବସ୍ଥା ନିର୍ମାଣ କରିପାରିବ, ତେବେ ଏହା ଭବିଷ୍ୟତର ତୈଳ ସଙ୍କଟର ସଫଳତାର ସହିତ ସମାଧାନ କରିପାରିବ। ହର୍ମୁଜ୍ ର ବିକଳ୍ପ କେବଳ ଏକ ନୂତନ ସମୁଦ୍ର ପଥ ନୁହେଁ, ନୂତନ ଶକ୍ତି ନୀତି, ପ୍ରଯୁକ୍ତିବିଦ୍ୟା ଏବଂ ଆନ୍ତର୍ଜାତୀୟ ସହଯୋଗ ଭବିଷ୍ୟତ ପାଇଁ ଏକ ସ୍ଥାୟୀ ସମାଧାନ ହୋଇପାରେ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲଃ୮୨୪୯୫୦୨୭୭୬**

# ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା



ନୂଆଦିଲ୍ଲୀ, ୨୫।୫: ଭାରତ ଏବଂ ଆମେରିକା ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିକୁ ଶୀଘ୍ର ଚୂଡ଼ାନ୍ତ ରୂପ ଦେବା ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନା ଜୋରଦାର ହୋଇଛି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ମଧ୍ୟରେ ହୋଇଥିବା ବୈଠକ ପରେ ଏହି ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଖୁବ୍ ଶୀଘ୍ର ଏକ ଆମେରିକୀୟ ପ୍ରତିନିଧି ଦଳ ନୂଆଦିଲ୍ଲୀ ଗସ୍ତ କରିବେ ବୋଲି ସ୍ପଷ୍ଟ କରାଯାଇଛି।

ଗତ ଫେବୃଆରୀ ୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବାଣିଜ୍ୟ ଚୁକ୍ତି ବହୁତ ନିକଟରେ ଥିବା ଘୋଷଣା କରିଥିଲେ ମଧ୍ୟ ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଏଥିରେ କିଛି ଦିନ ପାଇଁ ସ୍ଥଗିତ କରାଯାଇଥିଲା। ବର୍ତ୍ତମାନ ଏହି ଚୁକ୍ତିକୁ ନେଇ କୂଟନୈତିକ ସ୍ତରରେ ବଡ଼ ସଂଶୋଧନ କରାଯାଉଛି। ନିକଟରେ ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ରପ୍ତାନୀ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବା ସହ ରୁଷଠାରୁ ଶକ୍ତି ଆମଦାନୀ ଉପରେ ୨୫% ଲେଭି ଲଗାଇବା ପରେ ଦୁଇ ଦେଶର ବାଣିଜ୍ୟିକ ସମ୍ପର୍କରେ କିଛିଟା ତିକ୍ତତା ଆସିଥିଲା। ଏହା ଉପରେ ମାର୍କୋ ରୁବିଓ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପ କେବଳ ଭାରତ ବିରୋଧରେ ନୁହେଁ, ବରଂ ବିଶ୍ୱସ୍ତରରେ ଆମେରିକାର ବାଣିଜ୍ୟ ଅସନ୍ତୁଳନକୁ ସୁଧାରିବା ଏବଂ ନିଜ ଦେଶକୁ ମାନୁଫାକ୍ଚରିଂ ଫେରାଇ ଆଣିବା ପାଇଁ ଉଦ୍ଦିଷ୍ଟ। ଭାରତୀୟ କମ୍ପାନୀଗୁଡ଼ିକ ଆମେରିକାରେ ୨୦ ବିଲିୟନ ଡଲାରରୁ ଅଧିକ ନିବେଶ କରିସାରିଛନ୍ତି। ଏହା ସହ ଭାରତ ନିକଟରେ ଆମେରିକା ନେତୃତ୍ୱାଧୀନ 'ପ୍ୟାକ୍ସ ସିଲିକା' ଆଲାଇନ୍ସରେ ସାମିଲ ହୋଇଛି।

ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ବୈଠକରେ ସ୍ପଷ୍ଟ କରିଛନ୍ତି ଯେ, ଭାରତର ୧୪୦ କୋଟି ଜନସଂଖ୍ୟାର ଶକ୍ତି ଆବଶ୍ୟକତା ପୂରଣ କରିବା ଏବଂ ସେମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ଇନ୍ଧନ ଯୋଗାଇବା ଭାରତ ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ଏବଂ ହୋର୍ମୁଜ ଜଳମାର୍ଗ ବନ୍ଦ ରହିବା ଯୋଗୁଁ ବିକଳ୍ପ ଶକ୍ତି ଯୋଗାଣ ପାଇଁ ଆମେରିକା ସହ ଆଲୋଚନା କରାଯାଇଛି।

**ଯନ୍ତର ମନ୍ତର ମାମଲା**

# କଂଗ୍ରେସ ନେତ୍ରୀ ଅଲକା ଲାମ୍ବା ଦୋଷୀ ସାବ୍ୟସ୍ତ



ନୂଆଦିଲ୍ଲୀ,୨୫।୫: ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ସୋମବାର ପୂର୍ବତନ କଂଗ୍ରେସ ବିଧାୟିକା ଅଲକା ଲାମ୍ବାଙ୍କୁ ୨୦୨୪ ମସିହାରେ ଜନ୍ତର ମନ୍ତରରେ ମହିଳା ସଂରକ୍ଷଣ ପାଇଁ ହୋଇଥିବା ପ୍ରତିବାଦ ସହିତ ଜଡ଼ିତ ଏକ ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଏନଆଇ ରିପୋର୍ଟ ଅନୁଯାୟୀ, ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ୍ ଅଶ୍ୱିନୀ ପନୱାର ଅଲକା ଲାମ୍ବାଙ୍କୁ ସରକାରୀ କର୍ମଚାରୀଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାରେ ବାଧା ଦେବା ଏବଂ ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ଏହି ମାମଲାରେ ଦଣ୍ଡର ପରିମାଣ ନିର୍ଣ୍ଣୟ କରିବା ପାଇଁ ବର୍ତ୍ତମାନ ଜୁନ୍ ୫ ତାରିଖରେ ପରବର୍ତ୍ତୀ ଶୁଣାଣି କରିବେ।

ସୂଚନାଯୋଗ୍ୟ ଯେ, ୨୦୨୪ରେ ସଂସଦର ମୌସୁମୀ ଅଧିବେଶନ ସମୟରେ ଯନ୍ତରମନ୍ତରରେ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଥିଲା, ଯେଉଁଥିରେ ମହିଳା ସଂରକ୍ଷଣ ଏବଂ ମହିଳା ସୁରକ୍ଷା ତୁରନ୍ତ କାର୍ଯ୍ୟକାରୀ କରିବା ଦାବି କରାଯାଇଥିଲା। ଅଭିଯୋଗକାରୀଙ୍କ ଅନୁଯାୟୀ, ଅଲକା ଲାମ୍ବାଙ୍କ ନେତୃତ୍ୱରେ ପ୍ରଦର୍ଶନକାରୀମାନେ ନିର୍ଦ୍ଧାରିତ ସୀମା ଅତିକ୍ରମ କରିଥିଲେ। ପରେ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ପୋଲିସ ଷ୍ଟେସନରେ ତାଙ୍କ ବିରୁଦ୍ଧରେ ଏଫଆଇଆର ରୁଜୁ ହୋଇଥିଲା।

## ମଝି ଆକାଶରେ ଫସିଲେ ୩୦୦ ପର୍ଯ୍ୟଟକ



ନୂଆଦିଲ୍ଲୀ, ୨୫।୫: ଜମ୍ମୁ-କାଶ୍ମୀରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଗୁଲମାର୍ଗରେ ଯାନ୍ତ୍ରିକ ତ୍ରୁଟି କାରଣରୁ ସୋମବାର ଗୋଣ୍ଡୋଲା କେବୁଲ କାର୍ (ରୋପ୍ ଓ୍ବେ) ସେବା ବ୍ୟାଘାତ ହୋଇଥିଲା। ତ୍ରୁଟି କାରଣରୁ କେବୁଲ କାର ହଠାତ ବନ୍ଦ ହୋଇଯିବାରୁ ପ୍ରାୟ ୩୦୦ ପର୍ଯ୍ୟଟକ କେବୁଲ କାରରେ ମଝି ଆକାଶରେ ହିଁ ଫସି ରହିଥିଲେ। ଏହାକୁ ନେଇ ଭୟଭୀତ ହୋଇପଡ଼ିଥିଲେ ପର୍ଯ୍ୟଟକ। ଅଧିକାରୀଙ୍କ ସୂଚନା ଅନୁସାରେ, ଯାନ୍ତ୍ରିକ ସମସ୍ୟା ଯୋଗୁ ଗୋଣ୍ଡୋଲା ସେବା ତୁରନ୍ତ ବନ୍ଦ କରିବାକୁ ପଡ଼ିଛି। ସୂଚନା ମିଳିବା ପରେ ସେନା ୯ ରାଜ୍ୟ ରାଇଫଲ୍ସ, ଜମ୍ମୁ- କାଶ୍ମୀର ପୋଲିସ ଏବଂ ପ୍ରଶାସନର ମିଳିତ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ବଡ଼ ରେସ୍କ୍ୟୁ ଅପରେସନ ଆରମ୍ଭ କରିଥିଲେ। ଉଦ୍ଧାର କାର୍ଯ୍ୟର ନିରୀକ୍ଷଣ ପାଇଁ ତଙ୍ଗମାର୍ଗ ଏସଡିଏମ ଏବଂ ତହସିଲଦାର ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବରେ ବାହାରକୁ ବାହାର କରାଯାଉଛି। ଅବଶ୍ୟ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଥିବା କୁହାଯାଇଛି।

## ଭାରତରୁ ଆମ୍ବ କିଣିବନି ଜାପାନ





ନୂଆଦିଲ୍ଲୀ ୨୫।୫: ଜାପାନ ଚଳିତ ସିଜନ ଲାଗି ଭାରତରୁ ଆମ୍ବ ଆମଦାନି ରୋକି ଦେଇଛି। ରପ୍ତାନି ବେଳେ ଭାରତୀୟ ଟ୍ରିଟ୍‌ମେଣ୍ଟ ସେଣ୍ଟର ଗୁଡିକରେ ଭିତ୍ତିଭୂମି ଅଭାବ ତଥା ମାନକକୁ ନେଇ ଏଭଳି କଟକଣା ଲଗାଯାଇଛି। ଏଭଳି କଟକଣା ଯୋଗୁ ଜାପାନ ବଜାରରେ ଭାରତୀୟ ଆମ୍ବ ରପ୍ତାନି ଅଟକି ଯାଇଛି। ଏହି ଆମ୍ବ ଗୁଡିକ ମଧ୍ୟରେ ବାଇଗଣପଲେଇ, କେସର, ଅଲଫାନ୍‌ସୋ, ଲଙ୍ଗଡା ଭଳି କିସମ ରହିଥିବା ୩ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏବେ ଯାଏ କେନ୍ଦ୍ର ସରକାର କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ମାତ୍ର ଏଭଳି କଟକଣା ଯୋଗୁ ବିନା କୌଣସି ସମାଧାନରେ ଏପ୍ରିଲ ଜୁନ ଅବଧିର ଆମ୍ବ ରପ୍ତାନି ସିଜନ ଶେଷ ହେବାର ଆଶଙ୍କା ରହିଛି। ମିଡିଆ ରିପୋର୍ଟ ମୁତାବକ, ୟୋକୋହାମା ପ୍ଲାଣ୍ଟ ପ୍ରୋଟେକ୍ସନ ଆସୋସିଏସନ ମାର୍ଚ୍ଚ ୩୧ରେ ଏ ନେଇ ଏକ ବୟାନ ଜାରି କରିଛି। ଜାପାନ ସରକାରୀ ପ୍ଲାଣ୍ଟ ପ୍ରୋକ୍ଟେସନ ଅଧିସୂଚନାରେ କୁହାଯାଇଛି ଯେ, ୨୫ ମାର୍ଚ୍ଚ ୨୦୨୬ କିମ୍ବା ଏହା ପରେ ଭାରତ ପକ୍ଷରୁ ଜାରି କରାଯାଇଥିବା ନିରୀକ୍ଷଣ ପ୍ରମାଣପତ୍ର ଲାଭ କରିଥିବା ଆମ୍ବ କ୍ଷେପକୁ ସ୍ୱୀକାର କରାଯିବ ନାହିଁ। ଏମିତିକି ଭାରତୀୟ ସେଣ୍ଟର ଗୁଡିକରୁ ସତେଜ ଆମ୍ବ ଆମଦାନି ମଧ୍ୟ ବାତିଲ କରାଯିବ। ଭାରତ ପରିଚାଳନା ମାନକରେ ସୁଧାର ନ ଆଣିବା ଯାଏ ଏଭଳି କଟକଣା ଲାଗିବ। ଗୁଜରାଟର ଜଣେ ରପ୍ତାନିକାରୀ କହିଛନ୍ତି, ଜାପାନ ଆମ୍ବ ନେଉନି। ସେଠାରୁ ରପ୍ତାନି କଟକଣା ଯୋଗୁ କ୍ଷତି ସହୁଛୁ। ସେହିଭଳି ଆମେରିକା ସହ ଅନ୍ୟ ବଜାରକୁ ରପ୍ତାନି ଖର୍ଚ୍ଚ ବାଧୁଛି। ଯୁଦ୍ଧ ଯୋଗୁ ଇନ୍ଧନ ଦର ବୃଦ୍ଧି ଏବଂ ବିମାନ ଯୋଗୁ ସାମଗ୍ରୀ ପଠାଇବା ମହଙ୍ଗା ହୋଇଛି।

## ଟ୍ରମ୍ପ୍‌ଙ୍କ ମିଡ଼ିଆ ପୋଷ୍ଟକୁ ନେଇ ଦ୍ୱନ୍ଦ୍ୱ




ନୂଆଦିଲ୍ଲୀ, ୨୫।୫: ଆମେରିକା ଇରାନ ମଧ୍ୟରେ ଉତ୍ତେଜନାକୁ କମ୍ କରିବା ଏବଂ ରଣନୈତିକ ରୂପରେ ଗୁରୁତ୍ୱପୂର୍ଣ୍ଣ ହୋର୍ମୁଜ ପ୍ରଣାଳୀକୁ ପୁଣି ଥରେ ଖୋଲିବା ଲାଗି ଆଲୋଚନା ଚାଲିଛି। ଇତିମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟ ଏଥିନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ତାହା ପୁନର୍ବାର ଯୁଦ୍ଧ ଆଡକୁ ଇଙ୍ଗିତ କରୁଛି ନା ଯୁଦ୍ଧର ଅନ୍ତ ତାହା ସମସ୍ତଙ୍କ ମନରେ ସଂଶୟ ବଢ଼ାଇଛି। ଟ୍ରୁଥ ସୋସିଆଲ୍‌ରେ ସେୟାର ହୋଇଥିବା ସେହି ଏଆଇ ଫଟୋରେ ଟ୍ରମ୍ପ 'ଅଡ଼ିଅସ୍' ବୋଲି ଲେଖିଛନ୍ତି। ସେହି ଶବ୍ଦର ଅର୍ଥ ହେଲା 'ଚିର ବିଦାୟ'। ଫଟୋରେ ଆମେରିକାର ଡ୍ରୋନ୍ ଇରାନର ପତକା ଲାଗିଥିବା ବୋଟ୍ ଉପରେ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ଆକ୍ରମଣ ଦ୍ୱାରା ଇରାନର ବୋଟ୍ ଧ୍ୱଂସ ପାଇଯାଇଥିବାବେଳେ ତାର ଧ୍ୱଂସାବଶେଷ ଚାରିଆଡ଼େ ବିକ୍ଷିପ୍ତ ହୋଇ ପଡୁଥିବା ପ୍ରଦର୍ଶିତ କରାଯାଇଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଏହି ପୋଷ୍ଟ ପରେ ଇରାନ ମଧ୍ୟ କଡ଼ା ପ୍ରତିକ୍ରିୟା ରଖିଛି। ଇରାନର ଖାତମ ଅଲ ଅନବିୟା କେନ୍ଦ୍ରୀୟ ମୁଖ୍ୟାଳୟର କମାଣ୍ଡର ଅଲି ଅବ୍ଦୋଲାହୀ କହିଛନ୍ତି, ଯଦି ଇରାନ ଉପରେ ଆକ୍ରମଣ କରାଯାଏ ତେବେ ଦେଶର ସେନା ଏହାର କଡା ଜବାବ ଦେବାକୁ ପ୍ରସ୍ତୁତ। ସେହିପରି ଯଦି ଟ୍ରମ୍ପ୍ ପୁଣି ସଂଘର୍ଷ ଆରମ୍ଭ କରନ୍ତି ତେବେ ପୂର୍ବାପେକ୍ଷା ଅଧିକ ବିନାଶକାରୀ ଜବାବ ଦିଆଯିବ ବୋଲି ଇରାନର ବରିଷ୍ଠ ନେତା କହିଛନ୍ତି।

# ତୈଳମୂଲ୍ୟ କମାଇଲେ ରାଜସ୍ୱ କ୍ଷତି ହେବ: ନିର୍ମଳା



ନୂଆଦିଲ୍ଲୀ, ୨୫।୫: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇ କହିଛନ୍ତି ଯେ, ଯଦି ପେଟ୍ରୋଲ ଏବଂ ଡିଜେଲ ଉପରୁ ଏକ୍ସାଇଜ୍ ଡ୍ୟୁଟି (ଉତ୍ପାଦ ଶୁଳ୍କ) ହ୍ରାସ କରାଯାଏ, ତେବେ ଦେଶର ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି ହେବ। ଏହାସହ ଦେଶର ଜନସାଧାରଣଙ୍କ ମଧ୍ୟରେ ସକାରାତ୍ମକ ବିଶ୍ୱାସ ସୃଷ୍ଟି କରିବା ଉପରେ ଜୋର ଦେଇ ସେ କହିଛନ୍ତି ଯେ, ଭାରତ ବର୍ତ୍ତମାନ ପରିସ୍ଥିତିରେ କୌଣସି ପ୍ରକାରର ନକାରାତ୍ମକ କିମ୍ବା ଭୟର ବାତାବରଣ ସହ୍ୟ କରିପାରିବ ନାହିଁ। ଅର୍ଥମନ୍ତ୍ରୀଙ୍କର ଏହି ମନ୍ତବ୍ୟ ଏପରି ଏକ ସମୟରେ ଆସିଛି, ଯେତେବେଳେ ଦେଶରେ ଇନ୍ଧନ ଦର ପୁଣି ଥରେ ବୃଦ୍ଧି ପାଇଛି। ବିଗତ ୧୦ ଦିନ ମଧ୍ୟରେ ଚତୁର୍ଥ ଥର ପାଇଁ ପେଟ୍ରୋଲ-ଡିଜେଲ ମୂଲ୍ୟ ବୃଦ୍ଧି ପାଇଛି। ସୋମବାର ପେଟ୍ରୋଲ ଲିଟର ପିଛା ୨.୬୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୨.୭୧ ଟଙ୍କା ମହଙ୍ଗା ହୋଇଛି। ଏହି ଦର ବୃଦ୍ଧି ସାଧାରଣ ପରିବାରର ବଜେଟ୍ ଏବଂ ପରିବହନ ଖର୍ଚ୍ଚ ଉପରେ ଚାପ ବଢ଼ାଇ ଦେଇଛି।

ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କର ୩୭ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୀତାରମଣ ନିଜର ମତ ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ଦୋହରାଇ ସେ ଦେଶରେ ସୃଷ୍ଟି କରାଯାଉଥିବା ନିରାଶାଜନକ ପରିସ୍ଥିତିକୁ କଡ଼ା ସମାଲୋଚନା କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ଶବ୍ଦ ଏବଂ କାର୍ଯ୍ୟ ଉଭୟ ମାଧ୍ୟମରେ ନାଗରିକଙ୍କ ମଧ୍ୟରେ ଭରସା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ମଧ୍ୟପ୍ରାଚ୍ୟ ସଙ୍କଟକୁ ପ୍ରାୟ ତିନି ମାସ ପୂରିବାକୁ ଯାଉଥିବା ବେଳେ ଅର୍ଥମନ୍ତ୍ରୀ ବିଶେଷ କରି ୩ଟି 'ଏଫ୍' ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି, ଯଥା- ଫୁଏଲ, ଫର୍ଟିଲାଇଜର, ଫୋରେକ୍ସ। ବିଶ୍ୱସ୍ତରୀୟ ଅନିଶ୍ଚିତତା ଏବଂ ଚାପ ସତ୍ତ୍ୱେ ଭାରତୀୟ ଅର୍ଥନୀତି ସୁଦୃଢ଼ ସ୍ଥିତିରେ ରହିଛି। ଅନ୍ତର୍ଜାତୀୟ ସ୍ତରରେ ସାରର ମୂଲ୍ୟ ଆଶାତୀତ ଭାବରେ ବୃଦ୍ଧି ପାଇଛି ଏବଂ ସୁନାର ଉଚ୍ଚ ମୂଲ୍ୟ ବଜାରରେ ଆହ୍ୱାନ ସୃଷ୍ଟି କରୁଛି, କିନ୍ତୁ ଭାରତ ଏହାର ସଫଳ ମୁକାବିଲା କରୁଛି ବୋଲି କହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ।

# ସିଜେପି ବିରୋଧରେ ଜନସ୍ୱାର୍ଥ ମାମଲା

ନୂଆଦିଲ୍ଲୀ, ୨୫।୫: କକ୍ରୋଚ୍ ଜନତା ପାର୍ଟିକୁ ନେଇ ଚାଲିଥିବା ବିବାଦ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ସଂଗଠନର କାର୍ଯ୍ୟକଳାପ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାୟର କରାଯାଇଛି। ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)କୁ ନେଇ ସୃଷ୍ଟ ବିବାଦ ଏବେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଏଥିରେ ଉକ୍ତ ସଂଗଠନ କାର୍ଯ୍ୟକଳାପ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ହୋଇଛି। ଏ ନେଇ ଏଏଫଆଇଆର ଦାୟର ସିବିଆଇ ଦ୍ୱାରା ତଦନ୍ତ କରାଇବା ଲାଗି ଦାବି କରାଯାଇଛି।




ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ଅଭିଯୋଗ କରାଯାଇଛି କି ଆତ୍ମଘୋଷିତ ରାଜନୈତିକ ସଂଗଠନ ସୁପ୍ରିମକୋର୍ଟଙ୍କ ମୌଖିକ ଟିପ୍ପଣୀକୁ ଭୁଲ ଭାବେ ବ୍ୟବହାର କରାଯାଇଛି। ଏହା ବ୍ୟବସାୟିକ ଲାଭ ଉଠାଇବାକୁ ଚେଷ୍ଟ କରୁଛି। ତେଣୁ ଏହି ମାମଲାରେ ସ୍ୱତନ୍ତ୍ର ତଦନ୍ତ କରାଯିବା ଜରୁରି। ଆବେଦନରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସମେତ ଏହି ମାମଲାର ଏକ ସ୍ୱାଧୀନ ତଦନ୍ତ ଏବଂ କଥିତ ନକଲି ଓକିଲ ଏବଂ ଆଇନ ବୃତ୍ତିରେ ନକଲି ଡିଗ୍ରୀଧାରୀମାନଙ୍କ ବିରୋଧରେ ତଦନ୍ତ ପାଇଁ ଦାବି କରାଯାଇଛି।

ଅବେଦନକାରୀ ଦର୍ଶାଇଛନ୍ତି, ସିଜେପି ଭଳି ସଙ୍ଗଠନ ଏବଂ ପ୍ରତୀକାତ୍ମକ ଅଭିଯାନ ଅଦାଲତଙ୍କ ଟିପ୍ପଣୀକୁ ପ୍ରଚାର, ବ୍ୟବସାୟିକ ଗତିବିଧି ଏବଂ ଡିଜିଟାଲ ମାର୍କେଟିଂ ନିମନ୍ତେ ବ୍ୟବହାର କରାଯାଉଛି। ଆବେଦନରେ ଏହାକୁ ସାମ୍ବିଧାନିକ ପ୍ରକ୍ରିୟାଗୁଡ଼ିକର ବିପଜ୍ଜନକ ବ୍ୟବସାୟୀକରଣ ବିବେଚନା କରାଯାଇଛି।

# ମାଉଣ୍ଟ ଏଭରେଷ୍ଟରେ କୋର ଡ୍ରିଲିଂ

କାଠମାଣ୍ଡୁ, ୨୫।୫: ଚୀନ୍-ନେପାଳର ଏକ ବୈଜ୍ଞାନିକ ଅଭିଯାନରେ ମାଉଣ୍ଟ ଏଭରେଷ୍ଟ ଶିଖରରେ ପ୍ରଥମଥର ପାଇଁ ସଫଳତାର ସହିତ ବରଫ କୋର୍ ଡ୍ରିଲିଂ କରାଯାଇଛି। ଅତ୍ୟୁଚ୍ଚ ଅଞ୍ଚଳରେ ଜଳବାୟୁ ଏବଂ ପରିବେଶଗତ ପରିବର୍ତ୍ତନକୁ ବୁଝିବା ପାଇଁ ଏହି ନମୁନା ସଂଗ୍ରହ କରାଯାଇଛି। ମିଳିତ ଅଭିଯାନର ସଦସ୍ୟମାନେ ୮,୮୪୮.୮୬ ମିଟର ଉଚ୍ଚତାରେ ବିଶ୍ୱର ସର୍ବୋଚ୍ଚ ପର୍ବତରେ ବରଫ କୋର୍ ଡ୍ରିଲିଂ କରିବା ସହ ନମୁନା ସଂଗ୍ରହ କରିଛନ୍ତି ବୋଲି ଚୀନ୍‌ର ସରକାରୀ ଗ୍ଲୋବାଲ୍ ଟାଇମ୍ସ ରିପୋର୍ଟ କରିଛି। ଏହି ରିପୋର୍ଟ ଅନୁଯାୟୀ, ଶିଖରରୁ ପ୍ରଥମ ପୂର୍ଣ୍ଣ-ଗଭୀର ବରଫ କୋର୍ ନିଷ୍କାସନ କରିବାକୁ ପ୍ରାୟ ଦୁଇ ଘଣ୍ଟା ସମୟ ଲାଗିଥିଲା। ଦଳ ଅନେକ ଉଚ୍ଚ ଗ୍ରାଡିଏଣ୍ଟରେ ବରଫ କୋର୍ ଏବଂ ତୁଷାର କୋର୍ ନମୁନା ସଂଗ୍ରହ କରିଛି। ବିଶ୍ୱର ସର୍ବୋଚ୍ଚ ଅଞ୍ଚଳରେ ଜଳବାୟୁ ଏବଂ ପରିବେଶଗତ ପରିବର୍ତ୍ତନ, କ୍ରାୟୋସ୍ଫିୟର ବିବର୍ତ୍ତନ ଏବଂ ଅତ୍ୟନ୍ତ ଉଚ୍ଚତାରେ ବାୟୁମଣ୍ଡଳୀୟ ରେକର୍ଡ ଉପରେ ଗବେଷଣା ପାଇଁ ନମୁନାଗୁଡ଼ିକୁ ନିମ୍ନ-ତାପମାନ ସଂରକ୍ଷଣ ପରିସ୍ଥିତିରେ ପରୀକ୍ଷାଗାରକୁ ପଠାଯିବ ବୋଲି ଦଳର ଅଧିକାରୀମାନେ କହିଛନ୍ତି। ସଂଗୃହିତ ନମୁନାଗୁଡ଼ିକ ଗବେଷକମାନଙ୍କୁ ଅତି-ଉଚ୍ଚତାପ ଅଞ୍ଚଳରେ ଜଳବାୟୁ ଏବଂ ପରିବେଶଗତ ପରିବର୍ତ୍ତନ, ଭାରତୀୟ ମୌସୁମୀର ପ୍ରଭାବର ସୀମା, ଉଚ୍ଚତାପ ଅଞ୍ଚଳରେ ପ୍ରଦୂଷକମାନଙ୍କର ପରିବହନ ପଥ ଏବଂ ମାଉଣ୍ଟ ଏଭରେଷ୍ଟର ଉତ୍ତର ଏବଂ ଦକ୍ଷିଣ ଢାଲୁ ମଧ୍ୟରେ ଜଳବାୟୁ ପ୍ରତିକ୍ରିୟାରେ ପାର୍ଥକ୍ୟକୁ ବୁଝିବାରେ ସାହାଯ୍ୟ କରିବ।

# ୩ ଏଆଇଡିଏମକେ ବିଧାୟକ ଟିଭିକେରେ ସାମିଲ



ଚେନ୍ନାଇ, ୨୫।୫: ତାମିଲନାଡୁ ଏଆଇଏଡିଏମକେର ତିନିଜଣ ବିଧାୟକ ଟିଭିକେରେ ସାମିଲ ହୋଇଛନ୍ତି। ବିଜୟଙ୍କ ଟିଭିକେକୁ ନିର୍ବାଚନରେ ୧୦୮ଟି ଆସନରେ ବିଜୟ ମିଳି ଥିଲା। ବିଜୟଙ୍କ ତ୍ରିଚି ଇଷ୍ଟ ଛାଡ଼ିବାରେ ବିଧାୟକଙ୍କ ସଂଖ୍ୟା ୧୦୭ ରହିଥିଲା। ଏଆଇଏଡିଏମକେର ଯେଉଁ ତିନି ଜଣ ବିଧାୟକ ଇସ୍ତଫା ଦେଇଛନ୍ତି, ସେମାନେ ହେଉଛନ୍ତି, ସରଗଥମ କୁମାରେସନ, ସତ୍ୟଭାମା ଓ ଜୟକୁମାର ସାମିଲ ଅଛନ୍ତି। ତିନିଜଣ ଏଆଇଡିଏମକେ ବିଧାୟକ ବିଧାନସଭାର ବାଚସ୍ପତିଙ୍କୁ ଇସ୍ତଫା ପ୍ରଦାନ କରିବା ପରେ ସିଏମ୍ ବିଜୟଙ୍କର ନିକଟତମ ମନ୍ତ୍ରୀ ଆଧବ ଅର୍ଜୁନଙ୍କୁ ଭେଟିଥିଲେ। ଏହାପରେ ସମସ୍ତେ ଟିଭିକେର ସଦସ୍ୟତା ଗ୍ରହଣ କରିଥିଲେ। ଟିଭିକେରେ ସାମିଲ ହୋଇଥିବା ଏଆଇଏଡିଏମକେର ତିନି ଜଣ ବିଧାୟକଙ୍କ ମଧ୍ୟରେ ଦୁଇ ଜଣ ମହିଳା ଅଛନ୍ତି। ବିଧାନସଭା ନିର୍ବାଚନରେ ଏଡପ୍ପାଡି କେ. ପଲାନିସ୍ୱାମୀଙ୍କ ନେତୃତ୍ୱରେ ଏଆଇଏଡିଏମକେ ୪୭ଟି ଆସନ ଜିତିଥିଲା। ଏଆଇଏଡିଏମକେ ବିଧାୟକଙ୍କ ଇସ୍ତଫା ଉପରେ ବିଧାନସଭାର ବାଚସ୍ପତି କହିଛନ୍ତି ଯେ, ସେ ଏଆଇଏଡିଏମକେ ତିନିଜଣ ବିଧାୟକଙ୍କ ଇସ୍ତଫା ଅନୁମୋଦନ କରିଛନ୍ତି।

## ଶିଶୁହତ୍ୟା ମାମଲାରେ କଠୋର ହେଲେ ବିଜୟ



ଚେନ୍ନାଇ, ୨୫।୫: ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟ ରାଜ୍ୟ ପୁଲିସ ଅଧିକାରୀମାନଙ୍କୁ ଯୌନ ଅପରାଧ, ବିଶେଷକରି ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧ ମାମଲାରେ କଠୋର ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସଚିବାଳୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅବସରରେ ବିଜୟ ଏହି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀଙ୍କ ସହ ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧ, ଦ୍ରୁତ ତଦନ୍ତ, ଦଣ୍ଡବିଧାନ ରଣନୀତି ଏବଂ ପ୍ରତିରୋଧକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ବିଜୟ ଅଭିଯୁକ୍ତଙ୍କ ପାଇଁ କଠୋର ଦଣ୍ଡ ସୁନିଶ୍ଚିତ କରିବା, ଅପରାଧ ସମ୍ବନ୍ଧୀୟ ମାମଲାଗୁଡ଼ିକର ପଞ୍ଜୀକରଣରେ ବିଳମ୍ବ ନକରିବା ତଥା ଶୀଘ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କୋଏମ୍ବାଟୁରର ସୁଲୁର ଅଞ୍ଚଳରେ ଜଣେ ୧୦ ବର୍ଷୀୟା ବାଳିକାକୁ ଅପହରଣ, ଯୌନ ନିର୍ଯାତନା ଏବଂ ହତ୍ୟା ଘଟଣାର ପୃଷ୍ଠଭୂମିରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ଘଟଣା ସହିତ ଜଡ଼ିତ ଦୁଇ ଜଣଙ୍କୁ ଗିରଫ କରାଯାଇଥିଲା, ଯାହା ବ୍ୟାପକ ଉତ୍ତେଜନା ସୃଷ୍ଟି କରିଥିଲା ଏବଂ ସ୍ଥାନୀୟ ବାସିନ୍ଦା ଏବଂ ପୀଡିତାଙ୍କ ପରିବାର ସୁଲୁର ପୋଲିସ ଷ୍ଟେସନ ବାହାରେ ଦୀର୍ଘ ସମୟ ଧରି ପ୍ରତିବାଦ କରିଥିଲେ। ପୋଲିସ କହିଛି ଯେ, ଅଭିଯୁକ୍ତମାନଙ୍କୁ ପକ୍ସୋ ଆଇନର ଅନୁଯାୟୀ ମାମଲା ରୁଜୁ କରାଯାଇଛି। ସମୀକ୍ଷା ବୈଠକରେ ପୁଲିସ ବିଭାଗ, ସମାଜ କଲ୍ୟାଣ ବିଭାଗ ଏବଂ ଆଡଭୋକେଟ୍ ଜେନେରାଲଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜାତୀୟ ରାଜଧାନୀକୁ ଧୂଳିଝଡ଼ ଆତଙ୍କ

## ଆଗୁଆ ସତର୍କତା ଜାରିକଲା ଆଇଏମ୍‌ଡି

ନୂଆଦିଲ୍ଲୀ, ୨୫।୫: ଭୀଷଣ ଗ୍ରୀଷ୍ମରେ ଆଉଟୁପାଉଟୁ ହେଉଥିବା ରାଜଧାନୀ ଦିଲ୍ଲୀବାସୀଙ୍କ ଲାଗି ଆଗାମୀ କିଛି ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ପାଣିପାଗ ବିଭାଗ ଦିଲ୍ଲୀରେ ଧୂଳିଝଡ଼ ନେଇ ଆଗୁଆ ସତର୍କତା ଜାରି କରିଛନ୍ତି। ବିଭାଗ ଅନୁସାରେ ଦିଲ୍ଲୀକୁ ଏକ ବିପଦ ମାଡ଼ି ଆସୁଛି ଏହା ଦ୍ୱାରା ଜାତୀୟ ରାଜଧାନୀରେ ଭୀଷଣ ଧୂଳିଝଡ଼ ହୋଇପାରେ। ପାଣିପାଗ ବିଭାଗଙ୍କ ଦ୍ୱାରା ଜାରି 'ନାଓ କାଷ୍ଟ' ଅନୁସାରେ ଦିଲ୍ଲୀର ସବୁ ଜିଲ୍ଲାଙ୍କ ଲାଗି ୟେଲୋ ଆଲର୍ଟ ଜାରି ହୋଇଛି। ଏଥିରେ ଘଣ୍ଟାପ୍ରତି ୩୦ରୁ ୫୦ କିଲୋମିଟର ବେଗରେ ଝଡ଼ ବହିପାରେ ବୋଲି ଆକଳନ କରାଯାଇଛି। ଏହାଦ୍ୱାରା ଧନଜୀବନ ପ୍ରଭାବିତ ହେବା ନେଇ ମଧ୍ୟ ଆଶଙ୍କା କରାଯାଇଛି। ଏଣୁ ପ୍ରଶାସନ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି। ଜାତୀୟ ରାଜଧାନୀରେ ରବିବାର ଯଦିଓ ଗରମ ଥିଲା ତେବେ ଅନ୍ୟଦିନ ଅପେକ୍ଷା କମ୍ ରହିଛି। ରବିବାର ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୪୩.୬ ଡିଗ୍ରି ରେକର୍ଡ ହୋଇଛି। ଏହା ସ୍ୱାଭାବିକ ଠାରୁ ୩.୪ ଡିଗ୍ରି ଅଧିକ ବୋଲି ପାଣିପାଗ ବିଭାଗ କହିଛନ୍ତି।

ତେବେ ରାଜଧାନୀ ଦିଲ୍ଲୀକୁ ମୁହାଁଇଥିବା ଧୂଳି ଝଡ଼ କେବଳ ଆଜି ରାତିକ ଆଶ୍ୱସ୍ତି ଦେଇପାରେ। ତେବେ ଦିଲ୍ଲୀ ଲାଗି ଆଗାମୀ ୩ ଦିନ ପର୍ଯ୍ୟନ୍ତ ପାଣିପାଗ ବିଭାଗର ହିଟୱେଭ ୟେଲୋ ୱାର୍ଣ୍ଣିଂ ଜାରି ରହିବ। ସୋମବାର ମଧ୍ୟ ଜାତୀୟ ରାଜଧାନୀରେ ଦିନର ତାପମାତ୍ରା ୪୪ ଡିଗ୍ରି ସେଲସିୟସ୍ ଆଖପାଖରେ ରହିବ। ଏହି ସମୟରେ ସର୍ବନିମ୍ନ ତାପମାତ୍ରା ୩୦ ଡିଗ୍ରି ସେଲସିୟସ ରହିପାରେ। ରବିବାର ପବନରେ ଆର୍ଦ୍ରତା ୧୮ରୁ ୩୭ ପ୍ରତିଶତ ମଧ୍ୟରେ ଥିଲା। ଏଣୁ ଦିନତମାମ ଲୋକେ ଗରମରେ ଛଟପଟ ହୋଇଛନ୍ତି।

**ରାଜଧାନୀରେ ଲଭ୍ ଜିହାଦ୍**

# ଦଳିତ ଯୁବତୀଙ୍କୁ ୪ ବର୍ଷ ଧରି ଗଣଦୁଷ୍କର୍ମ

ନୂଆଦିଲ୍ଲୀ, ୨୫।୫: ଦିଲ୍ଲୀର ଦକ୍ଷିଣପୂର୍ବ ଜାମିଆ ନଗରସ୍ଥିତ ଗୋଟିଏ ଘରେ ଜଣେ ୨୩ ବର୍ଷ ବୟସ୍କା ଦଳିତ ବର୍ଗର ଯୁବତୀଙ୍କୁ ବନ୍ଦୀ କରି ରଖିବା ସହିତ ତାଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବାଧ୍ୟ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଗତ କିଛିବର୍ଷ ଧରି ଯୁବତୀଙ୍କୁ ମୁସଲିମ ସମ୍ପ୍ରଦାୟର ଏକାଧିକ ବ୍ୟକ୍ତି ଦୁଷ୍କର୍ମ କରିଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏସଂକ୍ରାନ୍ତରେ ଦିଲ୍ଲୀ ପୁଲିସ ଚାରିଜଣଙ୍କୁ ଗରିଫ କରିଛି। ଏମାନଙ୍କ ମଧ୍ୟରେ ଯୁବତୀଙ୍କୁ ମଦ୍ରାସାରେ ବିବାହ କରିଥିବା ଫାହିମ୍ ଓ ସାହିଲ, ତାଙ୍କର ବାପା ଖୁର୍ସିଦ, ଜଣେ ମୌଲବୀ ଓ ଫାହିମର ଆଉଜଣେ ଭାଇ ଥିବା ଜଣା ପଡ଼ିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଫାହିମ୍ ଏବେ ଅନ୍ୟ ଏକ ମାମଲାରେ ଜେଲରେ ଥିବା ବେଳେ ପୋଲିସ ତାକୁ ଆଣିବା ପାଇଁ ତା' ବିରୋଧରେ ୱାରେଣ୍ଟ ଜାରି କରିଛି। ମେ ୧୪ ତାରିଖରେ ଦଳିତ ଯୁବତୀଙ୍କ ବୟାନକୁ ଆଧାର କରି ଜାମିଆ ନଗର ଥାନାରେ ବଳାତ୍କାର, ଅପରାଧିକ ଭୟ, ବନ୍ଦୀକରି ରଖିବା, ଧର୍ମ ପରିବର୍ତ୍ତନ ପାଇଁ ବାଧ୍ୟ କରିବା ତଥା ଶାରୀରିକ ଆଘାତ ଆଦି ଅଭିଯୋଗରେ ମାମଲା ରୁଜୁ କରାଯାଇଛି।



ଯୁବତୀଙ୍କ ବୟାନ ଅନୁଯାୟୀ, ୨୦୨୧ ମସିହାରେ ଜଣେ ଯୁବକ ଇନଷ୍ଟାଗ୍ରାମରେ ନିଜକୁ ହିନ୍ଦୁ ଯୁବକ ସାହିଲ ବୋଲି ପରିଚୟ ଦେଇ ତାଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ପରସ୍ପର ମଧ୍ୟରେ ସମ୍ପର୍କ ବଢ଼ିବା ପରେ ଯୁବକଙ୍କୁ ଭେଟିବା ପାଇଁ ସେ ୨୦୨୨ ମାର୍ଚ୍ଚମାସରେ ବାଟଲା ହାଉସସ୍ଥିତ ଏକ ଘରକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ସାହିଲ ତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା ଓ ତାଙ୍କ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର ଦୃଶ୍ୟ ସବୁର ଭିଡ଼ିଓ ସୁଟିଂ କରିନେଇଥିଲା। ପରେ ସେହିସବୁ ଭିଡ଼ିଓ ଦେଖାଇ ସାହିଲ ତାଙ୍କୁ ବ୍ଲାକମେଲିଂ କରିବା ଆରମ୍ଭ କରିଦେଇଥିଲା ଓ ତା' ପ୍ରସ୍ତାବରେ ରାଜି ନହେଲେ ସେ ସେବୁକୁ ସୋସିଆଲ ମିଡ଼ିଆରେ ଅପ୍‌ଲୋଡ୍ କରିଦେବାକୁ ଧମକ ଦେଇଥିଲା।

ସାହିଲ ତାଙ୍କୁ ଭୟଭୀତ କରି ମୀରଟ୍ ନେଇଥଲା। ମୀରଟରେ ପହଞ୍ଚିବା ପରେ ସେ ସାହିଲ ନୁହେଁ, ବାସ୍ତବରେ ସେ ଫାହିମ୍ ଓ ସେ ଜଣେ ମୁସଲମାନ ବୋଲି ଜାଣିବାକୁ ପାଇଥିବା ଯୁବତୀ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ଶାରୀରିକ ନିର୍ଯାତନା ସହ ଧର୍ମ ପରିବର୍ତ୍ତନ ଅଭିଯୋଗ


ମୀରଟରେ ଫାହିମ, ଫାହିମର ବାପା ଖୁର୍ସିଦ ଏବଂ ତାଙ୍କ ପରିବାରର ଅନ୍ୟ ପୁରୁଷମାନେ ତାଙ୍କ ପ୍ରତି ବଳପ୍ରୟୋଗ କରିଥିବା ଯୁବତୀ ଦର୍ଶାଇଛନ୍ତି। ସେମାନେ ତାଙ୍କୁ ବନ୍ଦୀ କରି ରଖିବା ସହ ମାଡ଼ ମାରୁଥିଲେ ଓ ଧର୍ମ ପରିବର୍ତ୍ତନ କରିବାକୁ ବାଧ୍ୟ କରୁଥିଲେ। ଲୁଚି ପଳାଇବାକୁ ଚେଷ୍ଟାକଲେ ତାଙ୍କୁ ହତ୍ୟା କରିବେ ବୋଲି ଧମକ ଦେଉଥିଲେ।

ଯୁବତୀଙ୍କ ବୟାନ ଆଧାରରେ ପ୍ରସ୍ତୁତ ଏଫଆଇଆର ତଥ୍ୟ ଅନୁଯାୟୀ, ଯୁବତୀଙ୍କୁ ଫାହିମ୍ ୨୦୨୨ ମସିହା ମେ ୨୭ ତାରିଖରେ ବନ୍ଧୁକ ଭୟ ଦେଖାଇ ଅଗୱାନପୁରଠାରେ ଥିବା ଏକ ମଦ୍ରାସାକୁ ନେଇଥିଲା ଓ ସେଠାରେ ତାକୁ ଜୋର କରି ବିବାହ କରିଥିଲା। ସେଠାରେ ତାଙ୍କର ନାମ ବଦଳାଇ ଆୟେଶା ରଖାଯାଇଥିବା ଓ ତାଙ୍କର ଆଧାର କାର୍ଡରେ ମିଥ୍ୟା ତଥ୍ୟ ଦିଆଯାଇଥିଲା ବୋଲି ଯୁବତୀ ଅଭିଯୋଗ କରିଛନ୍ତି। ଯୁବତୀ କହିଛନ୍ତି ଯେ, ଫାହିମର ବାପା ଖୁର୍ସିଦ ରକ୍ତଲଗା ମାଂସ ଆଣି ତାଙ୍କୁ ଧୋଇବା ପାଇଁ ଓ କାଟି ରାନ୍ଧିବା ପାଇଁ ବାଧ୍ୟ କରୁଥିଲା। ସେ ସେସବୁ କରିବାକୁ ମନା କଲେ ତାଙ୍କୁ ସେମାନେ ପ୍ରବଳ ମାଡ଼ ମାରୁଥିଲେ।

ଟାଇମ୍ସ ଅଫ୍ ଇଣ୍ଡିଆକୁ ଯୁବତୀଜଣକ କହିଛନ୍ତି ଯେ, ଫାହିମ ନାଁରେ କ୍ରିମିନାଲ ରେକର୍ଡ ଥିବାରୁ ସେ ହଜ୍ ଲାଗି ବାହାରକୁ ଯାଇପାରୁ ନଥିଲା। ସେଥିଲାଗି ସେ ଜଣେ ହିନ୍ଦୁ ଝିଅକୁ ବାହାହୋଇ ତାକୁ ମୁସଲିମକୁ ଧର୍ମାନ୍ତର କରିବାକୁ ଚାହୁଁଥିଲା। ଏପରି କରିବା ଦ୍ୱାରା ସେ ହଜ୍ ନ ଯାଇ ବି ସ୍ୱର୍ଗ (ଜନ୍ନତ)କୁ ଯାଇପାରିବ ବୋଲି ପାହିମ୍ ବିଶ୍ୱାସ କରୁଥିଲା। ଏମିତିକି ତାଙ୍କର ୩ ବର୍ଷର ଝିଅକୁ ଫାହିମର ଭାଇ ଓଲଟା ଝୁଲେଇ ତାକୁ ହତ୍ୟା କରିବାକୁ ଉଦ୍ୟମ କରିଥିଲା। ତେବେ ୨୦୨୫ ମସିହାରେ ଫାହିମକୁ ଜେଲ ପଠାଇଦିଆଯିବାରୁ ସେ ନିଜର ୩ ବର୍ଷର ଝିଅ ସହ ବଲ୍ଲବଗଡ଼କୁ ଫେରି ଆସିବାକୁ ସକ୍ଷମ ହୋଇଛନ୍ତି। ଏହାସତ୍ତ୍ୱେ ସେମାନେ ତାଙ୍କୁ ମାରିଦେବାକୁ ଧମକ ଦେଉଥିଲେ। ସେଥିଲାଗି ସେ ଝିଅ ସହ ବଲ୍ଲବଗଡ଼ ରେଳଷ୍ଟେସନକୁ ଆତ୍ମହତ୍ୟା କରିବାକୁ ଯାଇଥିଲେ। ମାତ୍ର ସେଠାରେ ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିବା ସହ ଗୋଟିଏ ଏନଜିଓ ସହାୟତାରେ ଥାନାକୁ ଆଣିଛନ୍ତି।




# ଚାରି ବର୍ଷ ଭିତରେ ଭାରତ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା



ନୂଆଦିଲ୍ଲୀ, ୨୫।୫: ୨୦୩୦ ସୁଦ୍ଧା ବିଶ୍ୱ ଅର୍ଥନୈତିକ ମାନଚିତ୍ରରେ ଦେଖିବାକୁ ମିଳିବ ନୂଆ ରୂପ । ଭାରତ ପାଲଟିବ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା। ଆମେରିକାକୁ ଟପି ଚୀନ ହେବ ମହାଶକ୍ତିଶାଳୀ। ପିପିପି ଆଧାରରେ କେତେକ ବିକାଶମୁଖୀ ଅର୍ଥନୀତିଗୁଡ଼ିକର ଜିଡିପି ରାଙ୍କିଙ୍ଗ୍ ବଢ଼ିଯିବ। ତଳକୁ ଖସିବେ ଲମ୍ବା ସମୟ ଧରି ଅର୍ଥନୈତିକ ମହାଶକ୍ତିର ମୁକୁଟ ପିନ୍ଧିଥିବା ରାଷ୍ଟ୍ର। ଏଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛିଓ୍ୱାର୍ଲ୍ଡ ଇକୋନୋମିକଫୋରମ୍ (ଡବ୍ଲ୍ୟୁ ଇଏଫ୍)। ରିପୋର୍ଟ ଅନୁସାରେ, ଆର୍ଥିକ ଦୃଷ୍ଟିକୋଣରୁ ପ୍ରଭାବଶାଳୀ ରହିବା ସତ୍ତ୍ୱେ ୨୦୩୦ ସୁଦ୍ଧା କିଛି ଅର୍ଥନୈତିକ ମହାଶକ୍ତିଗୁଡ଼ିକର ଗ୍ଲୋବାଲ ଜିଡିପି ରାଙ୍କିଙ୍ଗ୍ ଖସିଯିବ। ସେହଭଳି କେତେକ ବିକାଶମୁଖୀ ଅର୍ଥନୀତିଗୁଡ଼ିକର ସ୍ଥାନ ଉନ୍ନୀତ ହେବ ।

**ଆମେରିକାକୁ ପଛରେ ପକାଇ ଚୀନ୍ ହେବ ମହାଶକ୍ତିଶାଳୀ**

ଏହାର ପ୍ରମୁଖ କାରଣ ହେଉଛି ଏହି ରାଷ୍ଟ୍ରଗୁଡ଼ିକର ବର୍ଦ୍ଧିତ ଜନସଂଖ୍ୟା, ଦ୍ରୁତ ସହରାଞ୍ଚଳ ବିକାଶ, ଉତ୍ପାଦକତା ଅଭିବୃଦ୍ଧି ଏବଂ ପରିବର୍ଦ୍ଧିତ ଘରୋଇ ଚାହିଦା। ଏ କ୍ଷେତ୍ରରେ ଏସିଆର ପ୍ରଦର୍ଶନ ଭଲ ରହିବ। ଉତ୍ତର ଆମେରିକା ଏବଂ ୟୁରୋପର କିଛି ଭାଗରେ ଆର୍ଥିକ ଏବଂ ରାଜନୈତିକ ଗୁରୁତ୍ୱ ବଜାୟ ରହିବ । ରିପୋର୍ଟ ଅନୁସାରେ, କ୍ରୟ କ୍ଷମତା ସମାନତା(ପିପିପି) ଆଧାରରେ ୨୦୩୦ ସୁଦ୍ଧାଭାରତ ପାଲଟିବ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା। ବିଶ୍ୱ ଜିଡିପିକୁ ଏହାଦେବ ୮.୫୦% ଯୋଗଦାନ। ତେବେ ଯୁକ୍ତରାଷ୍ଟ୍ର ଆମେରିକାକୁ ପଛରେ ପକାଇଚୀନ୍ ପାଲଟିବ ବିଶ୍ୱର ସର୍ବବୃହତ୍ ଅର୍ଥନୀତି। ବିଶ୍ୱ ଜିଡିପିକୁ ଏହାର ଯୋଗଦାନ ରହିବ ୧୯.୭୦% । ସେହିଭଳି ଦ୍ୱିତୀୟ ସ୍ଥାନକୁ ଖସିଯିବ ଆମେରିକା।

ବିଶ୍ୱ ଜିଡିପିରେ ରିପୋର୍ଟରେ କୁହାଯାଇଛି ଯେ, କ୍ରୟ କ୍ଷମତା ସମାନତା(ପିପିପି) ହିସାବରେ ୨୦୩୦ ସୁଦ୍ଧା ଚୀନ୍ ବିଶ୍ୱର ସର୍ବବୃହତ୍ ଅର୍ଥବ୍ୟବସ୍ଥା ପାଲଟିବ। ଦେଶର ମଜଭୁତ ବିନିର୍ମାଣ ଇକୋସିଷ୍ଟମ ଯୋଗୁ ଏହା ଏ ଉପଲବ୍ଧି ହାସଲ କରିବ। ପ୍ରଯୁକ୍ତି, ଭିତ୍ତିଭୂମି ନିବେଶ ଏବଂ ଉପଭୋକ୍ତା ବ୍ୟୟ କ୍ଷେତ୍ରରେ ଚୀନର ଅଗ୍ରଗତି ହିଁ ଏହାକୁ ବିଶ୍ୱର ସର୍ବବୃହତ୍ ଅର୍ଥବ୍ୟବସ୍ଥାର ମୁକୁଟ ପିନ୍ଧାଇବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ତେବେ ଏସିଆରୁ ମଜଭୁତ ପ୍ରତିଯୋଗିତା ସତ୍ତ୍ୱେ ଯୁକ୍ତରାଷ୍ଟ୍ର ଆମେରିକା ୨୦୩୦ ସୁଦ୍ଧା ବିଶ୍ୱର ପ୍ରଭାବଶାଳୀ ଅର୍ଥନୈତିକ ମହାଶକ୍ତି ରହିବ। ବିତ୍ତୀୟ ବଜାର, ଗବେଷଣା ପ୍ରତିଷ୍ଠାନ, ବହୁରାଷ୍ଟ୍ରୀୟ କମ୍ପାନି ଏବଂ ଆମେରିକୀୟ ଡଲାରର ବର୍ଦ୍ଧିତ କ୍ଷମତା ହିଁ ଆମେରିକାର ପ୍ରଭାବକୁ ବଳବତ୍ତର ରଖିବ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଫାର୍ମା, ପ୍ରତିରକ୍ଷା ପ୍ରଯୁକ୍ତି ଏବଂ ଅତ୍ୟାଧୁନିକ କମ୍ପ୍ୟୁଟିଂ ଆଦି କ୍ଷେତ୍ରରେ ଦେଶ ନିବେଶ ଗଣିବ। ଅନ୍ୟପକ୍ଷରେ, ପିପିପି ଆଧାରରେ ଏହାର ଗ୍ଲୋବାଲ ଜିଡିପି ରାଙ୍କିଙ୍ଗ୍ ଦ୍ୱିତୀୟ ସ୍ଥାନକୁ ଖସିଯିବ ବୋଲି ରିପୋର୍ଟରେ କୁହାଯାଇଛି।

ପରିବର୍ଦ୍ଧିତ ଡିଜିଟାଲ ଭିତ୍ତିଭୂମି, ବର୍ଦ୍ଧିତ ସହରାଞ୍ଚଳ ଚାହିଦା ଏବଂ ମଧ୍ୟମ ଆୟବର୍ଗଙ୍କ ସଂଖ୍ୟା ବୃଦ୍ଧି ହିଁ ଏଥିରେ ସହାୟକ ହେବ। ଭାରତ କେବଳ ରପ୍ତାନି ଉପରେ ନିର୍ଭର କରିବ ନାହିଁ । ଘରୋଇ ଚାହିଦା ବୃଦ୍ଧି ଫଳରେ ଆଗକୁ ଏହା ଅନେକ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକୁ ପଛରେ ପକାଇଦେବ ବୋଲି ଡବ୍ଲ୍ୟୁଇଏଫ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦେଶରେ ସେବା, ଟେଲି ଯୋଗାଯୋଗ, ଆର୍ଥିକ ଏବଂ ବିନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଦେଖିବାକୁ ମିଳିଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଜନସଂଖ୍ୟାଜନିତ ଚାପ ଏବଂ ମନ୍ଥର ଜନସଂଖ୍ୟା ଅଭିବୃଦ୍ଧି ସତ୍ତ୍ୱେ ଜାପାନ ବିଶ୍ୱର ଅନ୍ୟତମ ଅଗ୍ରଣୀ ଅର୍ଥବ୍ୟବସ୍ଥାର ମାନ୍ୟତା ବଜାର ରଖିବ। ସେହିଭଳି ଜର୍ମାନି ମଧ୍ୟ ବିଶ୍ୱର ଅନ୍ୟତମ ସର୍ବବୃହତ୍ ଅର୍ଥନୀତି ରହିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଏସି, ଆଇସ୍କ୍ରିମ୍, ଥଣ୍ଡା ପାନୀୟ ବିକ୍ରି ବଢ଼ିଲା

ନୂଆଦିଲ୍ଲୀ, ୨୫।୫: ଦେଶରେ ଏବେ ଅସହ୍ୟ ଗ୍ରିଷ୍ମ ପ୍ରବାହ ଜାରି ରହିଛି। ତାହାର ପ୍ରଭାବରେ ଏୟାର କଣ୍ଡିସନର (ଏସି), ଥଣ୍ଡା ପାନୀୟ ଓ ଆଇସ୍କ୍ରିମ୍ ବିକ୍ରି ଯଥେଷ୍ଟ ବଢ଼ିଯାଇଛି। ଚଳିତ ବର୍ଷ ଶୀତଳତା ପ୍ରଦାନ କରୁଥିବା କମ୍ପାନିଗୁଡ଼ିକର ବିକ୍ରି ପୂର୍ବବର୍ଷଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ ରହିବା ଆଶା କରାଯାଉଛି। ଲୋକମାନେ ବ୍ଲିଙ୍କ୍ଇଟ୍ ଭଳି କ୍ୱିକ୍ କମର୍ସ ପ୍ଲାଟଫର୍ମ ଜରିଆରେ ଆଇସ୍କ୍ରିମ୍ ଓ ଥଣ୍ଡାପାନୀୟ ଆଦି ମଗାଉଛନ୍ତି।

ମଦର ଡେରିର ପରିଚାଳନା ନିର୍ଦ୍ଦେଶକ ଜୟତୀର୍ଥ ଚେରିଙ୍କ କହିବାନୁସାରେ ଗତ ୧୦ ଦିନରେ ଆଇସ୍କ୍ରିମ୍ ବିକ୍ରି ଦୁଇ ଗୁଣା ବଢ଼ିଛି। ଲୋଟେ ଆଇସ୍କ୍ରିମ୍ର ଏମ୍ଡି ଦେବବ୍ରତ ମୁଖାର୍ଜୀ କହିଛନ୍ତି ଯେ କମ୍ପାନିର କୋନ୍, ଷ୍ଟିକ୍ ଓ କପ୍ ଆଇସ୍କ୍ରିମ୍ ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଚଳିତ ଗ୍ରୀଷ୍ମ ଋତୁ ଏସି କମ୍ପାନିଗୁଡ଼ିକ ଲାଗି ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ଗତବର୍ଷ ପାଣିପାଗ ଅସ୍ଥିର ରହିବାରୁ ବିକ୍ରି ମାନ୍ଦା ରହିଥିଲା। ଯୁଦ୍ଧ ପ୍ରଭାବରେ କଞ୍ଚାମାଲ ଦର ବଢ଼ିବାରୁ କମ୍ପାନିଗୁଡ଼ିକ ଗତ ଏପ୍ରିଲ୍ରେ ଦାମ୍ ମଧ୍ୟ ବଢ଼ାଇଥିଲେ। ବିକ୍ରି ସମ୍ପର୍କରେ ହାୟର ଆପ୍ଲାଏନ୍ସେସ୍ ଇଣ୍ଡିଆର ସିଇଓ ଏନ୍ଏସ୍ ସତୀଶ କହିଛନ୍ତି ଯେ ଦେଶର ଉତ୍ତର ଓ ପଶ୍ଚିମ ଭାଗରେ ଚାହିଦା ବଢ଼ିଛି। ଦକ୍ଷିଣ ଭାରତରେ ମଧ୍ୟ ଚାହିଦା ଉତ୍ସାହଜନକ ରହିଛି। ଚଳିତ ମାସରେ କମ୍ପାନିର ବିକ୍ରିରେ ୩୫ ପ୍ରତିଶତ ବୃଦ୍ଧି ହୋଇଛି। ଚଳିତ ତ୍ରୈମାସିକରେ ବିକ୍ରି ବେଶ୍ ଦୃଢ଼ ରହିବ ବୋଲି ଏଲ୍ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆର ନିର୍ଦ୍ଦେଶକ ସଞ୍ଜୟ ଚିତକାରା କହିଛନ୍ତି। ପାନୀୟ ବିକ୍ରି ଉପରେ ମତ ଦେଇ ବରୁଣ ବେଭରେଜେସ୍ର ଅଧ୍ୟକ୍ଷ ରବି ଜୟପୁରିଆ କହଛନ୍ତି ଯେ ଗ୍ରୀଷ୍ମ ଋତୁର ପ୍ରଥମ ମାସରେ ବିକ୍ରି ବହୁତ ଭଲ ରହିଥିଲା। ଚଳିତ ବର୍ଷର ବିକ୍ରି ଧାରା ବେଶ ସକାରାତ୍ମକ ରହିଛି। ସେ କହିଛନ୍ତି ଯେ ଦୁଗ୍ଧଜାତ ଉତ୍ପାଦ, ନିମ୍ବୁଜ ଥଣ୍ଡା ପାନୀୟ, ଟ୍ରପିକାନା ପିଇଟି ଓ କେନ୍ ପାନୀୟ ବିକ୍ରି ଯଥେଷ୍ଟ ବଢ଼ିଛି। ଯଦି ପାଗ ଏହିଭଳି ଲାଗି ରହିବ ତେବେ ଏଥର ଆମେ ବହୁତ ଭଲ ପ୍ରଦର୍ଶନ କରିବୁ ବୋଲି ସେ କହିଛନ୍ତି।



# ୩ ମାସ ବନ୍ଦ ରହିଛି ହର୍ମୁଜ, ତଥାପି ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ତଳେ

ନୂଆଦିଲ୍ଲୀ, ୨୫।୫: ଅଶୋଧିତ ତୈଳ ମୂଲ୍ୟରେ ଚାପ। ଆମେରିକା-ଇରାନ ସମ୍ଭାବ୍ୟ ଶାନ୍ତି ଚୁକ୍ତିକୁ ନେଇ ଆଶାବାଦୀ ବିଶ୍ୱ ଶକ୍ତି ବଜାର ଉପରେ ପ୍ରଭାବ ପକାଇଛି। ବିଶ୍ୱର ତୈଳ ପରିବହନ ମାର୍ଗ ହର୍ମୁଜ ପୁନଃ ଖୋଲିବା ଦିଗରେ ଅଗ୍ରଗତି ନେଇ ରିପୋର୍ଟ ପରେ ନିବେଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବ୍ୟବସାୟୀମାନଙ୍କୁ ଏହି କ୍ଷେତ୍ରରେ ଯୋଗାଣ ବାଧାପ୍ରାପ୍ତ ହେବାର ବିପଦକୁ ପୁନଃମୂଲ୍ୟାୟନ ଦୂର କରିଛି। ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୦୦ ଡଲାର ତଳେ ରହିଛି। ପଶ୍ଚିମ ଟେକ୍ସାସ ଇଣ୍ଟରମିଡିଏଟ୍ଅ ଶୋଧିତ ତୈଳ ମୂଲ୍ୟରେ ମଧ୍ୟ ବଡ଼ କ୍ଷତି ରେକର୍ଡ କରାଯାଇଛି। ଆରମ୍ଭରୁ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ 99.39 ଡଲାରରେ କାରବାର କରୁଥିଲା। ଅଧିବେଶନ ସମୟରେ, ବ୍ରେଣ୍ଟ 94.82 ଡଲାର ସହ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ପ୍ରାୟ ତିନି ସପ୍ତାହ ମଧ୍ୟରେ ଏହା ସବୁଠାରୁ ଦୁର୍ବଳ ସ୍ତର।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସପ୍ତାହାନ୍ତରେ କହିଥିଲେ ଯେ ଇରାନ ସହିତ ଏକ ଶାନ୍ତି ଚୁକ୍ତି ସମ୍ପର୍କରେ ଏକ ବୁଝାମଣାପତ୍ର ଆଲୋଚନା କରାଯାଇଛି। ପ୍ରସ୍ତାବିତ ଚୁକ୍ତିନାମା ହରମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ଲକ୍ଷ୍ୟରେ କେନ୍ଦ୍ରିତ।

ରିପୋର୍ଟଗୁଡ଼ିକ ଏହା ମଧ୍ୟ ସୂଚାଇଛି ଯେ ପାକିସ୍ତାନୀ ମଧ୍ୟସ୍ଥତା ଉଭୟ ପକ୍ଷ ମଧ୍ୟରେ ଆଲୋଚନାକୁ ସୁଗମ କରିବାରେ ସାମିଲ ଥିଲେ। ତଥାପି, ଇରାନର ସରକାରୀ ଗଣମାଧ୍ୟମ ଦାବି କରିଛି ଯେ ଏକ ଚୂଡ଼ାନ୍ତ ଚୁକ୍ତି । ପରେ, ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଚୁକ୍ତିନାମାକୁ ଚୂଡ଼ାନ୍ତ କରିବାର କୌଣସି ତୁରନ୍ତ ଆବଶ୍ୟକତା ନାହିଁ। ଆନୁଷ୍ଠାନିକ ଚୁକ୍ତିନାମା ନହେବା ପର୍ଯ୍ୟନ୍ତ ଇରାନ ବିରୁଦ୍ଧରେ ନୌସେନା ଅବରୋଧ ରହିବ। ହର୍ମୁଜ୍ ପ୍ରଣାଳୀ ବିଶ୍ୱର ସବୁଠାରୁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ମଧ୍ୟରୁ ଗୋଟିଏ। ବିଶ୍ୱ ଅଶୋଧିତ ରପ୍ତାନିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବହନ କରେ।ଯଦିଓ ଜଳପଥ ପୁନଃ ଖୋଲିବା ପାଇଁ ଆଶା ବଜାର ମନୋଭାବକୁ ଉନ୍ନତ କରିଛି। ତଥାପି ହରମୁଜ୍ ପ୍ରଣାଳୀ ଦେଇ ତେଲ ପ୍ରବାହ ପୂର୍ବ-ଦ୍ୱନ୍ଦ୍ୱ ସ୍ତରଠାରୁ ନିମ୍ନରେ ରହିଛି। ଯାହା ସାମଗ୍ରିକ ଯୋଗାଣ ପରିସ୍ଥିତିକୁ ତୁଳନାତ୍ମକ ଭାବରେ କଡ଼ା ରଖିଛି। ଏହି ଜାରି ଯୋଗାଣ ପ୍ରତିବନ୍ଧକ ଭୌଗୋଳିକ ରାଜନୈତିକ ଭାବନାରେ ଉନ୍ନତି ସତ୍ତ୍ୱେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ହ୍ରାସକୁ ରୋକିବାରେ ସାହାଯ୍ୟ କରିଛି।


କୂଟନୈତିକ ପ୍ରଗତି ସଙ୍କେତ ସତ୍ତ୍ୱେ, ୱାଶିଂଟନ ଏବଂ ତେହେରାନ ଅନେକ ପ୍ରମୁଖ ପ୍ରସଙ୍ଗ, ବିଶେଷକରି ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ମତଭେଦରେ ରହିଛନ୍ତି। ରିପୋର୍ଟ ଅନୁଯାୟୀ, ଇରାନ ସମୃଦ୍ଧ ୟୁରାନିୟମର ଭଣ୍ଡାରକୁ ଆତ୍ମସମର୍ପଣ କରିବା ପାଇଁ ଆମେରିକାର ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ପରମାଣୁ ବିବାଦକୁ ନେଇ ଅନିଶ୍ଚିତତା ଜାରି ରହିଥିବାରୁ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ବଜାରରେ ଅସ୍ଥିରତା ବୃଦ୍ଧି ପାଇବାର ଆଶା କରାଯାଉଛି।



# ଆନ୍ଧ୍ରରେ ପେଟ୍ରୋଲ୍ ସବୁଠୁ ମହଙ୍ଗା, ଗୁଜରାଟରେ ଶସ୍ତା

ନୂଆଦିଲ୍ଲୀ, ୨୫।୫: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶରେ ତିନି ଥର ପେଟ୍ରୋଲ ଦରରେ ବୃଦ୍ଧି ଘଟିଛି। ଏହି ଦରବୃଦ୍ଧି ପରେ ବିଭିନ୍ନ ରାଜ୍ୟରେ ପେଟ୍ରୋଲ ଦର ଭିନ୍ନ ଭିନ୍ନ ସ୍ତରକୁ ବୃଦ୍ଧି ପାଇଛି। ଆନ୍ଧ୍ରରେ ପେଟ୍ରୋଲ ଦର ଲିଟର ପିଛା ସର୍ବାଧିକ ୧୧୭ ଟଙ୍କା ୮୦ ପଇସା ରହିଛି। ଏହା ପଛକୁ ତେଲେଙ୍ଗାନାରେଦେର ୧୧୫ ଟଙ୍କା ୭୦ ପଇସା, କେରଳରେ ୧୧୨ ଟଙ୍କା ୩୦ ପଇସା, ମଧ୍ୟପ୍ରଦେଶରେ ୧୧୧ ଟଙ୍କା ୪୦ ପଇସା ଓ ବିହାରରେ ୧୧୦ ଟଙ୍କା ୪୦ ପଇସା ରହିଛି। ଏହି ପାଞ୍ଚଟି ରାଜ୍ୟରେ ପେଟ୍ରୋଲ ଦର ୧୧୦ ଟଙ୍କାରୁ ଅଧିକ ହୋଇଛି।

ପଶ୍ଚିମବଙ୍ଗରେ ପେଟ୍ରୋଲ ୧୦୯ ଟଙ୍କା ୮୦ ପଇସା, ରାଜସ୍ଥାନରେ ୧୦୯ ଟଙ୍କା ୫୦ ପଇସା, ମହାରାଷ୍ଟ୍ରରେ ୧୦୮ ଟଙ୍କା ୫୦ ପଇସା, କର୍ଣ୍ଣାଟକରେ ୧୦୭ ଟଙ୍କା ୭୦ ପଇସା, ଓଡ଼ିଶାରେ ୧୦୫ ଟଙ୍କା ୯୦ ପଇସା ହୋଇଛି। ସବୁଠୁ ଶସ୍ତାରେ ପେଟ୍ରୋଲ ଗୁଜରାଟରେ ମିଳୁଛି। ସେଠାରେ ପେଟ୍ରୋଲ ଲିଟର ୯୯ ଟଙ୍କା ୧୦ ପଇସା ରହିଛି। ଚାରିଟି ରାଜ୍ୟରେ ପେଟ୍ରୋଲ ଦର ଏବେବି ୧୦୦ ଟଙ୍କାରୁ କମ୍ ରହିଛି। ହରିୟାନାରେ ଦର ୯୯ ଟଙ୍କା ୭୦ ପଇସା, ଦିଲ୍ଲୀରେ ୯୯ ଟଙ୍କା ୫୦ ପଇସା ଓ ଉତ୍ତରପ୍ରଦେଶରେ ୯୯ ଟଙ୍କା ୫୦ ପଇସା ରହିଛି।



ତାମିଲନାଡୁରେ ପେଟ୍ରୋଲ ଦର ଲିଟର ପିଛା ୧୦୫ ଟଙ୍କା ୬୦ ପଇସା, ଛତିଶଗଡ଼ରେ ୧୦୫ ଟଙ୍କା ୨୦ ପଇସା, ଝାଡ଼ଖଣ୍ଡରେ ୧୦୨ ଟଙ୍କା ୬୦ ପଇସା, ଆସାମରେ ୧୦୧ ଟଙ୍କା ୯୦ ପଇସା, ଗୋଆରେ ୧୦୧ ଟଙ୍କା ୩୦ ପଇସା ଓ ପଞ୍ଜାବରେ ୧୦୧ ଟଙ୍କା ୧୦ ପଇସା ରହିଛି।

ଗତ ମାର୍ଚ୍ଚ ୨୭ରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଲିଟର ପିଛା ୧୦ ଟଙ୍କା କମ୍ କରିଥିଲେ। ଏହାପରେ ବିପେଜି ଶାସିତ ରାଜ୍ୟଗୁଡ଼ିକ ତାହାର ଲାଭ ଗ୍ରାହକଙ୍କ ନିକଟରେ ପହଞ୍ଚାଇଥିଲେ। ସେଥିପାଇଁ ଗୁଜରାଟ, ଉତ୍ତରପ୍ରଦେଶ, ଦିଲ୍ଲୀ, ହରିୟାଣା, ଗୋଆ ଓ ଆସାମରେ ପେଟ୍ରୋଲ ଦାମ୍ କମ୍ ରହିଛି। ବିଭିନ୍ନ ରାଜ୍ୟ ପେଟ୍ରୋଲ ଓ ଡିଜେଲ ଉପରେ ଭିନ୍ନ ଭିନ୍ନ ହାରରେ ମୂଲ୍ୟଯୁକ୍ତ ଟିକସ (ଭାଟ୍) ଲଗାଇଛନ୍ତି। କିଛି ରାଜ୍ୟ ସ୍ୱତନ୍ତ୍ର ସେସ୍ ମଧ୍ୟ ସଂଗ୍ରହ କରୁଛନ୍ତି। ସେଥିପାଇଁ ସେହି ରାଜ୍ୟଗୁଡ଼ିକରେ ପେଟ୍ରୋଲ୍ ଦର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅପେକ୍ଷାକୃତ ଅଧିକ ରହୁଛି।

# ଦରଦାମ୍ ତାତି: ତେଲ, ଗ୍ୟାସ୍ ପରେ ପରିବା ଦର ବଢ଼ିଲା

ଭୁବନେଶ୍ୱର, ୨୫।୫: ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଦେଶରେ ଏଲ୍ପିଜି ଦର ମାର୍ଚ୍ଚ ମାସରେ ବଢ଼ିଲା। ବାଣିଜ୍ୟିକ ଏଲ୍ପିଜି ନ ମିଳିବାରୁ ହୋଟେଲ ଓ ରେଷ୍ଟୋରାଁରେ ଖାଇବା ମହଙ୍ଗା ହୋଇଥିଲା। ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ସରିବା ପରେ ସରକାରୀ ତେଲ କମ୍ପାନିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ୯ ଦିନରେ ୩ ଥର ବଢ଼ାଇଲେ। ଏଥିପାଇଁ ପେଟ୍ରୋଲ୍ ଓ ଡିଜେଲ୍ ଦର ଲିଟର ପିଛା ୫ ଟଙ୍କା ମହଙ୍ଗା ହୋଇଯାଇଛି। ବିଗତ କିଛିଦିନ ମଧ୍ୟରେ ଖାଇବା ତେଲ, ଡାଲି ଦର ବଢ଼ିଥିବାବେଳେ ଆଜି କଞ୍ଚା ପରିବା ଦର ବଢ଼ିଯାଇଛି। ପ୍ରାୟ ସବୁ କଞ୍ଚା ପରିବା ଦର ଭୁବନେଶ୍ୱରର ପାଇକାରୀ ବଜାରରେ କିଲୋଗ୍ରାମ ପିଛା ୫ରୁ ୧୦ ଟଙ୍କା ଲେଖାଏଁ ବଢ଼ିଯାଇଛି। ସୂଚନା ଅନୁଯାୟୀ, ଆଜି ରାଜଧାନୀରେ ବାଇଗଣର ଖୁଚୁରା ଦର ୬୦ ଟଙ୍କା, କଲରା ଦର ୬୦ରୁ ୮୦ ଟଙ୍କା, କାଙ୍କଡ଼ ୬୦ରୁ ୮୦ ଟଙ୍କା, ଗାଜର ୪୦ରୁ ୬୦ ଟଙ୍କା, ସଜନା ଛୁଇଁ ୮୦ରୁ ୧୦୦ ଟଙ୍କା, ଟମାଟୋ ୫୦ରୁ ୬୦ ଟଙ୍କା, ଭେଣ୍ଡି ୪୦ରୁ ୬୦ ଟଙ୍କା, ପୋଟଳ ୪୦ରୁ ୬୦ ଟଙ୍କା, କଖାରୁ ୩୦ ଟଙ୍କା, ଅମୃତଭଣ୍ଡା ୩୦ ଟଙ୍କା, ବନ୍ଧା କୋବି ୩୦ ଟଙ୍କାରେ ବିକ୍ରି ହୋଇଛି। ରାଜଧାନୀର ଖୁଚୁରା ବଜାରରେ ଅଦା ଓ ରୁସଣ ଦର କିଲୋଗ୍ରାମ ପିଛା ୧୨୦ ଟଙ୍କାରେ ବିକ୍ରି ହେଉଛି। ସପ୍ତାହକ ପୂର୍ବେ ହରଡ଼ ଡାଲି ଦାମ୍ କିଲୋଗ୍ରାମ ପିଛା ୧୨୦ ଟଙ୍କା ଥିବାବେଳେ ସଂପ୍ରତି ତାହା ୧୩୦ ଟଙ୍କାରେ ବିକ୍ରି ହେଉଛି। ସୋରିଷ ତେଲ ଓ ରିଫାଇନ୍ ତେଲ ଦର ଲିଟର ପିଛା ୧୦ ଟଙ୍କା ଲେଖାଏଁ ବଢ଼ି ଯଥାକ୍ରମେ ୧୯୦ ଟଙ୍କା ଓ ୧୮୦ ଟଙ୍କା ହୋଇଛି।




ଓଡ଼ିଶାକୁ ଅଧିକାଂଶ ଖାଦ୍ୟ ସାମଗ୍ରୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ରାଜ୍ୟରୁ ଆସୁଛି। ଏଥିସହିତ ପାଇକାରୀ ବଜାରରୁ ଖୁଚୁରା ବଜାରରେ ସାମଗ୍ରୀ ପହଞ୍ଚିବା ଲାଗି ୩ରୁ ୪ ହାତ ହୋଇଯାଉଛି। ତେଣୁ ଖାଉଟି ନିକଟରେ ସାମଗ୍ରୀ ପହଞ୍ଚିଲା ବେଳକୁ ଦର ୩ରୁ ୪ ଗୁଣା ବଢ଼ିଯାଉଛି। ରାଜଧାନୀ କଞ୍ଚା ପରିବା ବ୍ୟବସାୟୀ ମହାଜନ ସଂଘ ସଭାପତି କବିରାଜ ସ୍ୱାଇଁଙ୍କ ମତରେ ପରିବହନ ଖର୍ଚ୍ଚ ୧୦ ପ୍ରତିଶତ ବଢ଼ିଯାଇଛି। ସେଥିପାଇଁ ପରିବା ଦର ବଢ଼ିଯାଇଛି। ଆଗକୁ ସ୍ଥାନୀୟ ପରିବା ଶେଷ ହେବ। ଏହା ପରେ ଦରଦାମ ଆହୁରି ଅଧିକ ବଢ଼ିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ବଜାରରେ ୨ରୁ ୫ ପ୍ରତିଶତ ଦର ବଢ଼ିବା ଓ କମିବା ସ୍ୱାଭାବିକ। କିନ୍ତୁ ଦର ଏବେ ଅସ୍ୱାଭାବିକ ଭାବେ ବଢ଼ୁଛି। ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍ଆରପି) ଯିଏ ଯାହା ପାରିଲା ଲେଖୁଛି। ଉତ୍ପାଦନ ଖର୍ଚ୍ଚ କେତେ ରହୁଛି ଏବଂ ବିକ୍ରି ମୂଲ୍ୟ କେତେ ରହିବା ଉଚିତ, ସେ ସଂକ୍ରାନ୍ତରେ କେହି ଧ୍ୟାନ ଦେଉନାହାନ୍ତି। ସେହିଭଳି ଆମଦାନି ପରେ ଖାଇବା ତେଲ, ଡାଲି ଆଦି ଦର କେତେ ରହୁଛି ଏବଂ ଖାଉଟିଙ୍କୁ ବଜାରରେ କେତେ ଦରରେ ବିକ୍ରି କରାଯାଉଛି ସେ ବାବଦରେ ମଧ୍ୟ ସରକାରଙ୍କ ନଜର ନାହିଁ। ତେଣୁ ଦରଦାମ ବହୁମାତ୍ରାରେ ବଢ଼ୁଛି ଏବଂ ଖାଉଟି ଅସୁବିଧାରେ ପଡ଼ୁଛନ୍ତି। ଓଡ଼ିଶା ବ୍ୟବସାୟୀ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦରଦାମ ନିୟନ୍ତ୍ରଣ ପାଇଁ ଏକ କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରତି ୨ ମାସରେ ଥରେ ଏହି କମିଟିର ବୈଠକ କରିବା ପାଇଁ କୁହାଯାଇଥିଲା। କିନ୍ତୁ ୩ ମାସ ହେଲାଣି ସରକାର ସେହି ପ୍ରସ୍ତାବକୁ ଏପର୍ଯ୍ୟନ୍ତ ବିଚାରକୁ ନେଇ ନଥିବାରୁ ଶ୍ରୀ ପଣ୍ଡା କ୍ଷୋଭ ପ୍ରକାଶ କରିଛନ୍ତି। ସେହିଭଳି ଖୁଚୁରା ବଜାର ଉପରେ ସରକାରଙ୍କ ନିୟନ୍ତ୍ରଣ ନଥିବାରୁ ଦର ଉଚ୍ଚା ରହୁଛି ବୋଲି କୁବେରପୁରୀ ବ୍ୟବସାୟୀ ସଂଘର ସମ୍ପାଦକ ଶକ୍ତିଶଙ୍କର ମିଶ୍ର କହିଛନ୍ତି।



# ଆଜିର ସୁନା ଦର

ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

# ଫଳରେ ବିଷ କିଣୁଛନ୍ତି ଗ୍ରାହକ

- ଫଳ ପଚାଇବାକୁ ରାସାୟନିକ ପ୍ରୟୋଗ
- ଆମ୍ବରେ କାର୍ବାଇଡ୍, କଦଳୀରେ ଇଥେଫୋନ
- ଖାଦ୍ୟ ସୁରକ୍ଷା ବିଭାଗ କୋମାରେ

**କାକଟପୁର/ଅସ୍ତରଙ୍ଗ,୨୫।୫ (ସଂଚାର ବ୍ୟୁରୋ):** ଉପଯୁକ୍ତ ସମୟ ପୂର୍ବରୁ ପାଚିଯାଉଛି ଆମ୍ବ ଓ କଦଳୀ। ଭିତରେ କଞ୍ଚା ଥିଲେ ହେଁ ବାହାରକୁ ନାଲି ଓ ହଳଦିଆ ଦେଖାଯାଉଛି। ଗ୍ରାହକ ପାଚିଲା ଫଳ ଭାବି କିଣି ନେବା ବେଳକୁ ବାସ୍ତବରେ ଯେ ସେମାନେ ରାସାୟନିକ ପ୍ରୟୋଗ କରାଯାଇଥିବା ଫଳ ବା ବିଷ କିଣି ନେଉଛନ୍ତି ତାହା ଜାଣିପାରୁନାହାନ୍ତି। ନିକଟରେ ସାବିତ୍ରୀ ଅମାବାସ୍ୟା ପାଇଁ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାର ଚଳଚଞ୍ଚଳ ଥିଲା। ଖରାଦିନେ ଆମ୍ବକୁ ଅଧିକ କିଣି ନିଅନ୍ତି ଗ୍ରାହକ। କଦଳୀ ବର୍ଷ ଯାକର ଖାଦ୍ୟ। ଅଥଚ ଗ୍ରାହକଙ୍କୁ ଠକି ସେମାନଙ୍କୁ ନିଜର ଲାଭ ପାଇଁ ପାଚିଲା ଫଳ ନାଁରେ ବିଷ ବିକୁଛନ୍ତି ନିର୍ଦ୍ଦିଷ୍ଟ ବେପାରୀ।

ରାସାୟନିକ ଦ୍ରବ୍ୟ ଓ ରଙ୍ଗ ପ୍ରୟୋଗ କରି ଜବରଦସ୍ତ ପଚାଇ ମନୋଲୋଭା ରଙ୍ଗ କରି ଫଳକୁ ବଜାରରେ ବିକ୍ରି ପାଇଁ ଉପଲବ୍ଧ କରାଯାଇଥିଲା। ଏବେ ବ୍ୟବସାୟୀ ବିକ୍ରି କରିବା ପାଇଁ କିଛି ଘଣ୍ଟା ମଧ୍ୟରେ ଆମ୍ବକୁ ପଚାଇ ଦେଉଛନ୍ତି। ମାତ୍ର ୩ ରୁ ୫ଘଣ୍ଟା ମଧ୍ୟରେ କଦଳୀ ପାଚୁଛି। ଏସବୁକୁ ଖାଇ ମାରାତ୍ମକ ରୋଗର ଶିକାର ହେଉଛନ୍ତି ଗ୍ରାହକ।



ଫଳ ମାନଙ୍କ ମଧ୍ୟରେ ଆମ୍ବକୁ ରାଜା ବୋଲି କୁହାଯାଏ। ଗ୍ରୀଷ୍ମ ଋତୁରେ ଏହାର ଚାହିଦା ସର୍ବାଧିକ ରହିଥାଏ। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀ ମାନେ ରାଜ୍ୟ ତଥା ଦେଶରେ ବିଭିନ୍ନ ସ୍ଥାନରୁ ଆମ୍ବ ଆଣି ବିକିଥାନ୍ତି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଆମ୍ରପଲ୍ଲୀ,ବାଇଗଣ ପଲେଇ, ମଲ୍ଲୀକା ଭଳି ଆମ୍ବ ଗୁଡିକ ଚାହିଦା ଓ ବିକ୍ରିବଟା ଅଧିକ। ଖରା ଦିନେ ଦର ଯେତେ ଅଧିକ ହେଲେ ବି ଗ୍ରାହକ ଆମ୍ବ କିଣନ୍ତି। ତେବେ ଲୋକଙ୍କୁ ଗୁଣାତ୍ମକ ଆମ୍ବ ବିକ୍ରି ବଦଳରେ ଶୀଘ୍ର ଏହା ପଚାଇବାକୁ ରାସାୟନିକ ପଦାର୍ଥ ପ୍ରୟୋଗ କରାଯାଉଛି। ପରୋକ୍ଷରେ ଲୋକ ଟଙ୍କା ଦେଇ ବିଷ କିଣୁଛନ୍ତି ଓ ରୋଗରେ ଆକ୍ରାନ୍ତ ହେଉଛନ୍ତି।

ଅନେକ ପାଚିଲା ଆମ୍ବରେ ବିଷାକ୍ତ କାର୍ବାଇଡି ଓ କଦଳୀରେ ଇଥେଫୋନ ବ୍ୟବହାର କରାଯାଉଛି। ଉପରୁ ପାଚିଲା ଦେଖାଯାଉଥିବା ଏହି ଆମ୍ବ ପାଟିକୁ ସୁଆଦ ଲାଗୁଛି, ମାତ୍ର ଶରୀର ପାଇଁ କ୍ଷତିକାରକ



ସାଜୁଛି। କ୍ୟାଲସିୟମ କାର୍ବାଇଡି ବାହାରୁଥିବା ଏସିଟିଲିନ ଗ୍ୟାସ ଫଳରେ ରହି କ୍ୟାନସାର ଭଳି ରୋଗକୁ ଏହା ଆମନ୍ତ୍ରଣ କରୁଛି। ପାଟିରେ ଘା, ପେଟ ରୋଗ, ଥାଇରଏଡ୍ ଓ ଆଲର୍ଜି ଭଳି ରୋଗ ହୁଏ। କଦଳୀ, ସପୁରୀ, ପଣସ ତଥା ଅସ୍ତରଙ୍ଗ, କାକଟପୁର ବଜାରରେ ମିଳୁଥିବା ପ୍ରାୟ ଅଧିକାଂଶ ଫଳରେ ଏଭଳି କେମିକାଲ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଏହାକୁ ଖାଦ୍ୟ ସୁରକ୍ଷା ବିଭାଗ ଯାଞ୍ଚ କରିବାକୁ ସାଧାରଣ ଦାବୀ ହେଉଛି।

ଖାଦ୍ୟ ସୁରକ୍ଷା ଆଇନ ୨୦୦୬ଅନୁଯାୟୀ ଏହି କେମିକାଲ ବ୍ୟବହାର ଉପର କଟକଣା ଥିଲେ ହେଁ ଏହାକୁ ଅଣଦେଖା କରୁଛନ୍ତି ଅନେକ ବେପାରୀ। ଏହାର କ୍ଷତିକାରକ ପ୍ରଭାବ ସମ୍ପର୍କରେ ଫଳ ବେପାରୀ, ଚାଷୀଙ୍କ ଠାରୁ ଆରମ୍ଭ କରି ଗ୍ରାହକ ଙ୍କୁ ସଚେତନ କରାଇବା ମଧ୍ୟ ଜରୁରୀ।

---

### ବିପଦ ବେଳେ ସଙ୍କଟ ମୋଚକ, ଏମାନେ ବି ଦେବଦୂତ

## ଅସହାୟଙ୍କୁ ସହାୟତାର ହାତ ବଢ଼ାଇଲା 'ସାଇ ଗାୟତ୍ରୀ ପରିବାର'



**ବୋରିଗୁମ୍ମା,୨୫।୫ (ସଂଚାର ବ୍ୟୁରୋ):** କୁହାଯାଏ ସଠିକ ସମୟରେ ଗରିବର ଡାକ ଶୁଣନ୍ତି ଭଗବାନ, ଅସହାୟ ମଣିଷକୁ ସାହାଯ୍ୟ କରିବାକୁ ବିଭିନ୍ନ ରୂପରେ ପଠାନ୍ତି। ଆଉ ସଙ୍କଟ ସମୟରେ ବୋରିଗୁମ୍ମା ଅଞ୍ଚଳର ଭିନ୍ନକ୍ଷମ ଓ ଦିବ୍ୟାଙ୍ଗ ଭାଇ ଭଉଣୀଙ୍କ ପାଖକୁ ଦେବଦୂତ ସାଜି ପହଞ୍ଚିଛନ୍ତି ସମାଜସେବା କୁ ବ୍ରତ କରିଥିବା ସାଇ ଗାୟତ୍ରୀ ପରିବାର | ଯେ କି ଆଉ ଜଣେ ଦ୍ୱିତୀୟ ଭଗବାନ, ହଁ ଜୀବନ ସହ ସଂଘର୍ଷ କରୁଥିବା ଦିବ୍ୟାଙ୍ଗଙ୍କୁ ଦିବ୍ୟାଙ୍ଗ ସହାୟତା ଓ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କ ସହାୟତାରେ ହାତ ବଢ଼ାଇଛି ସାଇଗାୟତ୍ରୀ ପରିବାର। ଗତକାଲି ସନ୍ଧ୍ୟା ୭ ଘଣ୍ଟା ସମୟରେ ବୋରିଗୁମ୍ମା ସହର ଦୁଲଲ୍ହାଗୁଡା ସ୍ଥିତ ଗାୟତ୍ରୀ ସାଇପରିବାର ମୁଖ୍ୟ ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ଷଡ଼ଙ୍ଗୀ (ଲାଲୁ)ଓ ସହଧର୍ମିଣୀ ଗୀତାଞ୍ଜଳି ଷଡ଼ଙ୍ଗୀଙ୍କ ସାଇ ବାସଭବନରେ ବୋରିଗୁମ୍ମା ବ୍ଲକର ମା ମାଣିକେଶ୍ୱରୀ ଦିବ୍ୟାଙ୍ଗ ସଂଘର ୧୫ ରୁ ୨୦ ଜଣ ଦିବ୍ୟାଙ୍ଗ ମା, ଭାଇ ଭଉଣୀଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା | ଏବଂ ସେମାନଙ୍କୁ ଚାଲିବା ଲାଗି ୱାକିଙ୍ଗ ଷ୍ଟାଣ୍ଡ ଏବଂ ପ୍ରତ୍ୟେକ ଭିନ୍ନକ୍ଷମ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ | ଏହି କାର୍ଯ୍ୟକ୍ରମ ଅବସରରେ ବୋରିଗୁମ୍ମା ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ଶିବିର ଆୟୋଜନ କରି ବରିଷ୍ଠ ନାଗରିକଙ୍କୁ ପୁଷ୍ପ ଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା |

## ବାଇକ୍ ଦୁର୍ଘଟଣାରେ ଦୁଇ ମୃତ, ଜଣେ ଗୁରୁତର



**ବୈଶିଙ୍ଗା, ୨୫।୫ (ସଂଚାର ବ୍ୟୁରୋ):** ବାଇକ ସହିତ ବାଇକର ଦୁର୍ଘଟଣା ଘଟି ଅଧା ବାଟରେ ଚାଲି ଯାଇଛି ଜଣେ ଆଦର୍ଶ ଶିକ୍ଷକଙ୍କ ଜୀବନ। ଏହିପରି ଏକ ମର୍ମନ୍ତୁଦ ଦୁର୍ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ବୈଶିଙ୍ଗା-ରୂପ୍ସା ରାସ୍ତାର ବୈଶିଙ୍ଗା ମୁନିଲାଲ ଉଚ୍ଚ ବିଦ୍ୟାଳୟ ସାମ୍ନାରେ। ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିବା ବେଳେ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମୃତକ ଜଣକ ହେଲେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ମୟୂରଭଞ୍ଜ ଜିଲ୍ଲା ସଭାପତି ଶରତ କୁମାର ମହାନ୍ତ। ମିଳିଥିବା ସୂଚନା ମୁତାବକ ଯୁଗପୁରା ଗ୍ରାମର ଶିକ୍ଷକ ଶରତ କୁମାର ମହାନ୍ତ। ଆମ୍ବଗଡିଆ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସେ ଆଜି ସକାଳେ ଠାକୁରଙ୍କ ପୂଜା ପାଇଁ ଫୁଲ କିଣିବାକୁ ଆସିଥିଲେ ବୈଶିଙ୍ଗା ବଜାର। ଫୁଲ କିଣିସାରିଥିବା ବେଳେ ମୁନିଲାଲ ଉଚ୍ଚ ବିଦ୍ୟାଳୟ ସାମ୍ନାରେ ଥିବା ଦୋକାନରୁ କୌଣସି ଏକ ଜିନିଷ କିଣି ବାହାରୁଥିବା ବେଳେ ବୈଶିଂଙ୍ଗାରୁ ରୂପ୍ସା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ରଘୁପୁର ପଞ୍ଚାୟତ ଦିଗାନଗର ଗ୍ରାମର ଯତୀଶ ସିଂ ଅନ୍ୟଏକ ବାଇକରେ ଶରତଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ସେଠାରେ ପଡିଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ ନିଜ ଗାଡିରେ ଉଭୟଙ୍କୁ ବୈଶିଙ୍ଗା ଡାକ୍ତର ଖାନାକୁ ଆଣିଥିଲା। ଡାକ୍ତର ଶରତଙ୍କୁ ସେଠାରେ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଯତୀଶଙ୍କୁ ପ୍ରାଥମିକ ଚିକିତ୍ସା ପରେ ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର କରିଥିବା ବେଳେ ରାସ୍ତାରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବୈଶିଙ୍ଗା ଡାକ୍ତରଖାନା ଲୋକାରଣ୍ୟ ହୋଇପଡିଥିଲା। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡିକାଲକୁ ପଠାଇବା ସହିତ ୨୭୪/୨୬ ମୂଳେ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି।

## ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘର ସଭାପତି ଅଶୋକ ଓ ସମ୍ପାଦକ ସତ୍ୟଜିତ



**ସୁନ୍ଦରଗଡ଼, ୨୫।୫ (ସଂଚାର ବ୍ୟୁରୋ):** ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶ ଅନୁଯାୟୀ ଶନିବାର ଦିନ ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ୱେଲଫେୟାର କମିଟି ସଦସ୍ୟ ଭାବରେ ନିର୍ଦ୍ୱନ୍ଦରେ ଶ୍ରୀମତୀ ଅଞ୍ଜନା ସାହୁ, ଗୌତମ ହାତୀ,ଉମା ଶଙ୍କର ପଟେଲ, ସୁଶାନ୍ତ କୁମାର ପାଣ୍ଡେ ଓ ସୁନୀତା ପଟେଲ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟ ନିର୍ବାହୀ କମିଟିର ୫ ଟି ପଦବୀ ପାଇଁ ନିର୍ବାଚିତ ହୋଇଛନ୍ତି ବୁଧଦେବ ନାଏକ,ପ୍ରଶାନ୍ତ ପଟେଲ, ପ୍ରଣବ କୁମାର ସିଂ, ମାଳି ଟପ୍ପୋ ଓ ଆଭାମାୟୀ ଖାଖା । ସର୍ବମୋଟ ୧୭୦ ଜଣ ସଦସ୍ୟ ମତଦାନ କରିଥିଲେ, ସେଥିମଧ୍ୟରୁ ସଭାପତି ପଦରେ ଅଶୋକ କୁମାର ସ୍ୱାଇଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କିଶୋର କୁମାର ନାଏକଙ୍କ ଠାରୁ ୧ ଖଣ୍ଡ ଭୋଟ ଅଧିକ ପାଇ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ପଦରେ ସ୍ୱରାଜ ପଟେଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଗଜେନ୍ଦ୍ର ପାତ୍ରଙ୍କ ଠାରୁ ୫୨ ଖଣ୍ଡ ଭୋଟ ଅଧିକ ପାଇ ନିର୍ବାଚିତ ହୋଇଛନ୍ତି । ଠିକ ସେହିପରି ସମ୍ପାଦକ ପଦରେ ସତ୍ୟଜିତ ପଣ୍ଡା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଭୋର ଆନନ୍ଦ ପଟେଲଙ୍କ ଠାରୁ ୪୪ ଖଣ୍ଡ ଭୋଟ ଅଧିକ ପାଇ ନିର୍ବାଚିତ ହୋଇଥିବା ବେଳେ ସହ ସମ୍ପାଦକ ପଦରେ ମାନସ ରଞ୍ଜନ ପଣ୍ଡା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରବିନ୍ଦ୍ର ମାଳିଙ୍କ ଠାରୁ ୨୬ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି । କୋଷାଧ୍ୟକ୍ଷ ପଦରେ ବାଦଲ ଚୌଧୁରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରାଜେନ୍ଦ୍ର ବେକଙ୍କ ଠାରୁ ୩୬ ଖଣ୍ଡ ଭୋଟ ଅଧିକ ପାଇ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବି ସୁକାନ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି ।

### ସଂଗ୍ରାମପୁର ପଞ୍ଚାୟତରେ ଭତ୍ତା ବଣ୍ଟନରେ ଅନିୟମିତତା ଅଭିଯୋଗ

## ମୃତ ହିତାଧିକାରୀଙ୍କ ନାମରେ ଆସୁଥିଲା ଭତ୍ତା



**ବାଲିକୁଦା, ୨୫।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତରେ ମଲା ଭତ୍ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ସମ୍ପ୍ରତି ଆୟୋଜିତ ସୋସିଆଲ ଅଡିଟ୍ ରେ ଏମିତି କିଛି ତଥ୍ୟ ସାମ୍ନାକୁ ଆସିଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ମୃତ ବ୍ୟକ୍ତିଙ୍କ ନାମରେ ଏପର୍ଯ୍ୟନ୍ତ ଭତ୍ତା ଆସୁଥିବା ଘଟଣା ସୋସିଆଲ ଅଡିଟ୍‌ରେ ଜଣାପଡିଛି।

ସୂଚନା ଅନୁସାରେ, ସଂଗ୍ରାମପୁର ପଞ୍ଚାୟତର ମୋଟମଧୁବାବୁ ପେନସନ ଯୋଜନାରେ ୮୦୫ ଜଣ ହିତାଧିକାରୀ ଉପକୃତ ହେଉଥିବା ବେଳେ, ଜାତୀୟ ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୨୬୮ ଜଣ ହିତାଧିକାରୀ ଉପକୃତ ହେଉ ଥିବାବେଳେ ସେଥିମଧ୍ୟରୁ ଆଠ ଜଣ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଜାରି ରହିଥିବା ତଥ୍ୟ ଚର୍ଚ୍ଚାକୁ ଆସିଛି। ଏହି ତଥ୍ୟ ପ୍ରକାଶ ପାଇବା ପରେ ସରକାରୀ ଭତ୍ତା ବଣ୍ଟନ ପ୍ରକ୍ରିୟା ଓ ପ୍ରଶାସନିକ ବ୍ୟବସ୍ଥାପନାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଯଦି ପ୍ରକୃତରେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠୁଥାଏ, ତେବେ ଏହା ଗୁରୁତର ଅନିୟମିତତାର ସୂଚନା ଦେଉଛି।

ଏହି ଘଟଣାକୁ ନେଇ ସଂଗ୍ରାମପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସର୍ବେଶ୍ୱର ଦାସ ଙ୍କୁ ଯୋଗାଯୋଗ କରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ ଜଣାଇ ଥିଲେ ଯେ,ମୁଁ ଦୁଇଟି ପଂଚାୟତ ର ଦାୟିତ୍ୱ ଭାର ନେଇ ଅଛି। ଏହି ଭତ୍ତା ହିତାଧିକାରୀ ଙ୍କ ମୃତ୍ୟୁ ରିପୋର୍ଟ ଆମ ପାଖରେ ସଠିକ ବା ବିଳମ୍ବ ହୋଇଥିବାରୁ ଏଭଳି ଘଟଣା ଘଟିଛି, ଯାହା ଫଳରେ ଭତ୍ତା ବଣ୍ଟନ ରେ କିଛିଟା ତ୍ରୁଟି ଦେଖାଦେଇଛି, ତେଣୁ ସେହି ଭତ୍ତା କୁ ଆମ୍ଭେ ତୁରନ୍ତ ପଦକ୍ଷେପ ନେଇ ରିକୋଭରି କରି ଗ୍ରାମ ପଂଚାୟତ ଆକାଉଣ୍ଟ ରେ ଜମା କରିଅଛୁ। ସଂଗ୍ରାମପୁର ଗ୍ରାମ ପଂଚାୟତ ଭତ୍ତା ବଣ୍ଟନ କାର୍ଯ୍ୟ ଏଡିଓଙ୍କ ଦାୟିତ୍ୱରେ ଥିବାରୁ ଆଗକୁ କିପରି ଅନିୟମିତତା ନ ଆସେ ସେ ନେଇ ଆମେ ଯତ୍ନବାନ ହେଉଅଛୁ ବୋଲି ପ୍ରକାଶ କରିଛନ୍ତି।

## ଧାମନଗରରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

### ୮୩ ଅଭିଯୋଗ ଆଗତ, ରେଡକ୍ରସରୁ ୪ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ



**ଧାମନଗର, ୨୫।୫ (ସଂଚାର ବ୍ୟୁରୋ):** ଧାମନଗର ପଞ୍ଚାୟତ ସମିତି ସେଣ୍ଟ୍ରାଲ ସଭା ଗୃହ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ଦିବା ୭ଟା ସମୟରେ ଏହି ଶିବିରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଶିବିରରେ ୮୩ରୁ ଉର୍ଦ୍ଧ୍ୱ ବିଭିନ୍ନ ଆପତ୍ତିଜନକ ଅଭିଯୋଗ ଆଗତ ହୋଇଥିଲା। ଏଥିରୁ ୬୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୪ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୪ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୫ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୪ଜଣ ଅଭିଯୋଗକାରୀଙ୍କୁ ମୋଟ ୧୦,୦୦୦/- ଟଙ୍କା ମଞ୍ଜୁର କରାଯାଇଛି। ଜମିଜମା ବିବାଦ, ଭତ୍ତା, ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତ, ରବି ଧାନ, ପ୍ରଧାନମନ୍ତ୍ରୀ ଆବାସ ଓ ରାସ ଚାଉଳ ଭଳି ସରକାରୀ ସହାୟତା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ଜନସାଧାରଣ ଉପସ୍ଥାପନ କରିଥିଲେ।

ଶୁଣାଣି ସମୟରେ ପ୍ରଶାସନ ପକ୍ଷରୁ କିଛି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୋଟ ୧୫ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଯାଇ ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୪ଜଣ ଅଭିଯୋଗକାରୀଙ୍କୁ ମୋଟ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ଆର୍ଥିକ ଦୃଷ୍ଟିରୁ ଅସହାୟ ପରିବାରଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ଏହି ଜନଶୁଣାଣୀ ଶିବିରରେ ଭଦ୍ରକ ଏସପି ମନୋଜ କୁମାର ରାଉତ, ଜିଲ୍ଲା ଚିକିତ୍ସାଧିକାରୀ ଡା.ପ୍ରମୋଦ ପ୍ରହରାଜ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ପିଡି ଶୁଭେନ୍ଦ୍ର ସାମଲ, ବ୍ଲକ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦା, ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସମେତ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଂଶୁଘାତରେ ମୃତ ଚାଷୀ ପରିବାରକୁ ସମବେଦନା ଜଣାଇଲେ ବିଧାୟିକା



**ବାଲିଆପାଳ, ୨୫।୫ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ୍ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ନେପୁରା ଗ୍ରାମର ଚାଷୀ ଭୋଳାନାଥ ସେଠୀଙ୍କ ରବିବାର ଅଂଶୁଘାତରେ ମୃତ୍ୟୁ ଘଟିଛି ଘଟଣାରୁ ପ୍ରକାଶ, ରବିବାର ଭୋଳାନାଥ ସକାଳେ ସେତପୁରା ବିଲକୁ ବିରି ଚାଷ ଅମଳ କରିବାକୁ ଯାଇଥିଲେ । କାମ କରୁଥିବା ସମୟରେ ପ୍ରବଳ ଖରାକୁ ସହି ନ ପାରି ତଳେ ପଡ଼ି ଗୁରୁତର ହୋଇ ପଡିଥିଲେ। ପାଖରେ ଥିବା ଅନ୍ୟ ଚାଷୀମାନେ ଭୋଳାନାଥଙ୍କୁ ବାଲିଆପାଳ ଇଡିକୋ ହସ୍ପିଟାଲ କୁ ନେଇ ଯାଇଥିଲେ । ମାତ୍ର ଡ଼ା ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା ।

ଶବ ବ୍ୟବଛେଦ ହୋଇ ନେପୁରା ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଥିଲା ।ଏହି ଅକାଳ ବିୟୋଗ ଖବର ପାଇ ଅନ୍ତିମ ସମୟରେ ମାନ୍ୟବର ବସ୍ତା ବିଧାୟିକା ସୁବାସିନୀ ଜେନା ନେପୁରା ଗ୍ରାମରେ ପହଞ୍ଚି ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ୨୨ନମ୍ବର ଜୋନ୍ ର ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ ପ୍ରମୁଖ ବହୁ ବ୍ୟକ୍ତି, ଗ୍ରାମବାସୀ ଉପସ୍ଥିତ ହୋଇ ମରଶରୀରକୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ନେପୁରା ଗାଁ ମୁକ୍ତିଦ୍ୱାରରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ଏକମାତ୍ର ପୁଅ ଗଜେନ୍ଦ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁ ରେ ନେପୁରା ଗ୍ରାମ ସମେତ ଆଖ ପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି

## ଦଶରଥପୁର ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

- ୧୫୩ଟି ଅଭିଯୋଗ ପଞ୍ଜୀକୃତ, ୧୦ଟିର ତତ୍କାଳ ସମାଧାନ



**ଯାଜପୁର,୨୫।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୫୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୭ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶରଥପୁର ଶ୍ରୀ ଆକାଶ ପଟ୍ଟନାୟକ, ତହସିଲଦାର , ଦଶରଥପୁର ଶ୍ରୀ ଶୁଭ୍ରାଂଶୁ ସାହୁ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ରାଇଘରଠାରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର



**ରାଇଘର,୨୫।୫ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି ଏବଂ ତୁରନ୍ତ ସମାଧାନ ପାଇଁ ଆଜି ରାଇଘର ପଞ୍ଚାୟତ ସମିତି ଗୃହରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅଭିଯୋଗ ଶୁଣାଣୀ କାଳରେ ଶିବିର ର ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଜିଲ୍ଲାପାଳ ଶରତ ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂ, ତହସିଲଦାର ମନମୋହନ ସାହୁ,ଏ.ବିଡିଓ ବିଜୟ କୁମାର ସେଠୀ,ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର,ଉପ-ମଣ୍ଡଳୀୟ ପୋଲିସ ଅଧିକାରୀ ଶୁଭେନ୍ଦୁ ଶବର ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣୀ ରେ ମୋଟ ୨୭ ଜଣ ଆବେଦନ କାରୀ ନିଜ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ।ସେଥି ମଧ୍ୟରୁ ୨୨ଟି ବ୍ୟକ୍ତି ଗତ ସମସ୍ୟା ଅଭିଯୋଗ ଓ ୫ ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଶିବିର ରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୦ ଜଣଙ୍କୁ ମଧୁବାବୁ ପେନସନ ସହାୟତା କାର୍ଡ ଓ ଜଣଙ୍କୁ ଦିବ୍ୟାଙ୍ଗ ସୁନିଲ ଚେୟାର ଏବଂ ଅନ୍ତୋଦୟ ଗୃହ ଯୋଜନାରେ ୬ ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ଏହି ଅଭିଯୋଗ ଶୁଣାଣୀ ସକାଳ ୭ ଘଣ୍ଟିକା ଠାରୁ ୧୦ ଘଣ୍ଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।ତା ପରେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କ ସହ ରାଇଘର ବ୍ଲକ ଗଞ୍ଜାପାରା ଆର.ଆଇ ସର୍କଲ ଅନ୍ତର୍ଗତ ଡୁମରଡିହୀ ମୌଜା ଗସ୍ତ କରି ପ୍ରସ୍ତାବିତ ବ୍ଲକ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ କ୍ଷେତ୍ର ପରିଦର୍ଶନ ଓ ପ୍ରଶାସନିକ ସମୀକ୍ଷା କରିଥିଲେ।

## ଗହଣା ଲୁଟ୍ ମାମଲାରେ ୨ ଅଭିଯୁକ୍ତ ଗିରଫ

### ମାଷ୍ଟରମାଇଣ୍ଡ ସହ ୩ ଫେରାର, ବାଇକ୍ ଓ ମାରଣାସ୍ତ୍ର ଜବତ



**ଧାମନଗର, ୨୫।୫ (ସଂଚାର ବ୍ୟୁରୋ):** ଧାମନଗର ଏନ ଏ ସି ଅନ୍ତର୍ଗତ ସାନବଜାର ନିକଟରେ ଜଣେ ସୁନା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନା ଓ ରୂପା ଗହଣା ଲୁଟ୍ ଘଟଣାରେ ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ଏହି ସଂଗଠିତ ସଶସ୍ତ୍ର ଡକାୟତି ମାମଲାରେ ପୋଲିସ ୨ ଜଣ ପ୍ରମୁଖ ଅଭିଯୁକ୍ତଙ୍କୁ ଗିରଫ କରି ଧାମନଗର ଜେଏମଏଫସି କୋର୍ଟରେ ହାଜର କରିଛି। ଏଥିସହ ମାମଲାର ଚୂଡ଼ାନ୍ତ ରିପୋର୍ଟ ଦାଖଲ ହେବା ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର କରି ସେମାନଙ୍କୁ ଅନ୍ତରୀଣ ଜେଲ୍ ହାଜତକୁ ପଠାଇବା ପାଇଁ ପୋଲିସ କୋର୍ଟରେ ଲିଖିତ ପ୍ରାର୍ଥନା କରିଛି।

ଗିରଫ ଦୁଇ ଅଭିଯୁକ୍ତ ହେଲେ ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ ଗ୍ରାମର ଜଗନ୍ନାଥ ରାଓଙ୍କ ପୁଅ କୁଶ ରାଓ ଓରଫ୍ ଆନାମ (୨୮) ଏବଂ ସେହି ଗ୍ରାମର ସଙ୍କର୍ଷଣ ରାଓଙ୍କ ପୁଅ ଦାନବୀର ରାଓ (୨୫)। ବିଏନଏସର ଧାରା ୩୧୦(୨) ଅନୁଯାୟୀ ସେମାନଙ୍କୁ ଗତ ୨୪.୦୫.୨୦୨୬ ତାରିଖ ଅପରାହ୍ନ ୩.୩୦ ମିନିଟରେ ଗିରଫ କରାଯାଇଥିଲା। ସୋମବାର ସେମାନଙ୍କୁ ଉପଯୁକ୍ତ ପୋଲିସ ଏସକର୍ଟ ଓ ସମ୍ପୃକ୍ତ ଦସ୍ତାବେଜ ସହ ମାନ୍ୟବର କୋର୍ଟଙ୍କ ସମ୍ମୁଖକୁ ପଠାଯାଇଛି। ପୋଲିସ ତଦନ୍ତରୁ ଏହି ସଶସ୍ତ୍ର ଲୁଟ୍‌ର ଏକ ଚାଞ୍ଚଲ୍ୟକର ଅପରାଧ ଷଡ଼ଯନ୍ତ୍ର ପଦାକୁ ଆସିଛି।

## ୧୪ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପ୍ ଉଦ୍‌ଘାଟିତ



**ବାରିପଦା,୨୫।୫ (ସଂଚାର ବ୍ୟୁରୋ):** ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓ ଫୁଟବଲ ଏସୋସିଏସନ ଅଫ ଓଡିଶା, ଜିଲ୍ଲା ପ୍ରଶାସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଚାମ୍ପିୟାନସିପକୁ ଉଦଘାଟନ କରିବା ସହ ଯୁବା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ଅମ୍ବିକା ରାଉତ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା) ଉପସ୍ଥିତ ଥିଲେ।

ବାଳକ ବିଭାଗର ୧ମ ମ୍ୟାଚରେ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ୫-୦ ଗୋଲରେ ଚଢ଼େଇଗାଁ ଉଚ୍ଚ ବିଦ୍ୟାଳୟ, ମୋରଡାକୁ, ୨ୟ ମ୍ୟାଚରେ ଦେଉଳି ୟୁନାଇଟେଡ଼ ଫୁଟବଲ କ୍ଲବ, ଶୁଳିଆପଦା ୫-୦ ଗୋଲରେ ଫିଉଚର ଷ୍ଟାର ଏକାଡେମୀ, ବାରିପଦା କୁ, ୩ୟ ମ୍ୟାଚରେ ବାଦାମପାହାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୭-୧ ଗୋଲରେ ୟୁ ଏନ ଜି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରମାଇଲ କୁ ପରାସ୍ତ କରିଥିବା ବେଳେ ବାଳିକା ବିଭାଗରେ ସତକୋଶିଆ ଛଢ଼େଇଗାଁ ୧୪-୦ ଗୋଲରେ ଚଢ଼େଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରିଛି।

ଚଳିତ ମାସ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚାମ୍ପିୟାନସିପରେ ବାଳକ ବିଭାଗରେ ୭ଟି ଓ ବାଳିକା ବିଭାଗରେ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି।

SANCHAR
ସଂଚାର ମଙ୍ଗଳବାର ୨୬ ମେ ୨୦୨୬

# ସ୍ୱାସ୍ଥ୍ୟ






## ଗଣ୍ଠି ଯନ୍ତ୍ରଣା ବଢ଼ାଇଥାଏ ଅତ୍ୟଧିକ ଚା’

ଲୋକମାନେ ନିଜ ଶରୀରକୁ ଉଷ୍ମ ରଖିବା ପାଇଁ ଚା’ କିମ୍ବା କଫି ପିଇଥାନ୍ତି। ଏହା ଦ୍ୱାରା ଶୋଷ କମ୍ ଲାଗିଥାଏ। ତେଣୁ ଲୋକମାନେ ପାଣି ପିଇବା କମ୍ କରି ଦେଇଥାନ୍ତି। ଏହା କାରଣରୁ ଶରୀରରୁ ଜଳୀୟ ଅଂଶ କମିବାକୁ ଲାଗେ। ଆପଣ ଜାଣିଛନ୍ତି କି ଚା’ କିମ୍ବା କଫି ଅଧିକ ପରିମାଣରେ ପିଇଲେ ତାହା ଆପଣଙ୍କ ଗଣ୍ଠି ଓ ହାଡ ଉପରେ ଖରାପ ପ୍ରଭାବ ପକାଇଥାଏ। ଅଧିକ ଚା’ ପିଇବା ଦ୍ୱାରା ଶରୀରରେ ଶର୍କରା ପରିମାଣ ବଢ଼ିଯାଏ ଏବଂ ଶରୀର ଶୁଷ୍କ ହୋଇଯାଏ। ରାୟପୁର ଏମ୍ସ ହସ୍ପିଟାଲର ଅର୍ଥୋପେଡିକ୍ ଏବଂ ସ୍ପୋର୍ଟ୍ସ ଇନ୍‌ଜୁରୀ ସର୍ଜନ ଡାକ୍ତର ଦୁଷ୍ୟନ୍ତ ଚୌହାନ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ କହିଛନ୍ତି ଯେ, ଥଣ୍ଡା ଦିନେ ଚା’ କିମ୍ବା କଫି ଅଧିକ ପରିମାଣରେ ପିଇବା ଉଚିତ୍ ନୁହେଁ ଓ ଏଥିରୁ ବଞ୍ଚିବା ପାଇଁ କ’ଣ କରିବା ଜରୁରୀ। ଡାକ୍ତର ଦୁଷ୍ୟନ୍ତ କହିଛନ୍ତି, "ଯଦିଓ ଆପଣ ଗରମ ଚା’ ପିଉଛନ୍ତି, ଏହା ଆପଣଙ୍କ ହାଡ଼କୁ ଥଣ୍ଡା କରିପାରେ। ଏହି କଥା ଅଜବ ଲାଗିପାରେ, କିନ୍ତୁ ଏହା ପଛରେ ଏକ କାରଣ ଅଛି। ଶୀତଦିନ ଆସିବା ମାତ୍ରେ ଆମେ ନିଜକୁ ଉଷ୍ମ ରଖିବା ପାଇଁ ଅତ୍ୟଧିକ ଚା’ କିମ୍ବା କଫି ପିଇବା ଆରମ୍ଭ କରିଦେଉ ଓ ଥଣ୍ଡା ଲାଗିବା କାରଣରୁ ଆମେ ପାଣି ପିଇବା କମ କରିଦେଉ ଯେଉଁଥିପାଇଁ ଶରୀର ଶୁଷ୍କ ହେବାକୁ ଲାଗେ। ଶରୀର ଶୁଷ୍କ ହେଲେ ଆଣ୍ଠୁ ମଧ୍ୟରେ ଥିବା କାର୍ଟିଲେଜ (ଦୁଇ ହାଡ଼ ମଧ୍ୟରେ କୁଶନ ଭାବରେ କାମ କରୁଥିବା ନରମ ସ୍ତର) ଶୁଖିବାକୁ ଲାଗେ। ଏହା ଦ୍ୱାରା ଦୁଇ ହାଡ଼ ପରସ୍ପର ସହ ଘସି ହୋଇ ଯନ୍ତ୍ରଣା ଦେଇଥାଏ। ତେଣୁ, ଶୀତଦିନେ ଶରୀରକୁ ଉଷ୍ମ ରଖିବା ଏବଂ ହାଡ଼ ଉପରେ ଅତ୍ୟଧିକ ଚାପ ରୋକିବା ପାଇଁ ଚା’ କିମ୍ବା କଫି ସୀମିତ ପରିମାଣରେ ପିଇବା ଉଚିତ୍।"

ଡାକ୍ତର ଚୌହାନ ଆହୁରି କହିଛନ୍ତି ଯେ, ଶୀତଦିନେ ଚା’ ଏବଂ କଫି ନିଶ୍ଚିତ ଭାବରେ ପିଇବା ଉଚିତ୍। କିନ୍ତୁ ପିଇବା ପୂର୍ବରୁ ପାଣି ପ୍ରଚୁର ପରିମାଣରେ ପିଅନ୍ତୁ। ଏହା ଆପଣଙ୍କ କାର୍ଟିଲେଜଗୁଡ଼ିକ ଶୁଷ୍କ ନହୋଇ ସୁସ୍ଥ ରହିଥାଏ। ତେଣୁ ଯଦି ଆପଣ ଚା’ କିମ୍ବା କଫି ପିଉଛନ୍ତି, ତେବେ ପୂର୍ବରୁ ପାଣି ପିଇବାକୁ ଭୁଲନ୍ତୁ ନାହିଁ। ଏହା କେବଳ ଆପଣଙ୍କ ଶରୀରକୁ ହାଇଡ୍ରେଟ୍ ରଖିବ ନାହିଁ ବରଂ ଶୀତଦିନେ ଆଣ୍ଠୁ ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେବ।

## ଆଲାର୍ମ ଶବ୍ଦ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ



ପ୍ରାୟ ଲୋକ ସକାଳର ନିଦ ଭାଙ୍ଗିବା ପାଇଁ ଘଣ୍ଟାରେ ଆଲାର୍ମ ଦେଇଶୋଇଥାନ୍ତି। କିଛି ଲୋକ ଘଣ୍ଟାର ଆଲାରାମ୍ ଶବ୍ଦକୁ ଖୁବ୍ ତୀବ୍ର କରି ରଖିଥାନ୍ତି।ଜାଣନ୍ତି ଏହା ଆପଣଙ୍କ ପାଇଁ କ୍ଷତିକାରକ ହୋଇପାରେ ? ଆଲାର୍ମର ତୀବ୍ରକଟୁ ଶବ୍ଦ ହୃଦୟ ଉପରେ ଚାପ ପକାଇପାରେ।ଘଣ୍ଟାରେ ଆଲାରାମ୍‌ର ତୀବ୍ର ଶବ୍ଦ ହଠାତ୍ ନିଦକୁ ଭାଙ୍ଗିଦିଏ। କିନ୍ତୁ ଏହି କଟୁଶବ୍ଦ ହୃଦୟର ଗତିକୁ ଅଚାନକ୍ ବଢ଼ାଇ ଦେଇଥାଏ, ଯାହା ଘାତକ ସାବ୍ୟସ୍ତହୋଇପାରେ। ଚାଲନ୍ତୁ ଜାଣିବା ଆଲାର୍ମ କି କି କ୍ଷତି ପହଞ୍ଚାଏ ?

**ଷ୍ଟ୍ରେସ୍ ରିସ୍‌ପନ୍ସ:** ଗଭୀର ନିଦରେ ଥିବା ବେଳେ ହଠାତ୍ ଆଲାର୍ମ ବାଜିବା ଦ୍ୱାରା ଶରୀର ଫାଇଟ୍ କିମ୍ବା ଫ୍ଲାଇଟ୍ ମୋଡକୁ ଚାଲିଯାଇଥାଏ। ଏହା ଷ୍ଟ୍ରେସ୍ ହର୍‌ମୋନ୍ କର୍ଟିସୋଲ୍‌ଏବଂ ଏଣ୍ଡ୍ରୋର୍ଫିନ୍‌ସ୍ତରକୁ ହଠାତ୍ ବଢ଼ାଇଦେଇଥାଏ। ହୃଦ୍‌ସ୍ପନ୍ଦନ ଅଚାନକ୍ ବଢ଼ିବାଦ୍ୱାରା ରକ୍ତଚାପ ମଧ୍ୟ ବଢ଼ିଥାଏ। ଫଳରେ ଶରୀରରେ ରକ୍ତ ପ୍ରବାହରେ ପରିବର୍ତ୍ତନ ଆସିଥାଏ। ଲଗାତାର ଏପରି ହେବାଦ୍ୱାରା ଉଚ୍ଚ ରକ୍ତଚାପ ଓ ହୃଦୟ ରୋଗ ଏବଂ ମେଟାବଲିଜିମ୍ ଜନିତ ସମସ୍ୟା ଉପୁଜିବାର ଆଶଙ୍କା ବଢ଼ିଥାଏ।

**ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ:** ଆଲାର୍ମର ତୀବ୍ର ଶବ୍ଦ ସାରା ଦିନକୁପ୍ରଭାବିତ କରିଥାଏ। ଏପରିକି ଦିନର ଆରମ୍ଭ ମଧ୍ୟ ଚିଡଚିଡାପଣ ସହହୋଇଥାଏ। ଫଳରେ କୌଣସି କାମରେ ଧ୍ୟାନକେନ୍ଦ୍ରିତ କରିବା କଷ୍ଟ ହେବାସହ ଉତ୍ପାଦନ କ୍ଷମତା ହ୍ରାସ ପାଇଥାଏ। ଧୀରେ ଧୀରେ ଏହା ଆଙ୍ଗଜାଇଟିଓ ଅବସାଦ ପରି ସମସ୍ୟାର କାରଣ ସାଜିଥାଏ।

**ସ୍ଲିପ୍ ସାଇକେଲ୍‌ରେ ବାଧା:** ମଣିଷଙ୍କ ନିଦ ୯୦ ମିନିଟ୍‌ର ସାଇକେଲ୍‌ଅନୁସାରେ ଚାଲିଥାଏ। ଯେଉଁଥିରେ ହାଲ୍‌କା, ଗଭୀର ଓ ରାପିଡ୍ ଆଇମୁଭ୍‌ମେଣ୍ଟ ସାଇକେଲ ସାମିଲ୍ ରହିଥାଏ। ଗଭୀର ନିଦ ବା ରାପିଡ୍ ଆଇମୁଭ୍‌ମେଣ୍ଟ୍ ସାଇକେଲ୍‌ରେ ଅଚାନକ୍ ଉଠିବା ଦ୍ୱାରା ନିଦ ଖୁବ୍ ପ୍ରଭାବିତହୋଇଥାଏ। ଫଳରେ ସାରାଦିନ ଥକ୍କାପଣ, ଅଳସୁଆ ଓ ଶକ୍ତିହୀନ ଅନୁଭବ ହୋଇଥାଏ।

ଶ୍ରେଷ୍ଠ ବିକଳ୍ପ ଏପରି ସମସ୍ୟାକୁ ଦୂର କରିବାକୁ ସକାଳେ ଉଠିବା ପାଇଁ କଟୁ ଆଲାର୍ମରବ୍ୟବହାର ନ କରିବା ଭଲ। ଏହା ପରିବର୍ତ୍ତେ ହାଲ୍‌କା ଶବ୍ଦ ହେଉଥିବା ମୋବଇଲ୍ ଆଲାର୍ମ ବ୍ୟବହାର କରିପାରିବେ। ଏହା ଶରୀରକୁ ଅଚାନକ୍‌ଝଟକା ଦେଇ ନଥାଏ। ଏହା ବ୍ୟତୀତ ନିୟମିତ ଶୋଇବା ଓ ଉଠିବାର ସମୟକୁଫିକ୍ସ କରି ନିଅନ୍ତୁ। ଏକ ନିର୍ଦ୍ଦିଷ୍ଟ ସମୟରେ ନିଦ ଆପେ ଆପେ ଛାଡ଼ିଯିବ।



## ପୁରୁଣା ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଛନ୍ତି କି?

ପ୍ଲାଷ୍ଟିକ୍ ବୋତଲରୁ ପାଣି ପିଇବାର ଅଭ୍ୟାସ ଦେଖିବାକୁ ହୁଏ ସାଧାରଣ ମନେହୁଏ, କିନ୍ତୁ ଏହାର ପ୍ରଭାବ ବହୁତ ବଡ଼। ଦୈନନ୍ଦିନ ବ୍ୟସ୍ତତାରେ ଆମେ ରାସ୍ତାରେ ପ୍ଲାଷ୍ଟିକ୍ ପାଣି ବୋତଲ କିଣିଥାଉ କିମ୍ବା ପୁରୁଣା ବୋତଲକୁ ଧୋଇ ବାରମ୍ବାର ବ୍ୟବହାର କରିଥାଉ। ଯଦି ଆପଣ ମଧ୍ୟ ସମାନ କାମ କରୁଛନ୍ତି, ତେବେ ବର୍ତ୍ତମାନ ଏହାକୁ ବନ୍ଦ କରିବାର ସମୟ ଆସିଛି। ଏହି ବୋତଲଗୁଡ଼ିକ ସାଧାରଣ ମନେହୁଏ କିନ୍ତୁ ସେଥିରେ ଲୁଚି ରହିଥିବା ବିପଦ ଆମର ସ୍ୱାସ୍ଥ୍ୟ ଏବଂ ପରିବେଶକୁ ଅନେକ କ୍ଷତି ପହଞ୍ଚାଇଥାଏ। ସବୁଠାରୁ ଚିନ୍ତାର ବିଷୟ ହେଉଛି ଏହି ବୋତଲରୁ ଆମ ପାନୀୟ ଜଳରେ ମାଇକ୍ରୋପ୍ଲାଷ୍ଟିକ୍ ପହଞ୍ଚେ। ମାଇକ୍ରୋପ୍ଲାଷ୍ଟିକ୍ ହେଉଛି ବହୁତ ଛୋଟ ପ୍ଲାଷ୍ଟିକ୍ କଣିକା, ଯାହା ୫ ମିମିରୁ ବି ଛୋଟ। ଆଜିର ସମୟରେ କେବଳ ପ୍ଲାଷ୍ଟିକ ବୋତଲ ନୁହେଁ ସମୁଦ୍ର, ନଦୀ, ହ୍ରଦ ଏବଂ ବାୟୁ ମଧ୍ୟ ମାଇକ୍ରୋପ୍ଲାଷ୍ଟିକରେ ପରିପୂର୍ଣ୍ଣ।

ଯେତେବେଳେ ଆମେ ଏକ ପ୍ଲାଷ୍ଟିକ୍ ବୋତଲରୁ ପାଣି ପିଇଥାଉ, ଆମେ ଅଜାଣତରେ ଏହି ମାଇକ୍ରୋସ୍କୋପିକ୍ କଣିକା ମଧ୍ୟ ଗ୍ରହଣ କରିଥାଉ। ଅନେକ ଆନ୍ତର୍ଜାତୀୟ ଅଧ୍ୟୟନରେ ବୋତଲରେ ମାଇକ୍ରୋପ୍ଲାଷ୍ଟିକ୍ ଦେଖିବାକୁ ମିଳିଛି, ଯାହା ଲୋକଙ୍କର ସ୍ୱାସ୍ଥ୍ୟକୁ ନେଇ ଗୁରୁତର ଚିନ୍ତା ସୃଷ୍ଟି କରିଛି। ପ୍ଲାଷ୍ଟିକ୍ ସହ ଜଡିତ କିଛି ରାସାୟନିକ ପଦାର୍ଥ ଶରୀରରେ ପ୍ରବେଶ କରିପାରେ ଏବଂ ଅଧିକ କ୍ଷତି ଘଟାଇପାରେ, ଯେପରିକି ହରମୋନ୍ ଅସନ୍ତୁଳନ, ମେଦବହୁଳତା, ଇନସୁଲିନ୍ ପ୍ରତିରୋଧ, ପ୍ରଜନନ କ୍ଷମତା ଉପରେ ପ୍ରଭାବ ଏବଂ କେତେକ କ୍ଷେତ୍ରରେ କ୍ୟାନ୍ସର ମଧ୍ୟ ହୋଇପାରେ। ତେଣୁ ଯଦି ଆପଣ ବି ପୁରୁଣା ପ୍ଲାଷ୍ଟିକ ବୋତଲରେ ପାଣି ପିଉଛନ୍ତି ତେବେ ହୋଇଯାଆନ୍ତୁ ସାବଧାନ ନଚେତ ସ୍ୱାସ୍ଥ୍ୟ ଉପରେ ପଡିପାରେ ଅନେକ କୁପ୍ରଭାବ।

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ (ଏନଆଇଏଚ) ଏ ସମ୍ପର୍କରେ ଏକ ରିପୋର୍ଟ ଜାରି କରିଛି। ତେବେ ଆସନ୍ତୁ ଜାଣିବା ଏହାକୁ ଏଡାଇବା ପାଇଁ ଆପଣ କ’ଣ କରିପାରିବେ। ସର୍ବପ୍ରଥମେ, ପ୍ଲାଷ୍ଟିକ୍ ବୋତଲକୁ ଛାଡି ଷ୍ଟିଲ୍, କିମ୍ବା କାଚ ବୋତଲ ବ୍ୟବହାର କରନ୍ତୁ। ଦ୍ୱିତୀୟତଃ, ଏକ ୱାଟର ଫିଲ୍ଟରେସନ୍ ସିଷ୍ଟମ୍ ବ୍ୟବହାର କରନ୍ତୁ ଯାହା ଜଳରେ ପ୍ରଦୂଷକକୁ ହ୍ରାସ କରିପାରିବ, ବିଶେଷକରି ମାଇକ୍ରୋପ୍ଲାଷ୍ଟିକ୍। ମାଇକ୍ରୋପ୍ଲାଷ୍ଟିକ୍ କେବଳ ଯେ ସ୍ୱାସ୍ଥ୍ୟ ପାଇଁ ତା’ ନୁହେଁ ଏହି ବୋତଲ ସାମୁଦ୍ରିକ ଜୀବ, ନଦୀ ଏବଂ ସମଗ୍ର ଇକୋସିଷ୍ଟମକୁ କ୍ଷତି ପହଞ୍ଚାଇଥାଏ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସମସ୍ୟାକୁ ଆହୁରି ବଢାଇଥାଏ।

## ଭିଟାମିନ୍ ‘ସି’ ଅନେକ ରୋଗର ରାମବାଣ

ଭିଟାମିନ୍ ‘ସି’ ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ। ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବା ସହ ଶରୀରକୁ ରୋଗରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। ଭିଟାମିନ୍ ‘ସି’ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା, ହୃତ୍ ପିଣ୍ଡର ସ୍ୱାସ୍ଥ୍ୟକୁ ମଜବୁତ କରିବା ଏବଂ ବ୍ଲଡ଼ ପ୍ରେସରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଅନୁସନ୍ଧାନରୁ ଜଣାପଡିଛି ଯେ ଭିଟାମିନ୍ ‘ସି’ରେ ମିଳୁଥିବା ଆଣ୍ଟିଅକ୍ସିଡାଣ୍ଟ କେବଳ ଥଣ୍ଡାରୁ ଶୀଘ୍ର ଆରାମ ପ୍ରଦାନ କରେ ନାହିଁ ବରଂ ଅନ୍ୟାନ୍ୟ ରୋଗରେ ମଧ୍ୟ ଲାଭଦାୟକ ହୋଇଥାଏ। ଭିଟାମିନ୍ ‘ସି’ ଶରୀରକୁ ଫ୍ରି ରେଡିକାଲ୍ ରୁ ରକ୍ଷା କରେ, ଶରୀରରେ କୋଲାଜେନ୍ ସୃଷ୍ଟି କରେ ଏବଂ ଅକ୍ସିଡେଟିଭ୍ ଷ୍ଟ୍ରେସକୁ ହ୍ରାସ କରେ। ଏକ ରିପୋର୍ଟ ଅନୁଯାୟୀ, ୧୯ ରୁ ୬୪ ବର୍ଷ ବୟସର ଯୁବକ ଯୁବତୀମାନେ ପ୍ରତିଦିନ ୪୦ ମିଲିଗ୍ରାମ ଭିଟାମିନ୍ ‘ସି’ ଆବଶ୍ୟକ କରନ୍ତି। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟରେ ଭିଟାମିନ୍ ‘ସି’ରେ ଭରପୂର ଖାଦ୍ୟକୁ ସାମିଲ କରିବା ଉଚିତ୍।

**ଥଣ୍ଡାରୁ ଆରାମ:** ଭିଟାମିନ୍ ‘ସି’ ଥଣ୍ଡା କାଶକୁ ସିଧାସଳଖ ପ୍ରଭାବିତ କରେ ନାହିଁ, କିନ୍ତୁ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ସଂକ୍ରମଣ ସହିତ ଲଢ଼ିବାରେ ସାହାଯ୍ୟ କରେ। ଅନୁସନ୍ଧାନରୁ ଜଣାପଡିଛି ଯେ ପ୍ରତିଦିନ ୨୫୦ ମିଲିଗ୍ରାମରୁ ୧ ଗ୍ରାମ ଭିଟାମିନ୍ ‘ସି’ ଗ୍ରହଣ କରିବା ଦ୍ୱାରା ଥଣ୍ଡା ହେବାର ଆଶଙ୍କା ଯଥେଷ୍ଟ ହ୍ରାସ ପାଇଥାଏ। ପ୍ରତିଦିନ ଭିଟାମିନ୍ ‘ସି’ ସେବନ କରିବା ଦ୍ୱାରା ଥଣ୍ଡାରେ ପୀଡିତ ବ୍ୟକ୍ତି ଶୀଘ୍ର ସୁସ୍ଥ ହୋଇଯାଆନ୍ତି। ଥଣ୍ଡାର ଲକ୍ଷଣ ଦେଖାଯିବା ପୂର୍ବରୁ ଯଦି ଭିଟାମିନ୍ ‘ସି’ ସେବନ କରାଯାଏ, ତେବେ ଏହା ଯୁବକ ଯୁବତୀମାନଙ୍କଠାରେଥଣ୍ଡାହେବାରଆଶଙ୍କା ୮ ପ୍ରତିଶତ ଏବଂପିଲାମାନଙ୍କଠାରେ ୧୪ ପ୍ରତିଶତପର୍ଯ୍ୟନ୍ତହ୍ରାସକରିପାରେ।

**ହୃତ୍‌ପିଣ୍ଡ ପାଇଁ ଲାଭଦାୟକ:** ଭିଟାମିନ୍ ‘ସି’ ହୃଦ୍ ରୋଗ ସହିତ ଲଢ଼ିବାରେ ମଧ୍ୟ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଭିଟାମିନ୍ ‘ସି’ ଶରୀରରେ ଫୁଲାକୁ ହ୍ରାସ କରେ, ହେଲଦି ବ୍ଲଡ଼ ସେଲସ ବୃଦ୍ଧି କରେ ଏବଂ କୋଲେଷ୍ଟ୍ରଲ ହ୍ରାସ କରେ। ଏହା ଆପଣଙ୍କ ହୃତ୍ ପିଣ୍ଡର ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ। ଭିଟାମିନ୍ ‘ସି’ ଏକ ଆଣ୍ଟିଅକ୍ସିଡାଣ୍ଟ ଭାବରେ କାର୍ଯ୍ୟ କରେ ଯାହା ଫ୍ରି ରେଡିକାଲ୍ ସହିତ ଲଢିବାରେ ସାହାଯ୍ୟ କରେ। ଭିଟାମିନ୍ ‘ସି’ ହୃଦଘାତ ଏବଂ ଷ୍ଟ୍ରୋକ୍ ହେବାର ଆଶଙ୍କାକୁ ମଧ୍ୟ ହ୍ରାସ କରିଥାଏ।

**ହାଇ ବ୍ଲଡ଼ ପ୍ରେସର କଣ୍ଟ୍ରୋଲ୍:** ଭିଟାମିନ୍ ‘ସି’ ବ୍ଲଡ଼ ସେଲସକୁ ସୁରକ୍ଷା ଦେଇ ଏବଂ ସେମାନଙ୍କୁ ଆରାମ ଦେଇ ହାଇ ବ୍ଲଡ଼ ପ୍ରେସର ହ୍ରାସ କରିବାରେ ସାହାଯ୍ୟ କରେ। ଏହା ଫ୍ରି ରେଡିକାଲ୍ ଦ୍ୱାରା ହେଉଥିବା କ୍ଷତିକୁ ହ୍ରାସ କରେ ଏବଂ ନାଇଟ୍ରିକ୍ ଅକ୍ସାଇଡ୍ ବୃଦ୍ଧି କରେ। ଯେଉଁଥିପାଇଁ ବ୍ଲଡ଼ ସେଲସ ପ୍ରଶସ୍ତ ହୋଇଥାଏ ଏବଂ ଶରୀରରେ ରକ୍ତ ପ୍ରବାହ ସୁଗମ ହୋଇଥାଏ। ପ୍ରାୟତଃ ଫଳ ଏବଂ ବିଭିନ୍ନ ପନିପରିବା ଭିଟାମିନ୍ ‘ସି’ର ସର୍ବୋତ୍ତମ ଉତ୍ସ। ଭିଟାମିନ୍ ‘ସି’ ପାଇଁ, ଆପଣ ନିଜ ଖାଦ୍ୟରେ ବିଭିନ୍ନ ପ୍ରକାରର ଖଟା ଫଳ ଯେପରିକି କମଳା, ଲେମ୍ବୁ, ପିଜୁଳି, ଲଙ୍କା, ଷ୍ଟ୍ରବେରୀ, ଗୁଜବେରୀ, ବ୍ଲାକ୍ କରେଣ୍ଟ, ବ୍ରୋକୋଲି ଆଦି ସାମିଲ କରିବା ଉଚିତ୍।




## ହଠାତ୍ ରକ୍ତଚାପ କମିଗଲେ



ଅଚାନକ୍ ରକ୍ତଚାପ କମିଗଲେ, ତାକୁ ନିୟନ୍ତ୍ରଣ କରିନେବା ଜରୁରି। ଏହି ସମୟରେ କିଛି ଭୁଲ୍ କରି ବସିଲେ ଜୀବନ ଉପରେ ଖୁବ୍ ପ୍ରଭାବ ପଡିଥାଏ। ବିଶେଷକରି ନିମ୍ନ ରକ୍ତଚାପରେ କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ୍। ଅଚାନକ୍ ନିମ୍ନ ରକ୍ତଚାପ ହେବା ଦ୍ୱାରା ଶରୀରରେ ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ। ନିମ୍ନ ରକ୍ତଚାପ ହେବା ଦ୍ୱାରା ମୁଣ୍ଡ ବୁଲାଇବା, ଦୁର୍ବଳ ଲାଗିବା,ଜାଲଜାଲୁଆ ଦେଖାଦେବା ଓ ଝାଳ ବାହାରିବା ପରି ଲକ୍ଷଣମାନ ଦେଖା ଦେଇଥାଏ। କିଛି ଲୋକ ହଡବଡେଇ ହେବା ସହ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ଭୁଲ୍ କରି ବସନ୍ତି। ଫଳରେ ଅବସ୍ଥା ବିଗିଡି ଯାଇଥାଏ। ନିମ୍ନ ରକ୍ତଚାପ ହେବା ଖୁବ୍ ସାଧାରଣ କଥା। ବିଶେଷକରି ଯେତେବେଳେ ଶରୀର ଦୁର୍ବଳ ହେବା ସହ କମ୍ ପାଣି ପିଇବା, ଅଧିକ ସମୟ ଯାଏ କିଛି ନ ଖାଇବା କିମ୍ବା କୌଣସି ଔଷଧ ଖାଇବା ଯୋଗୁ ରକ୍ତଚାପ କମିଯାଇଥାଏ। ଏହି ସ୍ଥିତିରେ କୌଣସି କାମ କରିବା ଅନୁଚିତ୍। କାରଣ ଏହି ସମୟରେ କିଛି କାମ କରିବା ଦ୍ୱାରା ହୃଦୟ, ମସ୍ତିଷ୍କ ଓ କିଡ୍ନୀ ଉପରେ ଚାପ ପଡିଥାଏ। ସଞ୍ଜୟଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସେଜ୍ ହସ୍ପିଟାଲରେ ମ୍ୟାନେଜମେଣ୍ଟ ଏଚ୍‌ଓଡି ଡାକ୍ତର ରାଜେଶ ହର୍ଷବର୍ଦ୍ଧନଙ୍କ ଅନୁସାରେ ରକ୍ତଚାପ କମ୍ ଥିବା ବେଳେ ବିଶେଷକରି ୫ଟି କାମ ନ କରିବା ଉଚିତ୍। ଯେପରିକି

**ଅଚାନକ୍ ଠିଆ ହୁଅନ୍ତୁ ନାହିଁ:** ରକ୍ତଚାପ ନିମ୍ନ ହେବା ଦ୍ୱାରା ରକ୍ତର ପ୍ରବାହର ସନ୍ତୁଳନ ବିଗିଡି ଯାଇଥାଏ। ଡାକ୍ତର ରାଜେଶ ହର୍ଷବର୍ଦ୍ଧନଙ୍କ ଅନୁସାରେ ଅଚାନକ୍ ଠିଆ ହେବା ଦ୍ୱାରା ରକ୍ତ ପ୍ରବାହ ପାଦ ଆଡକୁ ତୀବ୍ର ବେଗରେ ହୋଇଥାଏ। ତେଣୁ ମସ୍ତିଷ୍କରେ ରକ୍ତ ପ୍ରବାହ କମି ଚାଲେ। ଫଳରେ ଅଚାନକ୍ ବେହୋସ୍ ହେବା ସହ ମୁଣ୍ଡରେ ଆଘାତ ଲାଗିବାର ଆଶଙ୍କା ମଧ୍ୟ ଉପୁଜିପାରେ। ତେଣୁ ଅଚାନକ୍ ରକ୍ତଚାପ କମିବା ପରେ ଆରାମ କରିବା ଜରୁରି।

**ଶରୀରକୁ ଓଜନିଆ କରୁଥିବା ଖାଦ୍ୟ ଖାଆନ୍ତୁ ନାହିଁ:** ନିମ୍ନ ରକ୍ତଚାପ ରହିଥିଲେ ଶରୀରକୁ ଭାରୀ କରୁଥିବା ବା ହଜମ ପାଇଁ ଅଧିକ ସମୟ ଲାଗୁଥିବା ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। କାରଣ ଖାଦ୍ୟକୁ ହଜମ ପାଇଁ ଅଧିକ ସମୟ ଲାଗିବା ଦ୍ୱାରା ରକ୍ତ ପ୍ରବାହ ପାଚନତନ୍ତ୍ର ଆଡକୁ ବଢିବା ସହ ମସ୍ତିଷ୍କକୁ ରକ୍ତ ପ୍ରବାହ କମିଥାଏ। ଫଳରେ ଶରୀର ଅଧିକ ଦୁର୍ବଳ ଲାଗିବା ସହ ଅଳସୁଆ ଅନୁଭବ ହୋଇଥାଏ। ତେଣୁ ନିମ୍ନ ରକ୍ତଚାପ ଥିବା ବେଳେ ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବା ଆବଶ୍ୟକ।

**ଅଧିକ ସମୟ ଠିଆ ହୋଇ ରୁହନ୍ତୁନି:** ଦୀର୍ଘ ସମୟ ଯାଏ ଗୋଟିଏ ଜାଗାରେ ଠିଆ ହୋଇ ରହିବା ଦ୍ୱାରା ପାଦରେ ରକ୍ତ ଜମା ହେବାର ଆଶଙ୍କା ରହିଥାଏ। ବିଶେଷକରି ନିମ୍ନ ରକ୍ତଚାପ ଥିବା ଆନେମିଆ ରୋଗୀ, ବୟସ୍କ ଲୋକ ବା ଗର୍ଭବତୀ ମହିଳାମାନଙ୍କ ପାଇଁ ଏହା ଖୁବ୍ କ୍ଷତିକାରକ। ଯଦି ଅଧିକ ସମୟ ଯାଏ ଠିଆ ହେବାକୁ ପଡେ, ତେବେ ହାଲ୍କା ହାଲ୍କା ପାଦକୁ ହଲାଇବା ଜରୁରି। ମଝିରେ ମଝିରେ ବସିପଡିବା ଉଚିତ୍। ଫଳରେ ରକ୍ତ ସଞ୍ଚାଳନ ବଜାୟ ରହିବ।

**ତୁରନ୍ତ ବ୍ୟାୟାମ କରନ୍ତୁ ନାହିଁ:** ନିମ୍ନ ରକ୍ତଚାପ ଥିବା ବେଳେ ବ୍ୟକ୍ତି ଖୁବ୍ ଦୁର୍ବଳ ରହିଥାଏ। ତେଣୁ ଏହି ସମୟରେ ବ୍ୟାୟାମ କରିବା ଦ୍ୱାରା ଶରୀର ଉପରେ ଅତିରିକ୍ତ ଚାପ ପଡିଥାଏ, ଯାହା ଶରୀର ପାଇଁ ଆଦୌ ଭଲ ନୁହେଁ। ତେଣୁ ଏହି ସମୟରେ ବ୍ୟାୟାମ ନ କରିବା ଭଲ।

**ଲୁଣ ଖାଇବା ଛାଡନ୍ତୁ ନାହିଁ:** ନିମ୍ନ ରକ୍ତଚାପ ସମୟରେ ଶରୀରକୁ ସୋଡିୟମ୍ର ଆବଶ୍ୟକତା ରହିଥାଏ। କିଛି ଲୋକ ଲୁଣ-ମୁକ୍ତ ଡାଏଟ୍ରେ ରହିଥାନ୍ତି, ଯାହା ନିମ୍ନ ରକ୍ତଚାପକୁ ଆହୁରି ବଢାଇଥାଏ। ବରଂ ଏହି ସମୟରେ ରୋଗୀକୁ ଲେମ୍ବୁ, ଲୁଣ ଓ ଚିନି ମିଶାଇ ପାଣି କିମ୍ବା ଲୁଣି ବିସ୍କୁଟ୍ ଖାଇବାକୁ ଦେବା ଉଚିତ୍। ଫଳରେ ରକ୍ତଚାପ ନିୟନ୍ତ୍ରଣକୁ ଆଣିବା ସହଜ ହୋଇପାରିବ।

# ଚୋରି ବିଦ୍ୟୁତ ତାର ସହ ଯୁବକଙ୍କୁ ପୁଲିସ ଜିମା ଦେଲେ ଗ୍ରାମବାସୀ




ସତ୍ୟବାଦୀ, ୨୫।୫ (ସଂଚାର ବ୍ୟୁରୋ): ଗତକାଲି ରାତି ସମୟରେ ପାହାଡ଼ ଚୁଳ ଗ୍ରାମବାସୀ ଚୋରି ହୋଇଥିବା ବିଦ୍ୟୁତ ତାର, ବ୍ୟବହୃତ ଗାଡି ଓ ଜନୈକ ଯୁବକଙ୍କୁ ସତ୍ୟବାଦୀ ପୋଲିସଙ୍କୁ ହସ୍ତାନ୍ତର କରିଛନ୍ତି । ଗତକାଲି ରାତି ପ୍ରାୟ ୨ଟା ସମୟରେ ପାହାଡ଼ ଚୁଳ ଓ ତୋରାଣିଆ ଗ୍ରାମର କିଛି ଯୁବକ ଗବକୁଣ୍ଡ ଠାରେ ଯାତ୍ରା ଦେଖି ଫେରୁଥିଲେ । ଭାର୍ଗବୀ ନଦୀ ବନ୍ଧରେ ଏକ ନିଛାଟିଆ ସ୍ଥାନରେ ଏହି ଅଟୋଟି ଠିଆ ହୋଇଥିଲା ଦେଖିଥିଲେ । ଏହି ଯୁବକ ମାନେ ପାହାଡ଼ ଚୁଳ ଗ୍ରାମରେ ପହଞ୍ଚି ଗ୍ରାମବାସୀ ମାନଙ୍କୁ ଡାକିଥିଲେ । ଗ୍ରାମବାସୀ ମାନେ ଅଟୋ ନିକଟକୁ ଆସିଥିଲେ । ଗ୍ରାମବାସୀ ମାନଙ୍କୁ ମାରଣାସ୍ତ୍ର ଦେଖାଇ ୨ ଜଣ ଖସି ଯାଇଥିଲେ । ମାତ୍ର ଗ୍ରାମବାସୀ ମାନେ ଜଣେ ଯୁବକ, ବିଦ୍ୟୁତ ତାର ବୋଝେଇ ହୋଇଥିବା ଏକ ଡ଼ାଲା ଅଟୋକୁ ଅଟକାଇ ସତ୍ୟବାଦୀ ଥାନା ଓ ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟ, ସାକ୍ଷୀଗୋପାଳକୁ ଖବର ଦେଇଥିଲେ। ସତ୍ୟବାଦୀ ପୁଲିସ ଘଟଣା ସ୍ଥଳରେ ବିଦ୍ୟୁତ ତାର ବୋଝେଇ ହୋଇଥିବା ଡ଼ାଲା ଅଟୋ, ଏକ କଟର ମେସିନ ଓ ଯୁବକଙ୍କୁ ଥାନାକୁ ଆଣିଥିଲେ । ଏକ କିଲୋମିଟର ମଧ୍ୟରେ ରହିଥିବା ୧୦ ସ୍ଥାନ ବିଦ୍ୟୁତ ତାର ଚୋରି ହୋଇଅଛି ବୋଲି ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟ, ସାକ୍ଷୀଗୋପାଳର କନିଷ୍ଠ ଯନ୍ତ୍ରୀ ସୌମ୍ୟ ରଞ୍ଜନ ପଣ୍ଡା ସତ୍ୟବାଦୀ ଥାନାରେ ଦେଇଥିବା ଏତଲାରୁ ଜଣା ପଡ଼ିଅଛି । ପ୍ରାୟ ୬ ମାସ ତଳେ ଏହି ଟ୍ରାନ୍ସଫରମରରୁ ତମ୍ବା କଏଲ ଚୋରି ହୋଇଥିଲା । ୪ ଗୋଟି ବିଦ୍ୟୁତ ଖୁଣ୍ଟ ମଧ୍ୟ ଚୋରି ହୋଇଯାଇଛି । ଏହି ସ୍ଥାନ ଏକ ନିଛାଟିଆ ଅଞ୍ଚଳ ହୋଇଥିବାରୁ ସନ୍ଧ୍ୟା ପରେ ଏହି ନଦୀ ବନ୍ଧ ଉପରେ ଗମନାଗମନ ବନ୍ଦ ହୋଇଯାଏ । ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସାରଙ୍ଗଯୋଡ଼ି ପଞ୍ଚାୟତର ଧ୍ୱଜା ମୁଣ୍ଡାଇ ଗ୍ରାମ ନିକଟରେ ଭାର୍ଗବୀ ନଦୀ କୂଳରେ ଏକ ସରକାରୀ ଉଠା ଜଳସେଚନ ପ୍ରକଳ୍ପ ରହିଅଛି । ଏହି ପ୍ରକଳ୍ପକୁ ସାରଙ୍ଗଯୋଡ଼ି ଗ୍ରାମ ନିକଟରେ ଅବସ୍ଥିତ ପାହାଡ଼ ଚୁଳ ଠାରୁ ଭାର୍ଗବୀ ନଦୀ ବନ୍ଧ ଉପରେ ବିଦ୍ୟୁତ ଖୁଣ୍ଟ ପକାଯାଇ ବିଦ୍ୟୁତ ଯୋଗାଣ ହେଉଅଛି ।

# ଅନ୍ଧାରରେ କୋରାପୁଟ ମେଡିକାଲ କଲେଜ

## ଡିଜେଲ ଅଭାବରୁ ଠପ୍ ସେବା, ଆକ୍ସନ ମୁଡ୍‌ରେ ପ୍ରଶାସନ




କୋରାପୁଟ, ୨୫।୫ (ସଂଚାର ବ୍ୟୁରୋ): କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ରବିବାର ଘଟିଥିବା ବିଦ୍ୟୁତ ବିଭ୍ରାଟ ଘଟଣା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପୂର୍ବରୁ ପାୱାର କଟ୍ ସୂଚନା ଥିବା ସତ୍ତ୍ୱେ ଜେନେରେଟର ପାଇଁ ପର୍ଯ୍ୟାପ୍ତ ଡିଜେଲ ମହଜୁତ ରଖାଯାଇନଥିବାରୁ ଆଇସିୟୁ, ଜରୁରୀକାଳୀନ ୱାର୍ଡ, ଶିଶୁ ବିଭାଗ ଓ ଅପରେସନ ଥିଏଟର କିଛି ସମୟ ପାଇଁ ଅନ୍ଧକାରମୟ ହୋଇଯାଇଥିଲା। ଏହାକୁ ନେଇ ରୋଗୀ ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦେଖାଦେଇଥିଲା।

ସୂଚନା ଅନୁସାରେ, ବିଦ୍ୟୁତ ବିଭାଗ ପକ୍ଷରୁ ଗ୍ରୀଡ଼ ମରାମତି କାମ ପାଇଁ ୮ ଘଣ୍ଟିଆ ପାୱାର କଟ୍ ନେଇ ପୂର୍ବରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ସହରବାସୀଙ୍କୁ ସୂଚନା ଦିଆଯାଇଥିଲା। ସେହିଅନୁଯାୟୀ ମେଡିକାଲ କଲେଜରେ ଜେନେରେଟର ଚାଲୁ କରାଯାଇଥିଲା। କିନ୍ତୁ କିଛି ସମୟ ପରେ ଡିଜେଲ ଶେଷ ହୋଇଯାଇଥିବାରୁ ସମଗ୍ର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳି ମଧ୍ୟରେ ଗୁରୁତର ରୋଗୀ, ନବଜାତ ଶିଶୁ ଓ ବୟସ୍କ ରୋଗୀମାନେ ଦୀର୍ଘ ସମୟ ଯନ୍ତ୍ରଣା ଭୋଗିଥିବା ଅଭିଯୋଗ ହୋଇଛି।

ଅନ୍ଧାର ଭିତରେ ରୋଗୀ ସେବା ଚାଲିଥିବା ବେଳେ ଅସହାୟ ହୋଇପଡ଼ିଥିଲେ ରୋଗୀଙ୍କ ସମ୍ପର୍କୀୟମାନେ। ପରିସ୍ଥିତି ଗମ୍ଭୀର ହେବା ପରେ ମେଡିକାଲ ଅଧୀକ୍ଷକ ନିଜେ ଡିଜେଲ ବ୍ୟବସ୍ଥା କରିଥିବା ଜଣାପଡ଼ିଛି। ପରେ ଜେନେରେଟର ପୁନଃ ଚାଲୁ ହୋଇ ସେବା ସ୍ୱାଭାବିକ ହୋଇଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଦାୟୀ ଅଧିକାରୀ ଓ ସମ୍ପୃକ୍ତ ଏଜେନ୍ସିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସ୍ପଷ୍ଟ ସଙ୍କେତ ମିଳିଛି। ପୂର୍ବ ସୂଚନା ଥିବା ସତ୍ତ୍ୱେ କାହିଁକି ଆଗୁଆ ପ୍ରସ୍ତୁତି ହୋଇନଥିଲା ଏବଂ ଡିଜେଲ ମହଜୁତ ରଖାଯାଇନଥିଲା, ତାହାକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠିଛି।

ସ୍ଥାନୀୟ ବୁଦ୍ଧିଜୀବୀ ଓ ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି, ଏକ ମେଡିକାଲ କଲେଜରେ ଏପରି ଅବ୍ୟବସ୍ଥା ଅତ୍ୟନ୍ତ ଚିନ୍ତାଜନକ। ଜରୁରୀ ସ୍ୱାସ୍ଥ୍ୟ ସେବାରେ ଏପରି ଅବହେଳା କେବେ ବି ଗ୍ରହଣଯୋଗ୍ୟ ନୁହେଁ।

# ଖଣି ଉପତ୍ୟକାରେ ପୋଷ୍ୟ ଗ୍ରାମକୁ ପାନୀୟ ଜଳ ଓ ବିଦ୍ୟୁତ ଯୋଗାଣ ଦାବି

ଯାଜପୁର, ୨୫।୫ (ସଂଚାର ବ୍ୟୁରୋ): ଯାଜପୁର ଜିଲା ଖଣି ଉପତ୍ୟକାରେ ପୋଷ୍ୟ ଗ୍ରାମ ଗୁଡିକୁ ଓଡ଼ିଶା ଖଣି ନିଗମ ପାନୀୟ ଜଳ ଓ ବିଦ୍ୟୁତ ଯୋଗାଇ ଦେବାକୁ ଦାବି କରାଯାଇଛି । ଏ ସମ୍ପର୍କରେ ଖଣି ପ୍ରଭାବିତ କାଳିଆ ପାଣି ସରପଞ୍ଚ ବିକାଶ କୁମାର ପାତ୍ର ଓଏମସି ପରିଚାଳନା ନିର୍ଦ୍ଦେଶକଙ୍କ ଠାରେ ଅଭିଯୋଗ କରିଛନ୍ତି । ମୁଖ୍ୟତଃ କାଳିଆ ପାଣି ଥାନା ନିକଟସ୍ଥ ଚିରଗୁଣିଆ ବସ୍ତି ରେ ବସବାସ କରୁଥିବା ବାହାର ଅଞ୍ଚଳ ର ଲୋକ ମାନଙ୍କୁ ଖଣି ନିଗମ କର୍ତ୍ତୃପକ୍ଷ ମାଗଣା ରେ ପାଣି ଓ ବିଦ୍ୟୁତ ଯୋଗାଇ ଦେଉଅଛି ।କିନ୍ତୁ ଓଏମସି ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଥିବା କାଳିଆ ପାଣି ପଞ୍ଚାୟତ ର ବିଭିନ୍ନ ଅଞ୍ଚଳ ରେ ଏହି ମାଗଣା ପାଣି ଓ ବିଦ୍ୟୁତ ଭଳି ମୌଳିକ ଆବଶ୍ୟକତା ର ବ୍ୟବସ୍ଥା କରିବାକୁ ପଛଘୁଞ୍ଚା ଦେଉଥିବା ଦାବୀ ପତ୍ରରେ ଉଲ୍ଲେଖ ରହିଛି । ଫଳରେ ଖଣି ଅଞ୍ଚଳ ର ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କାଳିଆପାଣି ପଞ୍ଚାୟତ ଅଞ୍ଚଳ ରେ ଜନ ଅସନ୍ତୋଷ ଦେଖା ଦେଇଛି ।ଜନ ସାଧାରଣ ଙ୍କ ସହିତ ସୁ ସମ୍ପର୍କ ରଖିବା ଓ ସେମାନଙ୍କ ସହିତ ଯୋଡ଼ି ହୋଇ ରହିବା ପାଇଁ ଖଣି ନିଗମ କର୍ତ୍ତୃପକ୍ଷ ତୁରନ୍ତ ଏହି ପୋଷ୍ୟ ଗ୍ରାମ ର ବିଭିନ୍ନ ଅଞ୍ଚଳ ରେ ମାଗଣା ପାଣି ଓ ବିଦ୍ୟୁତ ଭଳି ମୌଳିକ ଆବଶ୍ୟକତା ପୂରଣ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସରପଞ୍ଚ ଶ୍ରୀ ପାତ୍ର ଅନୁରୋଧ କରିଛନ୍ତି।

## ସୂଚନା ଅଧିକାର ନିୟମକୁ ଅବମାନନା

# ତଥ୍ୟ ଦେବାକୁ ମନାକଲେ ଥାନାଧୀକାରିଣୀ




ନୀଳଗିରି, ୨୫।୫ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ୨୦୦୫ ମସିହାରୁ ସୂଚନାଅଧିକାର ଆଇନ ଲାଗୁ କରିଥିବାବେଳେ କେତେକ ବିଭାଗର ଅଧିକାରୀମାନେ ତାହାକୁ ଅବମାନନା କରୁଛନ୍ତି। ସୂଚନାକର୍ମୀଙ୍କ ଦରଖାସ୍ତ ହାତରେ ନନେଇ ଡାକରେ ପଠାଇବାକୁ ବାଧ୍ୟ କରୁଥିବାରୁ ସୂଚନାଅଧିକାର କର୍ମୀ ଜଣଙ୍କ ଏ ଅଫିସରୁ ସେ ଅଫିସ ଦୌଡ଼ିଦୌଡ଼ି ନୟାନ୍ତ ହେଉଥିବାର ଦେଖି ବାକୁ ମିଳିଛି । ଏପରିକି ଥାନାରେ ଏତଲା ଦେଲେ ୨୪ଘଣ୍ଟା ଭିତରେ ପଞ୍ଜିକରଣ କରିବାକୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିବାବେଳେ ପ୍ରକୃତରେ ତାହା କେତେଦୂର କାର୍ଯ୍ୟକାରୀ ହେଉଛି ଗୋଟିଏ ଉଦାହରଣରୁ ପ୍ରମାଣିତ ହୋଇଯିବ।

ସୂଚନା ଯୋଗ୍ୟ ଗତ ୨୬.୪.୨୬ରିଖରେ କୁଲଡ଼ିହା ଭାରପ୍ରାପ୍ତ ରେଞ୍ଜର ସୁବ୍ରତ ବେହେରା ଓ ଏସିଏଫ ଦିଗନ୍ତ ଶୋଭନ ଚାନ୍ଦ ସୂଚନାକର୍ମୀ ରତିକାନ୍ତ ପରିଡ଼ାଙ୍କ ଜାଲଦସ୍ତଖତ ଓ ଭୋଟର ପରିଚୟପତ୍ରକୁ ଜାଲିଆତିକରି ବାଲେଶ୍ୱର ଡିଏଫଓଙ୍କ ବିରୋଧରେ ଅପ୍ରାସଙ୍ଗିକ କପୋଳକଳ୍ପିତ କାହାଣୀ ଗଢି ବିଭିନ୍ନ ଗଣମାଧ୍ୟମ ଓ ଅଫିସକୁ ପ୍ରେରଣ କରି ସୂଚନାକର୍ମୀ ରତିକାନ୍ତଙ୍କୁ ବଦନାମ କରିବାର ହୀନପ୍ରୟାସ କରିଥିବାର ସନ୍ଦେହକରି ଶ୍ରୀ ପରିଡ଼ା ବରହମପୁର ଥାନାରେ ଅଭିଯୋଗ କରିଥିଲେ ହେଁ ଦୀର୍ଘ ଏକମାସ ବିତିଯାଇଥିଲେ ମଧ୍ୟ ଏଯାବତ ଏତଲାକୁ ପଞ୍ଜିକରଣ କରାଯାଇନାହିଁ। ଥାନା ଅଧିକାରୀଙ୍କୁ ପଚାରିଲେ ଷ୍ଟେସନ ଡାଏରି ହୋଇଥିବାର ଥାନା ଅଧିକାରୀଣି ପ୍ରେମାଦା ନାୟକ ପ୍ରକାଶ କରିଛନ୍ତି। ତେବେ ଷ୍ଟେସନଡାଏରୀ ନମ୍ବର ମାଗିଲେ ଅଭିଯୋଗକାରୀଙ୍କୁ ନଦେବା ଫଳରେ ଅଭିଯୋଗକାରୀ ସୂଚନା ଅଧିକାର ଆଇନବଳରେ ତାହା ପାଇବାକୁ ଦରଖାସ୍ତ ଆଗତ କରିବାକୁ ଯାଇଥିଲେ। କିନ୍ତୁ ଥାନାଧିକାରିଣୀ ଦରଖାସ୍ତ ଗ୍ରହଣ କରିବାକୁ ରୋକ୍ ଠୋକ୍ ମନାକରିବା ଫଳରେ ଅଭିଯୋଗକାରୀ ବାଲେଶ୍ୱର ଏସପିଙ୍କ ଠାରେ ସୂଚନା ତଥ୍ୟ ପାଇଁ ହାତେହାତେ ଦରଖାସ୍ତ ପ୍ରଦାନ କରିବା ସହ ଏହାର କପି ମଧ୍ୟ ଗ୍ରହଣ କରିଛନ୍ତି।

ତେବେ ଗୁରୁତ୍ୱପୂର୍ଣ୍ଣ କଥା ଏସପି ସୂଚନାତଥ୍ୟ ଆବେଦନର ଦରଖାସ୍ତ ଗ୍ରହଣ କରିଥିବା ବେଳେ ବରହମପୁର ଥାନା ଅଧିକାରିଣୀ ଗ୍ରହଣ ନକରିବା ପଛର କାରଣ କଣ ସନ୍ଦେହ ସୃଷ୍ଟି ହୋଇଛି ।ତେବେ ରେଞ୍ଜ ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ ମୋଟା ଅଙ୍କର ଅର୍ଥକାରବାର ହୋଇଥିବାର ଶ୍ରୀ ପରିଡା ଅନୁମାନ କରିଛନ୍ତି। ଯାହାକୁ ନେଇ ଥାନାଅଧିକାରିଣୀ ଔଷଧ ବିକଳରେ ତାଟିଆ କାମୁଡ଼ିଲା ଭଳି ବିଭିନ୍ନ ରାଜନୈତିକ ବ୍ୟକ୍ତିମାନଙ୍କୁ ଧରି ଘଟଣାକୁ ଚାପିବାକୁ ମସୁଧା କରିଚାଲିଛନ୍ତି। ଏଠି ପ୍ରଶ୍ନ ଉଠେ ଅଭିଯୋଗକାରୀଙ୍କୁ ଅଭିଯୋଗର କପି ଦେବାକୁ ଥାନାଅଧିକାରୀଣି ପଛଘୁଞ୍ଚା ଦେଉଛନ୍ତି କାହିଁକି? ଏତଲା ପାଇବା ପରେ ପଞ୍ଜିକରଣ କରିବାର ନିୟମ ଥିବାବେଳେ ବରହମପୁର ଥାନା ଏଥିରୁ ବାଦ ପଡୁଛି କାହିଁକି? ଏତଲା ପାଇବା ମାତ୍ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବେଖାତିରି କରୁଥିବା ଥାନାଅଧିକାରିଣୀଙ୍କ ପ୍ରତି ଏସପି କାହିଁକି କୋଠାର କାର୍ଯ୍ୟାନୁଷ୍ଠାନ କରୁନାହାନ୍ତି? ସୂଚନା ଅନୁଯାୟୀ ତଦନ୍ତ ସମୟରେ ଚାର୍ସିଟ କିମ୍ବା ଫାଇନାଲ ରିପୋର୍ଟ କରାଯାଇପାରିବା ନିୟମ ଥିବାବେଳେ ଏତଲା ପଞ୍ଜିକରଣ କରାନଯିବାର କାରଣ କଣ? ଚୋରାମଦ, କାଠଗାଡି, ବାଲିଗାଡି, ମୋରମଗାଡି ପଛରେ ଦୌଡ଼ି ଦୌଡ଼ି ଭଲ ମୁନାଫା କମାଉଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କେଶ ଗୁଡିକୁ ଅଣଦେଖା କରୁଥିବାରୁ ଏସ୍ ପି ସେଥିପ୍ରତି ସୃଷ୍ଟି ନଦେବା ନିଶ୍ଚିତ ଭାବେ କ୍ଷୋଭର ବିଷୟ।

# ପ୍ରବଳ ଗ୍ରୀଷ୍ମ ସମୟରେ ଶ୍ରମିକମାନଙ୍କୁ କାର୍ଯ୍ୟ କରାଇବାକୁ ବିରୋଧ କଲା ସିଆଇଟିୟୁ



ନୀଳଗିରି, ୨୫।୫ (ସଂଚାର ବ୍ୟୁରୋ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ରେ ରଖି ଶ୍ରମିକ ମାନଙ୍କ ସୁରକ୍ଷା ପାଇଁ ସରକାର ଙ୍କ ମାର୍ଗ ଦର୍ଶିକା କୁ ବେଖାତିର କରି ପ୍ରବଳ ଗ୍ରୀଷ୍ମ ସମୟରେ ଶ୍ରମିକ ମାନଙ୍କୁ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରାଯାଉ ଥିବା ରୁ ସିଆଇଟିୟୁ ପକ୍ଷରୁ ବିରୋଧ କରାଯାଇଛି ।ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଦ୍ୱାରା ତାପମାତ୍ରା ଚାଳିଶ ଡିଗ୍ରୀ ଉପରେ ରହୁଛି। ଯାହା ଦ୍ୱାରା କି ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏହାକୁ ଲକ୍ଷ୍ୟ କରି ଓଡିଶା ସରକାର ସ୍କୁଲ, କଲେଜ ବନ୍ଦ କରିବା ସହିତ ଶ୍ରମିକ ମାନଙ୍କ ସୁରକ୍ଷା ପାଇଁ ମାର୍ଗ ଦର୍ଶିକା ପ୍ରଣୟନ କରିଛନ୍ତି। ଦିବା ଏଗାର ଘଟିକା ପରଠାରୁ କୌଣସି ନିର୍ମାଣ କାର୍ଯ୍ୟରେ ଶ୍ରମିକ ମାନଙ୍କୁ ନିୟୋଜିତ କରାଯାଇ ପାରିବ ନାହିଁ ।ସେହିପରି ଅପରାହ୍ନ ତିନି ଘଟିକା ରୁ ଶ୍ରମିକ ମାନେ କାର୍ଯ୍ୟ କରି ପାରିବେ।

କିନ୍ତୁ ଉକ୍ତ ସମୟ ମଧ୍ୟରେ ଶ୍ରମିକ ମାନେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବା ର ଦେଖିବାକୁ ମିଳୁଛି। ଉକ୍ତ ସମୟରେ ଯେଉଁ ମାନେ ଶ୍ରମିକ ମାନଙ୍କୁ କାର୍ଯ୍ୟ ରେ ଲଗାଇବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସରକାର ଘୋଷଣା କରିଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହା କି ଦୁଃଖ ଓ ପରିତାପର ବିଷୟ। ଉକ୍ତ ଘଟଣା କୁ ଗୁରୁତ୍ୱ ନେବା ସହିତ ଶ୍ରମିକ ମାନଙ୍କର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାପାଇଁ ସିଆଇଟିୟୁ ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର ପ୍ରଶାସନ ଠାରେ ଦାବି କରିଛନ୍ତି। ଯଦି ପ୍ରଶାସନ ଏଥିପ୍ରତି ସଜାଗ ନ ହୁଅନ୍ତି ଆଗାମୀ ଦିନରେ ସିଟୁ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ବିଜେଡି ମହିଳା ଶାଖାର 'ନାରୀ ଅଧିକାର ଅଭିଯାନ' ରାଲି




## ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ସାମିଲ

## ସାଂସଦ ପ୍ରାର୍ଥୀଙ୍କ ଅନୁପସ୍ଥିତିରେ କର୍ମୀ ଅସନ୍ତୁଷ୍ଟ

ଢେଙ୍କାନାଳ, ୨୫।୫ (ସଂଚାର ବ୍ୟୁରୋ): ନାରୀ ସୁରକ୍ଷା, ସମାନ ମଜୁରୀ ଓ ରାଜନୈତିକ ଅଂଶଗ୍ରହଣ ଦାବିରେ ଆଜି ଢେଙ୍କାନାଳ ଜିଲ୍ଲା ବିଜୁ ଜନତା ଦଳ ମହିଳା ଶାଖା ପକ୍ଷରୁ 'ନାରୀ ଅଧିକାର ଅଭିଯାନ' ବିଶାଳ ରାଲି ଅନୁଷ୍ଠିତ ହୋଇଛି। ହଜାର ହଜାର ମହିଳା କର୍ମୀଙ୍କ ଉପସ୍ଥିତିରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ରାଲିର ନେତୃତ୍ୱ ନେଇଥିଲେ। ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

ତେବେ ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଲୋକସଭା ଆସନ ପାଇଁ ବିଜେଡିର ସାଂସଦ ପ୍ରାର୍ଥୀ ଅଭିନାଶ ସାମଲଙ୍କ ଅନୁପସ୍ଥିତିକୁ ନେଇ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

ଆଜି ସକାଳ ୧୦ଟାରେ ଢେଙ୍କାନାଳ ବାଜିଚୌକି ଠାରୁ ଆରମ୍ଭ ହୋଇଥିବା ଏହି ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ସେଠାରେ କିଛି ସମୟ ଧରି ପ୍ରତିବାଦ ସଭା ହୋଇଥିଲା । ଜିଲ୍ଲାରେ ୮ଟି ବ୍ଲକ ଓ ଢେଙ୍କାନାଳ ପୌରାଞ୍ଚଳରୁ ପ୍ରାୟ ୧ ହଜାରରୁ ଅଧିକ ମହିଳା କର୍ମୀ ହାତରେ ବ୍ୟାନର, ପ୍ଲାକାର୍ଡ ଧରି 'ନାରୀ ଶକ୍ତି ଜିନ୍ଦାବାଦ', 'ମହିଳାଙ୍କୁ ସୁରକ୍ଷା ଦିଅ' ସ୍ଲୋଗାନ ଦେଇଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ଛୁରିଆ କହିଲେ, "ନବୀନ ବାବୁଙ୍କ ସରକାର ସବୁବେଳେ ମହିଳାଙ୍କୁ ଅଗ୍ରାଧିକାର ଦେଇଛନ୍ତି। ମିଶନ ଶକ୍ତି, ମମତା ଯୋଜନା ଏହାର ଉଦାହରଣ। କିନ୍ତୁ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁ କରନ୍ତୁ, ଦରଦାମ ନିୟନ୍ତ୍ରଣ କରନ୍ତୁ ଓ ନାରୀ ନିର୍ଯାତନା ବନ୍ଦ କରନ୍ତୁ। ଏହା ହିଁ ଆମ ଦାବି।"

ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ ନିମ୍ନଲିଖିତ ୭ ଦଫା ଦାବି ରହିଛି:

ଏହି ବିଶାଳ ମହିଳା ସମାବେଶରେ ଢେଙ୍କାନାଳ ଲୋକସଭା ଆସନ ପାଇଁ ବିଜେଡିର ସାଂସଦ ପ୍ରାର୍ଥୀ ଅଭିନାଶ ସାମଲ ଅନୁପସ୍ଥିତ ରହିଥିଲେ। ତାଙ୍କ ଅନୁପସ୍ଥିତିକୁ ନେଇ ଅନେକ ମହିଳା କର୍ମୀ ଅସନ୍ତୋଷ ପ୍ରକାଶ କରିଥିଲେ।

ନାମ ପ୍ରକାଶ ନ କରିବା ସର୍ତ୍ତରେ ଜଣେ ମହିଳା କହିଲେ, "ନିର୍ବାଚନ ପାଖେଇ ଆସୁଛି। ମହିଳା ଭୋଟ୍ ନିର୍ଣ୍ଣାୟକ। ଏତେ ବଡ଼ କାର୍ଯ୍ୟକ୍ରମରେ ପ୍ରାର୍ଥୀ ନ ଆସିବା ଆମକୁ ବ୍ୟଥିତ କରିଛି। ଦଳ ଏ ଦିଗରେ ଧ୍ୟାନ ଦେଉ।"


ତେବେ ଏ ସମ୍ପର୍କରେ ଜିଲ୍ଲା ବିଜେଡି ସଭାପତି ନୃସିଂହ ସାହୁ କହିଛନ୍ତି, "ଅଭିନାଶ ବାବୁ ଏକ ଜରୁରୀ କାମରେ ଭୁବନେଶ୍ୱର ଯାଇଛନ୍ତି। ସେ ମହିଳା ଶାଖାର ଏହି ଅଭିଯାନକୁ ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି।"

ଆଗାମି ଲୋକସଭା ନିର୍ବାଚନ ପୂର୍ବରୁ ମହିଳା ଭୋଟ୍ ବ୍ୟାଙ୍କକୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ସମସ୍ତ ରାଜନୈତିକ ଦଳ ଏଭଳି କାର୍ଯ୍ୟକ୍ରମ କରୁଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

# ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ, ୨୫।୫ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ବଇଞ୍ଚବଣିଆ ଘୋଡାହାଡ଼ ନଦୀ ନିକଟରେ ଯାତ୍ରା ସିଂହ ବାହିନୀ ଅପେରାର ପେଣ୍ଡାଲ ଭିତରେ ଜଣେ ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଛି ନେଇ ଅଭିଯୋଗ ଆସିଛି | ମୃତ ଯୁବକ ଜଣକ ହେଲେ ହିଞ୍ଜିଳିକାଟୁ ଆଙ୍କୋରଡ଼ା ଗ୍ରାମର ବଳରାମ ନାହାକ (୨୭)।

ସୂଚନା ଅନୁସାରେ, ହିଞ୍ଜିଳିକାଟୁ ରାଧାକୃଷ୍ଣ ପରିବା ଯାତ୍ରା କମିଟି ପକ୍ଷରୁ ଚଳିତ ମାସର ୨୦ ତାରିଖରୁ ୨୨ତାରିଖ ଯାଏ ତିନି ଦିନ ଧରି କୋଣାର୍କ ଗଣନାଟ୍ୟ ଚାଲିଥିଲା। ପୁଣି ୨୩ ତାରିଖ ତଥା ଶନିବାର ଦିନ ଠାରୁ ଆରମ୍ଭ ହୋଇଥିଲା ଯାତ୍ରା ସିଂହବାହିନୀ। ପ୍ରଥମ ଦିନରେ ପ୍ରାୟ ୧୫୦୦ରୁ ଉର୍ଦ୍ଧ ଦର୍ଶକଙ୍କ ଗହଳି ହୋଇଥିଲା। ନାଟକ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ଦର୍ଶକଙ୍କୁ ଯାତ୍ରା ପେଣ୍ଡାଲ ଭିତରକୁ ପ୍ରବେଶ କରାଯାଇଥିଲା। ପ୍ରବେଶ କରିବା ମାତ୍ରେ ଜଣେ ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ଆସିଛି। ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ପରେ ବି ନାଟକ ଚାଲିଥିବା ନେଇ ଜଣାପଡିଛି | ପରେ ମୃତକ ପରିବାର ଓ ଗ୍ରାମବାସୀ ଥାନାରେ ବୁଝାମଣା ହୋଇ ଯାତ୍ରା ମାଲିକ ୫ଲକ୍ଷ ଟଙ୍କା ପରିବାରଙ୍କୁ ପ୍ରଦାନ କରିବେ ନେଇ ନିଷ୍ପତି ହୋଇଥିବା ଜଣାଯାଇଛି।



# ଡୁଙ୍ଗରିପାଲି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି



ସୁବର୍ଣ୍ଣପୁର, ୨୫।୫ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଚେରୁପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

ଏହି ଶିବିରରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତାପ କୁମାର ରଣା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୬୯ (ଅଣସ୍ତରି) ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ସେଥି ମଧ୍ୟରୁ ୫୨ ଗୋଟି ବ୍ୟକ୍ତିଗତ ଓ ୧୫ ଗୋଟି ସାମୁହିକ ଦରଖାସ୍ତ ଥିଲା, ଗୋଟିଏ ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସହାୟତା ପାଇଁ ଥିବା ବେଳେ, ଆଉ ଏକ ଦରଖାସ୍ତ ରେଡ କ୍ରସ ସହାୟତା ପାଇଁ ରହିଥିଲା ଏବଂ ଗୋଟିଏ ଦରଖାସ୍ତ ର ତୁରନ୍ତ ସମାଧାନ ହୋଇଥିଲା । ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି।


ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ ମେହେର, ଅତିରିକ୍ତ ତହସିଲଦାର ଶ୍ରୀ ରୋହିତ ବାଗ, ସରପଞ୍ଚ ଶ୍ରୀ ଦିଲୀପ କୁମାର ଶତପଥୀ ପ୍ରମୁଖ ମଞ୍ଚାସିନ ଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡୁଙ୍ଗରିପାଲି ଶ୍ରୀ ସଂଜୀବ କୁମାର ସାହୁ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜଣ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ଉଷାରଣୀ ଦାସ, ସହାୟକ କଲେକ୍ଟର (ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଇଘରରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର



ରାଇଘର, ୨୫।୫ (ସଂଚାର ବ୍ୟୁରୋ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି ଏବଂ ତୁରନ୍ତ ସମାଧାନ ପାଇଁ ଆଜି ରାଇଘର ପଞ୍ଚାୟତ ସମିତି ଗୃହରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅଭିଯୋଗ ଶୁଣାଣୀ କାଳରେ ଶିବିର ର ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଜିଲ୍ଲାପାଳ ଶରତ ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂ, ତହସିଲଦାର ମନମୋହନ ସାହୁ, ଏ.ବିଡିଓ ବିଜୟ କୁମାର ସେଠୀ,ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର,ଉପ-ମଣ୍ଡଳୀୟ ପୋଲିସ ଅଧିକାରୀ ଶୁଭେନ୍ଦୁ ଶବର ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣୀ ରେ ମୋଟ ୨୭ ଜଣ ଆବେଦନ କାରୀ ନିଜ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ।ସେଥି ମଧ୍ୟରୁ ୨୨ଟି ବ୍ୟକ୍ତି ଗତ ସମସ୍ୟା ଅଭିଯୋଗ ଓ ୫ ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଶିବିର ରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୦ ଜଣଙ୍କୁ ମଧୁବାବୁ ପେନସନ ସହାୟତା କାର୍ଡ ଓ ଜଣଙ୍କୁ ଦିବ୍ୟାଙ୍ଗ ସୁନିଲ ଚେୟାର ଏବଂ ଅନ୍ତୋଦୟ ଗୃହ ଯୋଜନାରେ ୬ ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ଏହି ଅଭିଯୋଗ ଶୁଣାଣୀ ସକାଳ ୭ ଘଣ୍ଟିକା ଠାରୁ ୧୦ ଘଣ୍ଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

# ଇଟାଭାଟି ନିଆଁରେ ଜନଜୀବନ ଅସ୍ତବ୍ୟସ୍ତ



ଯାଜପୁର, ୨୫।୫ (ସଂଚାର ବ୍ୟୁରୋ): ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଯାଜପୁର ଜିଲ୍ଲାରେ ତାତି ଅସହ୍ୟ ସ୍ଥିତିକୁ ପହଞ୍ଚିଛି। ଦିନକୁ ଦିନ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି।

## ପ୍ରଶାସନର ନୀରବତାକୁ ନେଇ ଉଠିଲା ପ୍ରଶ୍ନ

ଏଭଳି ପରିସ୍ଥିତିରେ ବିଭିନ୍ନ ସ୍ଥାନରେ ଦିନରାତି ଜଳୁଥିବା ବେଆଇନ୍ ଇଟାଭାଟି ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି।ଜିଲ୍ଲାର ଅନେକ ବ୍ଲକ ଓ ପଞ୍ଚାୟତରେ ଜନବସତି ନିକଟରେ ବେଆଇନ ଭାବେ ଇଟାଭାଟି ଚାଲୁଥିବା ଅଭିଯୋଗ ଉଠିଛି। ଏହି ଭାଟିରୁ ନିର୍ଗତ ଧୂଆଁ ଓ ଅତ୍ୟଧିକ ଉତ୍ତାପରେ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ଖରା ତାତିରେ ଲୋକେ ଘରୁ ବାହାରିବାକୁ ଭୟ କରୁଥିବା ବେଳେ ଇଟାଭାଟିର ନିଆଁ ଏବେ ଅଞ୍ଚଳର ପରିବେଶକୁ ଅସହ୍ୟ କରିଦେଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କିଛି ପ୍ରଭାବଶାଳୀ ବ୍ୟକ୍ତି ନଦୀରୁ ବେଆଇନ ବାଲି ଉଠାଇ ସରକାରୀ ଜମି ଉପରେ ଇଟାଭାଟି ଚଳାଉଛନ୍ତି। ଏନେଇ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଅମ୍ବର କୁମାର କର ସମ୍ପୃକ୍ତ ତହସିଲଦାରମାନଙ୍କୁ ବେଆଇନ ଇଟାଭାଟି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତହସିଲ ପ୍ରଶାସନ ପକ୍ଷରୁ ଆଖି ଦୃଶିଆ କାର୍ଯ୍ୟନୁଷ୍ଠାନ ଗ୍ରହଣ ହୋଇନଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିଛି।

ଗ୍ରାମବାସୀଙ୍କ କହିବା ଅନୁସାରେ, ପ୍ରଶାସନର ଢିଲା ମନୋଭାବର ସୁଯୋଗ ନେଇ ଇଟାଭାଟି ମାଲିକମାନେ ନୂଆ ଭାଟିରେ ମଧ୍ୟ ନିଆଁ ଲଗାଉଛନ୍ତି। ଏହାକୁ ନେଇ ବିଭିନ୍ନ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହୋଇପଡ଼ିଛି। ସ୍ଥିତି ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହେଲେ ମାନବାଧିକାର କମିଶନର ଦ୍ୱାରସ୍ତ ହେବାକୁ ମଧ୍ୟ ଚେତାବନୀ ଦେଇଛନ୍ତି ସ୍ଥାନୀୟ ଲୋକେ।ସବୁଠାରୁ ଗୁରୁତର କଥା ହେଉଛି, ଅନେକ ଇଟାଭାଟି ଚତୁଃପାର୍ଶ୍ୱରେ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ମନ୍ଦିର, ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଧୂଆଁ ଓ ପ୍ରଦୂଷଣରେ ଶିଶୁ, ବୃଦ୍ଧ ଓ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଖରାପ ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି।ଅନ୍ୟପଟେ ପ୍ରଶାସନ ଲୋକଙ୍କୁ ଖରାବେଳେ ଘରୁ ବାହାରିବାକୁ ବାରଣ କରୁଥିବା ବେଳେ ପରିବେଶକୁ ଅଧିକ ଉତ୍ତପ୍ତ କରୁଥିବା ଇଟାଭାଟି ବିରୋଧରେ କଠୋର ପଦକ୍ଷେପ ନ ନେବାକୁ ନେଇ ପ୍ରଶ୍ନ ଉଠୁଛି। "ସାଧାରଣ ଲୋକଙ୍କ ପାଇଁ ଗୋଟିଏ ନିୟମ, ଆଉ ପ୍ରଭାବଶାଳୀଙ୍କ ପାଇଁ ଅନ୍ୟ ନିୟମ କି?" ବୋଲି ଲୋକମାନେ ପ୍ରଶାସନକୁ ପ୍ରଶ୍ନ କରୁଛନ୍ତି।

ଏନେଇ ସମ୍ପୃକ୍ତ ତହସିଲଦାରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବେଆଇନ ଇଟାଭାଟି ବନ୍ଦ ପାଇଁ ବ୍ୟବସାୟୀଙ୍କୁ ନୋଟିସ୍ ଦିଆଯାଇଛି। ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଆସିଲେ ଆଇନଅନୁଯାୟୀ କଠୋର ପଦକ୍ଷେପ ନିଆଯିବ।ତେବେ ପ୍ରଶାସନର ଏହି ଆଶ୍ୱାସନ କେବେ ଗ୍ରାସ ରୁଟରେ କାର୍ଯ୍ୟକାରୀ ହେବ, ସେନେଇ ଏବେ ସମସ୍ତଙ୍କ ନଜର ରହିଛି।